

ନଭେମ୍ବରରେ 'ମସ୍ତି-୪'
▶ପୃଷ୍ଠା 9


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-85 THURSDAY 18 SEPTEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୮୫ ଗୁରୁବାର ୧୮ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦





# ନଭେମ୍ବରରେ 'ମସ୍ତି -୪'

ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ମସ୍ତି'ରେ ବିବେକ ଓବେରୟ, ଅଫତାବ ଶିବଦାସନି ଓ ରୀତେଶ ଦେଶମୁଖ ଲିଡ୍ ରୋଲରେ ନଜର ଆସିଥିଲେ। ଏହି ଫିଲ୍ମଟି ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ରିଲିଜ୍ ହୋଇ ସାରିଛି। ଅବଶ୍ୟ ଏହି ସିରିଜ୍‌ର ତୃତୀୟ ଫିଲ୍ମ 'ଗ୍ରେଟ୍ ଗ୍ରାଣ୍ଡ ମସ୍ତି'କୁ ଦର୍ଶକେ ଏତେଟା ପସନ୍ଦ କରି ନ ଥିଲେ। ଆଉ ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ 'ମସ୍ତି ୪' ଆସିବାକୁ ଯାଉଛି। ଏଥିରେ ଲିଡ୍ ରୋଲରେ ରିତେଶ, ବିବେକ ଏବଂ ଅଫତାବ ଦେଖାଯିବେ। ଏବେ ଏହି ଫିଲ୍ମରେ ଅରଶଦ ୱାର୍ଶିଙ୍କର ଏଣ୍ଟ୍ରି ହୋଇଛି। ଅରଶଦଙ୍କ ସହ ଏଥିରେ ନର୍ଗିସ୍ ଫକ୍ରି ମଧ୍ୟ ନଜର ଆସିବେ। ଏହି ଦୁଇ କଳାକାରଙ୍କର ଫିଲ୍ମରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଏହି ସିନେମାରେ ଜେନେଲିଆ ଡିସୁଜା, ତୁଷାର କପୁର ମଧ୍ୟ ଦେଖାଯିବେ। ବ୍ରିଟେନରେ ଏହାର ୪୦ ଦିନ ସୁଟିଂ ଶେଷ ହୋଇଥିବା ବେଳେ ଏବେ ପୋଷ୍ଟ ପ୍ରଡକସନ୍ କାମ ଚାଲିଛି। ସିନେମାର ଏଡିଟିଂ କାମ ବି ଶେଷ ହୋଇଛି। 'ମସ୍ତି-୪'କୁ ଏହି ବର୍ଷ ନଭେମ୍ବର ୨୧ ତାରିଖରେ ରିଲିଜ୍ କରିବା ପାଇଁ ଇନ୍ଦ୍ର କୁମାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର ଟିଜର ଜାରି କରାଯାଇ ଫିଲ୍ମ ରିଲିଜ୍ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ମିଲାପ ଜାଭେରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

# ବିଶ୍ୱ ବାଉଁଶ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରାଯାଏ। ବାଉଁଶ ଗଛର ଉପକାରିତା ତଥା ଏହାକୁ ନେଇ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ। ବାଉଁଶ ଗଛ ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଘର ନିର୍ମାଣ, ଆସବାବପତ୍ର, ହସ୍ତଶିଳ୍ପ ଆଦି ଲାଗି ଲୋକେ ବାଉଁଶ ବ୍ୟବହାର କରନ୍ତି। ବାଉଁଶରେ କୁଲା, ଡାଲା, ଝୁଡ଼ି ସମେତ ବିଭିନ୍ନ ପଶୁପକ୍ଷୀଙ୍କ ଆକୃତି, କପ୍, ପ୍ଲେଟ୍, ପାଣିବୋତଲ ଚାମଚ, ଫୁଲକୁଣ୍ଡ ପେନ୍‌ଷ୍ଟାଣ୍ଡ, ଫଟୋ ଫ୍ରେମ ଆଦି ତିଆରି କରାଯାଉଛି। କେବଳ ସେତିକି ନୁହେଁ, ଆଜିକାଲି ବାଉଁଶ ଗହଣାର ଲୋକପ୍ରିୟତା ବି ଅଧିକ ଦେଖିବାକୁ ମିଳୁଛି। ବାଉଁଶରେ ତିଆରି ହାର, ଝୁମୁକା, ହେୟାର୍ କ୍ଲିପ୍, କାନଫୁଲ ଆଦି ଅଳଙ୍କାରର ଚାହିଦା ବେଶି। ଏବେ କିନ୍ତୁ ମଣିଷ ନିଜ ସ୍ୱାର୍ଥ ପୂରଣ ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ସଫା କରି ନିଜ ପାଇଁ ବାସସ୍ଥାନ ନିର୍ମାଣ କରିବା ଯୋଗୁଁ ଧୀରେ ଧୀରେ ବାଉଁଶ ଗଛ ଲୋପ ପାଇବାରେ ଲାଗିଛି। ସେହିପରି ବାଉଁଶ ଶୀଘ୍ର ବଢ଼ିଥାଏ। ବାଉଁଶ ଶକ୍ତିଶାଳୀ ଏବଂ ନମନୀୟ ମଧ୍ୟ। ସେହିପରି ବାଉଁଶ ଖାଦ୍ୟ, ବାସଗୃହ ଏବଂ ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଭାବେ ଅତୁଳନୀୟ ସାବ୍ୟସ୍ତ ହୋଇଛି। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ହିନ୍ଦୁ ପରମ୍ପରାରେ ଷଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ବାଉଁଶ ଖୋଜା ପଡ଼ିଥାଏ। ସେହିଭଳି ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ଏପରିକି ମଣିଷର ମରଣ ବେଳେ ମଧ୍ୟ ଛ'ଖଣ୍ଡ ବାଉଁଶ କୋକେଇ ଲାଗି ଖୋଜାପଡ଼େ। ତେବେ ୨୦୦୯ ମସିହାରେ ବିଶ୍ୱ ବାଉଁଶ ସଂଗଠନ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ବିଶ୍ୱ ବାଉଁଶ ଦିବସ ପାଳନ ଅବସରରେ ଅଧିକ ସଂଖ୍ୟାରେ ବାଉଁଶ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ। ଏହି ବର୍ଷ ଏହି ଦିବସର ଥିମ୍ ଅଛି 'ବାମ୍ବୋ ଫର୍ ପିପୁଲ, ପ୍ଲାନେଟ୍ ଆଣ୍ଡ କ୍ଲାଇମେଟ୍ ଆକ୍ସନ'।

# କେଶ ବିନ୍ୟାସରୁ ବାୟୁ ପ୍ରଦୂଷଣ




ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ଉତ୍କଟ ସମସ୍ୟା ପାଲଟିଛି। ସେହିପରି ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଥିବା ବେଳେ ହେୟାର୍ ଷ୍ଟାଇଲ ବା କେଶ ବିନ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ବୋଲି କୁହାଯାଉଛି। ପୁର୍ଡୁ ବିଶ୍ୱବିଦ୍ୟାଳୟର ଏକ ନୂତନ ଗବେଷଣାରୁ ଏକଥା ସାମ୍ନାକୁ ଆସିଛି। ତେବେ କେଶକୁ ଆକର୍ଷଣୀୟ ଦେଖାଯିବା ପାଇଁ ବ୍ୟବହାର କରାଯାଉଥିବା ହେୟାର କେୟାର୍ ପ୍ରଡକ୍ଟ ସହ ହିଟିଂ ଟୁଲ୍‌ଗୁଡ଼ିକ ମଧ୍ୟ ବାୟୁ ପ୍ରଦୂଷଣର କାରଣ ହୋଇଥାଏ। ବ୍ୟସ୍ତ ବହୁଳ ସଡ଼କରୁ ଯେତିକି ମାତ୍ରାରେ ବାୟୁ ପ୍ରଦୂଷଣ ହୋଇଥାଏ ଏଗୁଡ଼ିକ ଦ୍ୱାରା ମଧ୍ୟ ସେତିକି ମାତ୍ରାରେ ପ୍ରଦୂଷଣ ହୋଇଥାଏ। ହେୟାର୍ ଷ୍ଟାଇଲ କରିବା ସମୟରେ ୫୦୦ ନାନୋମିଟର ପର୍ଯ୍ୟନ୍ତ କଣିକା ବାହାରେ। ଯାହାକି ମାନବ କେଶଠାରୁ ପ୍ରାୟ ୨୦୦ ଗୁଣ ଛୋଟ। ଏହି କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଏହି ଗବେଷଣା ନିମନ୍ତେ ଏକ ଛୋଟ ଗବେଷଣାଗାର ଡିଜାଇନ୍ କରାଯାଇଥିଲା। ଯାହାର ଉପଯୋଗ ପୂର୍ବରୁ କେଶ ଉତ୍ପାଦରେ ଥିବା ରସାୟନର ବିଶ୍ଳେଷଣ ପାଇଁ କରାଯାଇଥିଲା। ଗବେଷକମାନେ ସାଧାରଣ ହେୟାର୍ ଷ୍ଟାଇଲ ରୁଟିନ୍ ସମୟରେ ହିଟିଂ ଟୁଲ୍‌ର ଉପଯୋଗରୁ ଉତ୍ପନ୍ନ ବାୟୁ ପ୍ରଦୂଷଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ତେବେ ଏହି ଫଳାଫଳରୁ ଜଣାପଡ଼ିଛି ଯେ, ନିୟମିତ ଲୋକେ ବ୍ୟବହାର କରୁଥିବା ହେୟାର କେୟାର ପ୍ରଡକ୍ଟ ଓ ହିଟିଂ ଟୁଲ୍‌ଗୁଡ଼ିକ ବାୟୁକୁ ବିଷାକ୍ତ କରୁଛି। ସେହିପରି ଏହା ଘର ଭିତରର ବାୟୁର ଶୁଦ୍ଧତା ଓ ପ୍ରସାଧାନ ସାମଗ୍ରୀ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛି। ସେହିପରି କର୍ଲିଂ ଆଇରନ ଏବଂ ଷ୍ଟ୍ରେଟନର୍ ଭଳି ଷ୍ଟାଇଲିଂ ଉପକରଣରୁ ନିର୍ଗତ ଉତ୍ତାପ ହେୟାର୍ କେୟାର ଉତ୍ପାଦରେ ସାମିଲ ହେଲେ ଏହା ଅଧିକ କ୍ଷତିକାରକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ଏନଭାଇରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜିରେ ପ୍ରକାଶିତ।

## ଆଜିର ଇତିହାସ

- ୧୮୧୦- ଚିଲି ସ୍ପେନ୍‌ଠାରୁ ସ୍ୱାଧୀନ ହେବାକୁ ଘୋଷଣା କଲା।
- ୧୮୫୧- ନ୍ୟୁୟର୍କ ଟାଇମ୍ସ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହେଲା।
- ୧୯୨୨- ହଙ୍ଗେରୀ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୪୭- ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମକୁ ଲାଗୁ କରାଗଲା।
- ୧୯୮୬- ମୁମ୍ବାଇରେ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୩- ଢାକା ଓ ଅଗରତାଳା ବସ୍ ସେବା ଆରମ୍ଭ ହେଲା।

# ଫୋନ୍ ହାତରୁ ପଡ଼ିଲେ ବଢ଼େ ଚାପ

ସ୍ମାର୍ଟଫୋନ୍ ଏବେ ଆଉ ଏକ ଗ୍ୟାଜେଟ୍ ହୋଇ ରହିନାହିଁ ଏହା ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ଟଙ୍କା ନେଣଦେଣ ଠାରୁ ଆରମ୍ଭ କରି ପାଠପଢ଼ା ସବୁକିଛି କାର୍ଯ୍ୟକୁ ସ୍ମାର୍ଟଫୋନ୍ ବେଶ୍ ସହଜ କରି ଦେଇଛି। ଏହି କାରଣ ଯୋଗୁଁ ଫୋନ୍ ହାତରୁ ଖସି ଗଲେ କି ଭାଙ୍ଗିଗଲେ ମନ ମଧ୍ୟ ଭାଙ୍ଗିଯାଏ। ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି ଯେ, ସ୍ମାର୍ଟଫୋନ୍ ପଡ଼ିଗଲେ କିମ୍ବା ଭାଙ୍ଗି ଗଲେ ୯୫ ପ୍ରତିଶତ ଲୋକ ଚାପରେ ରୁହନ୍ତି। ଏହି ସର୍ଭେ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଦ୍ୱାରା ଭାରତର ଟିୟର-୧ ଏବଂ ଟିୟର-୨ ସହର ଉପରେ କରାଯାଇଥିଲା। ଏଥିରେ ୪,୫୬୪ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ମତାମତ ନିଆଯାଇଥିଲା। ଅନେକ ବ୍ୟବହାରକାରୀ ଏକଥା ସ୍ୱୀକାର କରିଛନ୍ତି, ସେମାନଙ୍କ ଫୋନ୍ ଦିନେ ନା ଦିନେ ପଡ଼ିଛି ଏବଂ ଏହା ପଡ଼ିବା ପରେ ସେମାନେ ବିଚଳିତ ହୋଇଥାନ୍ତି। ଫୋନ୍ ପଡ଼ିବା କୌଣସି ନୂଆ କି ନିଆରା କଥା ନୁହେଁ। ହେଲେ ଯେତେବେଳେ ବି ଫୋନ୍ ପଡ଼େ ଲୋକଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଉଥିବା ସେମାନେ କହିଛନ୍ତି। ଫୋନ୍ ଭାଙ୍ଗିଗଲେ ୭୯ ପ୍ରତିଶତ ଲୋକ ନୂଆ ଫୋନ୍ ସଉକରେ ନୁହେଁ, ବରଂ ବାଧ୍ୟବାଧକତାରେ କିଣିଥାନ୍ତି। ଯାହାକୁ ସେମାନେ ଅଯଥା ଖର୍ଚ୍ଚ ବୋଲି ଭାବନ୍ତି। ତେବେ ଫୋନ୍ ଭାଙ୍ଗିଲେ ମାନସିକ ଅବସାଦ ସହିତ ଆର୍ଥିକ ବୋଝ ମଧ୍ୟ ଉଠାଇବାକୁ ପଡ଼ିଥାଏ ବୋଲି ବ୍ୟବହାରକାରୀ କହିଛନ୍ତି। କାରଣ ନୂଆ ଫୋନ୍ ଇଏମ୍ଆଇ ନଚେତ ସଞ୍ଚିତ ଅର୍ଥରୁ ହିଁ କିଣିବାକୁ ପଡ଼େ। ଏହାବାଦ୍ ଆଜିକାଲି ଫୋନ୍‌ରେ ପ୍ରତ୍ୟେକ ଜିନିଷ ରହୁଛି। ତେଣୁ ଅଚାନକ ଫୋନ୍ ବନ୍ଦ ହୋଇଗଲେ କିମ୍ବା ଖରାପ ହୋଇଗଲେ ଜୀବନର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁଦିନ ପାଇଁ ନଷ୍ଟ ହୋଇଯିବା ଭାବି ୮୯ ପ୍ରତିଶତ ବ୍ୟବହାରକାରୀ ଭୟରେ ରୁହନ୍ତି। ସେହିପରି ଏକ ତୃତୀୟାଂଶ ବ୍ୟବହାରକାରୀ ଫୋନ୍ ମରାମତିରେ ୫ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଏହା ମଧ୍ୟ ଫୋନ୍ ପଡ଼ିବା ଭୟର ଅନ୍ୟତମ କାରଣ। ଅନ୍ୟପଟେ ଫୋନ୍‌କୁ ସୁରକ୍ଷିତ ରଖିବା ପାଇଁ କଭର୍ ଓ ସ୍କ୍ରିନ୍ ଗାର୍ଡ ରହିଛି। ହେଲେ ୭୮ ପ୍ରତିଶତ ବ୍ୟବହାରକାରୀ ଫୋନ୍‌କୁ ଅଧିକ ଷ୍ଟାଇଲିସ୍ ଦେଖାଇବା ପାଇଁ ଏହି ସୁରକ୍ଷା ଉପକରଣ ବ୍ୟବହାର କରନ୍ତି ନାହିଁ। କାରଣ ଏହା ଫୋନ୍‌ର ସୁନ୍ଦରତାକୁ କମ୍ କରିଥାଏ। ଏହି କାରଣରୁ ଫୋନ୍ ତଳେ ପଡ଼ି ଭାଙ୍ଗିଗଲେ ସେମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି।



# ୩୦ ବର୍ଷ ପରେ ସମାନ ପୋଷାକରେ ଫେରିଲେ



ବିଶ୍ୱରେ ପ୍ରତିବର୍ଷ ହଜାର ହଜାର ଲୋକ ନିଖୋଜ ହୋଇଯାଆନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ଟେଲିଭିଜନ, ଖବରକାଗଜ ଆଦିରେ ବିଜ୍ଞାପନ ଦିଆଯାଏ। କିଛି ବ୍ୟକ୍ତିଙ୍କ ପତ୍ତା ମିଳିଥାଏ, ଆଉ କିଛି ଲୋକ ସାରା ଜୀବନ ନିଖୋଜ ହୋଇ ରହିଯାଆନ୍ତି। ରୋମାନିଆର ଭେଜିଲେ ଗରଗୋ ନାମକ ବ୍ୟକ୍ତି ହଜିବାର ୩୦ ବର୍ଷ ପରେ ଘରକୁ ଫେରିଆସି ଚର୍ଚ୍ଚାରେ ରହିଛନ୍ତି। ଅନେକ ଲୋକ ଘରୁ ପଳାଇ ଯିବାର ୨୦ରୁ ୩୦ ବର୍ଷ ପରେ ଘରକୁ ଫେରୁଥିବାବେଳେ ଭେଜିଲେଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି ସେ ୩୦ ବର୍ଷ ତଳେ ଯେଉଁ ପୋଷାକ ପିନ୍ଧି ନିଖୋଜ ହୋଇ ଯାଇଥିଲେ ସେହି ପୋଷାକରେ ହିଁ ଫେରି ଆସିଛନ୍ତି। ୩୦ ବର୍ଷ ପୂର୍ବେ ଭେଜିଲେ ଗୋପାଳନ କରୁଥିଲେ। ସେ ୧୯୯୧ ମସିହାରେ ତାଙ୍କ ବ୍ୟବସାୟ ସମ୍ପର୍କୀୟ କିଛି କାର୍ଯ୍ୟ ପାଇଁ ଘରୁ ବାହାରିଥିଲେ। ସେତେବେଳେ ତାଙ୍କୁ ୬୬ ବର୍ଷ ହୋଇଥିଲା। ସବୁଦିନ ଯେମିତି ସେ ଘରୁ ଯାଆନ୍ତି ସେଦିନ ବି ସେଭଳି ବାହାରିଥିଲେ। ସେ ଘରକୁ ଫେରିବା ଟିକେଟ ମଧ୍ୟ କରିଥିଲେ। ଘରକୁ କିନ୍ତୁ ଭେଜିଲେ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ଥାନାରେ ଏନେଇ ଏତଲା ଦେଇଥିଲେ। ତାଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ମଧ୍ୟ ଚଳାଇଥିଲେ। ବହୁ ବର୍ଷ ପରେ ତାଙ୍କ ପରିବାର ଲୋକେ ଭେଜିଲେଙ୍କର ମୃତ୍ୟୁ ହୋଇ ଯାଇଥିବା ଭାବିନେଲେ। ଭେଜିଲେ ନିଖୋଜ ହେବାର ୩୦ ବର୍ଷ ପରେ ପୁଣି ଥରେ ତାଙ୍କ ଘରକୁ ଫେରି ଆସିଥିଲେ। ତେବେ ଭେଜିଲେ ଫେରି ଆସିବା ପରେ ତାଙ୍କ ପରିବାର ଲୋକଙ୍କ ମନରେ ଅନେକ ପ୍ରଶ୍ନ ଆସିଥିଲା। ତାଙ୍କୁ ଏକ କାର୍ ଆଣି ଘରେ ଛାଡ଼ି ଦେଇଥିଲା। କାର୍‌ଟି ଏତେ ଦ୍ରୁତ ଗତିରେ ଆସିଥିଲା ଯେ ପରିବାର ଲୋକେ ତା'ର ନମ୍ବର ମଧ୍ୟ ଦେଖିପାରି ନଥିଲେ। ତେବେ ଭେଜିଲେ ତାଙ୍କର ଯେଉଁ ପରିଚୟ ପତ୍ର ୩୦ ବର୍ଷ ତଳେ ରଖିଥିଲେ ଫେରି ଆସିବା ପରେ ତାହା ତାଙ୍କ ପାଖରେ ଥିଲା। ୩୦ ବର୍ଷ ତଳେ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ଯେଉଁ ଟିକଟ ସେ କିଣିଥିଲେ ତାହା ମଧ୍ୟ ଭେଜିଲେଙ୍କ ନିକଟରୁ ମିଳିଥିଲା। ପରିବାର ଲୋକେ ଭେଜିଲେଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର କହିଥିଲେ। କେବଳ ବୟସାଧିକ ଯୋଗୁ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ କିଛିଟା ପରିବର୍ତ୍ତନ ଦେଖାଯାଇଥିଲା। ତେବେ ଭେଜିଲେ ଫେରି ଆସିବା ପରେ ବହୁତ କିଛି ତାଙ୍କର ମନେଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ହେଲେ ସେ ତାଙ୍କ ପୁଅଝିଅକୁ ଫେରି ଆସିବା ପରେ ଚିହ୍ନି ପାରି ନ ଥିଲେ। ଭେଜିଲେଙ୍କ ପୁଅ କୁହନ୍ତି, 'ଏତେ ଦିନ ଧରି ବାପା କେଉଁଠି ଥିଲେ, କିଏ ତାଙ୍କୁ ରଖିଥିଲା, କାମ କରିବାକୁ ତାଙ୍କୁ ଜୋରଜବରଦସ୍ତ କରାଯାଉଥିଲା କି ନାହିଁ, ଏମିତି ଅନେକ ପ୍ରଶ୍ନ ପଚାରିଲେ ବି ସେ କିଛି କହିପାରୁ ନାହାନ୍ତି। କେବଳ ଗୋଟିଏ କଥା କହୁଛନ୍ତି ସେ ଗୋଟିଏ ଘରେ ଥିଲେ।' ଭେଜିଲଙ୍କେ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ବିଦ୍ୟୁତ୍ ଝଟ୍‌କା ଦେଉଥିବା ମାଛ



ନଦୀ ତଥା ସମୁଦ୍ରରେ ବିଭିନ୍ନ ପ୍ରଜାତିର ମାଛ ଦେଖାଯାନ୍ତି। ପ୍ରତ୍ୟେକ ପ୍ରଜାତି ମାଛର ନିଜସ୍ୱ ବିଶେଷତ୍ୱ ରହିଥାଏ। ତନ୍ମଧ୍ୟରୁ କିଛି ମାଛ ମଣିଷମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇଥାନ୍ତି। ଏମିତି ଏକ ବିରଳ ଓ ବିପଜ୍ଜନକ ମାଛ ହେଉଛି ଇଲ୍। ଏହି ମାଛ ଏତେ ଭୟାନକ ଯେ, ଏହାର ଝଟ୍‌କାରେ କୁମ୍ଭୀରଟିଏ ବି ମରିଯାଏ। ଇଲ୍ ମାଛ ଦେହରେ ହାଇଭୋଲଟେଜ୍ କରେଣ୍ଟ ଅଛି। ଜୀବନ ପ୍ରତି ବିପଦ ଅଛି ଆଶଙ୍କା କଲେ ଇଲ୍ ମାଛ ୮୬୦ ଭୋଲ୍‌ଟର କରେଣ୍ଟ ଛାଡ଼ିଥାଏ। ଏହି ମାଛ କରେଣ୍ଟ ଦ୍ୱାରା ଶିକାର କରିବା ସହ ଏହାରି ସାହାଯ୍ୟରେ ନିଜ ଜୀବନ ମଧ୍ୟ ରକ୍ଷା କରିଥାଏ। ଇଲ୍ ମାଛ ତା'ର ଶରୀରରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ କରି ଝଟ୍‌କା ଦେଇଥାଏ। ଏହି ମାଛ ତାର ବିଦ୍ୟୁତ୍ ଝଟ୍‌କାରେ ମଣିଷକୁ ବେହୋସ କରିଦେଇପାରେ। ତେବେ ବୈଜ୍ଞାନିକମାନଙ୍କର କହିବା କଥା, ଇଲ୍ ମାଛରେ କିଛି ସ୍ୱତନ୍ତ୍ର କୋଷିକା ଅଛି, ଯାହାକୁ ଇଲେକ୍ଟ୍ରୋସାଇଟସ୍ କହନ୍ତି। ଏଥିରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ ହୁଏ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।



## ମନ୍ଧାନାଙ୍କ ରେକର୍ଡ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-85 ♦THURSDAY ♦18 SEPTEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୮୫ ♦ଗୁରୁବାର ♦୧୮ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

# ବିରୋଧୀଙ୍କ ଶସ୍ତ୍ର ନାରୀ-ସାର-ରଙ୍ଗ



### ସରକାରଙ୍କ ପାଇଁ ସହଜ ହେବନାହିଁ ଅଧିବେଶନ

### ଗୃହରେ ଅନାସ୍ଥା ପ୍ରସ୍ତାବ ଆଣିବ ବିରୋଧୀ କଂଗ୍ରେସ

■ **ଭୁବନେଶ୍ୱର, ୧୭।୯ (ସମିସ):** ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ୍ ମୌସୁମୀ ଅଧିବେଶନ। ୭ ଦିନିଆ ଏହି ସଂକ୍ଷିପ୍ତ ଅଧିବେଶନରେ ସରକାରଙ୍କୁ ଘେରିବା ଓ ଅକଳରେ ପକାଇବା ପାଇଁ ଉଭୟ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ । ଗତ ବଜେଟ ଅଧିବେଶନରୁ ମୌସୁମୀ ଅଧିବେଶନ ମଧ୍ୟରେ ରାଜ୍ୟରେ ଘଟିଥିବା ଅନେକ ଘଟଣା ପାଇଁ ସରକାର ବେଶ୍ ଅଡୁଆ ସ୍ଥିତିର ସାମ୍ନା କରିଛନ୍ତି। ରାଜ୍ୟରେ ମହିଳା ସୁରକ୍ଷା ଏବଂ ଦୁଷ୍କର୍ମ ମାମଲା ପାଇଁ ଓଡ଼ିଶାକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିନ୍ଦିତ ହେବାକୁ ପଡ଼ିଛି। ଏହାବ୍ୟତୀତ ରାଜ୍ୟରେ ସାରର ଉତ୍କଟ ଅଭାବ, ଧାନର କଟନୀଛଟନୀ, ଚାଷୀ ପଞ୍ଜୀକରଣ, ପଞ୍ଚାୟତ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧି, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିବେ ବିରୋଧୀ। ବୁଧବାର ସନ୍ଧ୍ୟାରେ ଦୁଇ ପାର୍ଟିର ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି ଓ ସରକାରଙ୍କୁ ଭେଦ କରିବା ପରି ଅଭେଦ୍ୟ ତୀରକୁ ଦୁଇ ଦଳ ପ୍ରସ୍ତୁତ କରି ରଖିଛନ୍ତି। ଏହି ସମୟରେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ କଂଗ୍ରେସର ଘୋଷଣା ସରକାରଙ୍କୁ ଗଳଦଘର୍ମ କରିଛି।

ଗତ ୩ରୁ ୪ ମାସ ମଧ୍ୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିପାରନ୍ତି। ପ୍ରମୁଖ ସମସ୍ୟା ବ୍ୟତୀତ ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଅଟକିବା, ରଥଯାତ୍ରା ବିଭ୍ରାଟ ଆଦି ପ୍ରସଙ୍ଗରେ ମଧ୍ୟ ଗୃହ କମ୍ପିବା ନେଇ ଅନୁମାନ କରାଯାଉଛି।

ଅନୁରୂପ ଭାବରେ ପୋଲାଭରମ୍ ପ୍ରକଳ୍ପ ଶୀଘ୍ର କାର୍ଯ୍ୟାନ୍ୱୟନ ହେବା ପାଇଁ କେନ୍ଦ୍ର ସରକାର ବଜେଟରେ ଅର୍ଥ ଆବଣ୍ଟନ କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ସରକାରଙ୍କ 'ଆପୋସ' ସଂଜ୍ଞାକୁ ନେଇ ରାଜ୍ୟରେ ବିଭ୍ରାନ୍ତି ସୃଷ୍ଟି ହୋଇଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ମଧ୍ୟ ନିଜ ଆଡୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ପ୍ରଥମ କିସ୍ତି ପରେ ସୁଭଦ୍ରାରେ ଲକ୍ଷଲକ୍ଷ ମହିଳା ବାଦ ପଡ଼ିଛନ୍ତି ଓ ସରକାର ଗଠନର ୧୪ ମାସ ପରେ ବି ବିକାଶମୂଳକ କାମ ଏକପ୍ରକାର ବାଟ ହୁଡ଼ିଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଢାଞ୍ଚାରେ ସରକାର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ ହେଁ ଏଥିପାଇଁ ଅନୁଦାନ ମିଳୁନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ଅଣାୟତ୍ତ ହୋଇଛି। ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଥିବା ।।ବେଳେ ସରକାର କେବଳ ରଙ୍ଗ ଓ ନାମ ବଦଳ ରାଜନୀତିରେ ଲିପ୍ତ ଅଛନ୍ତି । ଅପରପକ୍ଷେ ୧୫ ମାସ ବିତିଥିବା ବେଳେ ପ୍ରଶାସନିକ ସ୍ଥାଣୁତା, ମନ୍ତ୍ରୀ, ସଚିବଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଗୋଟିଏ ମନ୍ତ୍ରୀଙ୍କର ଅନ୍ୟ ବିଭାଗରେ ଅଯଥା ହସ୍ତକ୍ଷେପ, ବିବାଦୀୟ ମନ୍ତବ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ତେଣୁ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି କରିବ ବୋଲି ▶ପୃଷ୍ଠା-୭

## କଠୋର ଆଭିମୁଖ୍ୟ ଗ୍ରହଣ କରିବ ଦଳ: ନବୀନ





### ବିଜେଡି ବିଧାୟକ ଦଳ ବୈଠକ

### ମହିଳା ସୁରକ୍ଷା, ସାର ଅଭାବ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧିକୁ ମୁଖ୍ୟ ପ୍ରସଙ୍ଗ କରିବ ବିଜେଡି

### ମିଛ ପ୍ରଚାର ବ୍ୟତୀତ ସବୁ କ୍ଷେତ୍ରରେ ବିଫଳ ରାଜ୍ୟ ସରକାର

■ **ଭୁବନେଶ୍ୱର, ୧୭।୯ (ସମିସ):** ଗତ ସାଢ଼େ ତିନି ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମିଛ ପ୍ରଚାର ବ୍ୟତୀତ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ଏସବୁ ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ନିଜ ସ୍ୱର ଶାଣିତ କରିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହାସହ ଚାଷୀ, ମହିଳା, ପଞ୍ଚାୟତିରାଜ ବ୍ୟବସ୍ଥା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବିଧାନସଭାରେ କଠୋର ଆଭିମୁଖ୍ୟ ନେଇ କାମ କରିବ ବୋଲି ବିରୋଧୀ ଦଳ ନେତା ବିଧାୟକଙ୍କୁ ପରାମର୍ଶ ଦେଇ କହିଛନ୍ତି। ବୁଧବାର ସନ୍ଧ୍ୟାରେ ବିଜେଡିର ବିଧାୟକ ଦଳ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଧାନସଭାର ମୌସୁମୀ ଅଧିବେଶନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ଗତ ସାଢ଼େ ୩ ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ▶ପୃଷ୍ଠା-୭

# ୭୬ ବର୍ଷରେ ମୋଦୀ



### ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କ ଶୁଭେଚ୍ଛା ଜ୍ଞାପନ

■ **ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି):** ବୁଧବାର ନିଜର ୭୫ତମ ଜନ୍ମ ଦିବସ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ତାଙ୍କୁ ସାରା ବିଶ୍ୱରୁ ଅଭିନନ୍ଦନର ସୁଅ ଛୁଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫୋନ୍ କରି ୭୫ ତମ ଜନ୍ମଦିନର ଅଭିନନ୍ଦନ ଜଣାଇଛନ୍ତି। ସେହିପରି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ମିଆଁମାର ରାଷ୍ଟ୍ରପତି ମିନ ଅଙ୍ଗ୍ ହଲାଇଙ୍ଗ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, ବ୍ୟବସାୟୀ ବିଲ୍ ଗେଟ୍ସ, ଫୁଟବଲ ତାରକା ଲିଓନେଲ ମେସି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ଅନୁରୂପ ଭାବରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୋଦୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଜେପିର ଅନେକ ବରିଷ୍ଠ ମନ୍ତ୍ରୀ ଏବଂ ନେତା ପ୍ରଧାନମନ୍ତ୍ରୀଙ୍କ ସହିତ ଜଡିତ ବିଭିନ୍ନ କାହାଣୀ ସେୟାର କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ନେତା ଶଶୀ ଥରୁର, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ▶ପୃଷ୍ଠା-୭

### ୧୯୮୭ ପରେ ଜନ୍ମିତ ଭୋଟରଙ୍କ ପାଇଁ ଇସିଆଇଙ୍କ ସର୍ତ୍ତ

# ବାପା-ମା'ଙ୍କ ଜନ୍ମ ଓ ସ୍ଥାନ ପ୍ରମାଣପତ୍ର ଦେବା ଜରୁରୀ

### ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ

■ **ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି):** ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ବିରୋଧରେ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିରୋଧୀ ବିକ୍ଷୋଭ କରୁଛନ୍ତି। ଏହା ମାଧ୍ୟମରେ ନିର୍ବାଚନ କମିସନ ଜାଲିଆତି କରି ସରକାରଙ୍କୁ ସମର୍ଥନ ଦେଉଥିବା ଅଭିଯୋଗ ଲଗାଇଛନ୍ତି। ଏହାସତ୍ତ୍ୱେ ସାରା ଦେଶରେ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାଚନ କମିସନ (ଇସି) ଘୋଷଣା କରିଛନ୍ତି। ଏହି ମାମଲା ମଧ୍ୟ ସୁପ୍ରିମକୋର୍ଟରେ ଚାଲିଛି। ପ୍ରକ୍ରିୟାରେ ତ୍ରୁଟି ଥିବା ଜଣା ପଡ଼ିଲେ ସମ୍ପୂର୍ଣ୍ଣ ଏସଆଇଆରକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଏସ୍‌ଆଇଆରକୁ ନେଇ କମିସନ୍ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଦେଶ ଅଧିକାଂଶ ରାଜ୍ୟର ଅଧାରୁ ଅଧିକ ଭୋଟରଙ୍କୁ କୌଣସି ପ୍ରକାରର ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। କାରଣ ଏଭଳି ଭୋଟରଙ୍କ ନାମ ପୂର୍ବରୁ ହୋଇଥିବା ଏସଆଇଆର ଭୋଟର ତାଲିକାରେ ▶ପୃଷ୍ଠା-୭

## ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ

■ **ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି):** ଏଥର ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ବାଲଟ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ। ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଏବଂ ଫଟୋର ଆକାର ମଧ୍ୟ ବଡ଼ କରାଯିବ। ପ୍ରାର୍ଥୀଙ୍କ ନାମକୁ ଭୋଟର ଭଲ ଭାବେ ପଢ଼ିବା ଏବଂ ଦେଖିବା ପାଇଁ ଏହି ସଂଶୋଧନ କରାଯାଉଛି। ବିହାର ବିଧାନସଭା ନିର୍ବାଚନରୁ ନିର୍ବାଚନ କମିସନ ଏହା ଆରମ୍ଭ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ ଇଭିଏମ ବାଲଟ ପେପରରେ ସବୁ ପ୍ରାର୍ଥୀଙ୍କ ନାମ, ନିର୍ବାଚନୀ ଚିହ୍ନ ଏବଂ ଫଟୋ ରହିଥାଏ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ୧୯୬୧ର ନିୟମ ▶ପୃଷ୍ଠା-୭

# ଓଏଭି ଦିଶାହୀନ

## ୮୨ ପ୍ରତିଶତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ

### ମୋଟ ଶିକ୍ଷକ ପଦରୁ ୩୮ ପ୍ରତିଶତ ଖାଲି

### ଆର୍ଟ ଓ ସଂଗୀତ ଶିକ୍ଷକ ସଂଖ୍ୟା ସର୍ବନିମ୍ନ

### ୬୬୩ ଟିଜିଟି, ୮୯୧ ପିଜିଟି ପଦ ଖାଲି

### ୩୧୫ ସ୍କୁଲରେ ମାତ୍ର ଜଣେ ଲାଇବ୍ରେରିଆନ

■ **ଭୁବନେଶ୍ୱର, ୧୭।୯ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ଖାଲି ପଡ଼ିଛି ଅଧ୍ୟକ୍ଷ ଓ ଶିକ୍ଷକ ପଦ ଖାଲି। ଅର୍ଦ୍ଧାଧିକ ବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ବିଭିନ୍ନ ବିଷୟରେ ପାଠ ପଢ଼ାଇବାକୁ ମଧ୍ୟ ଶିକ୍ଷକ ନାହାନ୍ତି। ୩୮ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରିକି ନିୟମିତ ଅଧ୍ୟକ୍ଷ ନ ଥିବାରୁ ପ୍ରଶାସନିକ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଛି। ଫଳରେ ରାଜ୍ୟର ଏହି ଅନନ୍ୟ ଏବଂ ପ୍ରଥମ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ଲକ୍ଷ୍ୟଭ୍ରଷ୍ଟ ହେଉଛି। କୌତୂହଳର କଥା ହେଉଛି ୩୧୫ଟି ବିଦ୍ୟାଳୟରେ ମାତ୍ର ଜଣେ ଲାଇବ୍ରେରିଆନ୍ ନିଯୁକ୍ତ ହୋଇଛନ୍ତି।

ରାଜ୍ୟରେ ମୋଟ୍ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସହିତ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍‌ଏଭି) ରହିଛି। ସମୁଦାୟ ୩୨୦ଟି ବିଦ୍ୟାଳୟ ମଧ୍ୟରୁ ୨୬୫ଟି ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଅର୍ଥାତ୍ ୮୨ ପ୍ରତିଶତ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ସେହିପରି ମୋଟ୍ ୭୩୭୦ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୨୮୦୫ଟି ପଦ ଖାଲି ପଡ଼ିଛି। ଶିକ୍ଷା ସହିତ ପିଲାଙ୍କୁ କଳା କ୍ଷେତ୍ରରେ ମଧ୍ୟ ଦକ୍ଷ କରିବା ପାଇଁ ଆର୍ଟ ଓ ସଂଗୀତ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ହେଲେ ଏସବୁ ବାଟବଣା ହୋଇଛି। ୩୧୪ଟି ଲେଖାଏଁ ପଦରୁ ୧୦୧ଟି ଆର୍ଟ ଶିକ୍ଷକ ଖାଲି ପଡ଼ିଥିବା ବେଳେ ୨୩୪ଟି ସଂଗୀତ ଶିକ୍ଷକ ପଦରେ କେହି ନାହାନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପଠନ କ୍ଷମତା ବଢ଼ାଇବା ଏକାଧିକ ପଦକ୍ଷେପ ନିଆଯାଉଥିବା ବେଳେ ପିଲାଙ୍କୁ ବହି ଯୋଗାଇବାକୁ ଉଦ୍ଦିଷ୍ଟ ଲାଇବ୍ରେରିଆନ୍ ପଦ ମଧ୍ୟ ଫାଙ୍କା ରହିଛି। ୩୧୫ଟି ଓଏଭିରେ ମାତ୍ର ଜଣେ ଲାଇବ୍ରେରିଆନ୍ ନିଯୁକ୍ତ ହୋଇଥିବା ବେଳେ ୩୧୪ଟିରେ କେହି ନାହାନ୍ତି। ୬୬୩ଟି ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ଏବଂ ୮୯୧ଟି ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ମଧ୍ୟ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ଏକ ପ୍ରକାର ବାଟବଣା ହୋଇ ଯାଇଛି। ୮୨ ପ୍ରତିଶତ ବିଦ୍ୟାଳୟରେ ଅଧ୍ୟକ୍ଷ ଏବଂ ୩୮ ପ୍ରତିଶତ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ସମସ୍ତ ପଦ ପୂରଣ କରି ଶିକ୍ଷାଦାନ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

# ପୁଲିସ ପଞ୍ଝାରେ ୩ ବନ୍ଧୁକ ମାଫିଆ



### ୮ ବନ୍ଧୁକ, ୧୦ ମାଗାଜିନ୍, ୩୪ ଗୁଳି ଜବତ

### ବନ୍ଧୁକ କାରବାର ପାଇଁ ୯ ବିବାହ କରିଛି ଟିପୁ

■ **ଭୁବନେଶ୍ୱର, ୧୭।୯ (ସମିସ):** ଚୋରା ବନ୍ଧୁକ କାରବାର ବେଳେ ଜଣେ ଝାଡ଼ଖଣ୍ଡୀ ମାଫିଆଙ୍କ ସହ ୩ ଜଣଙ୍କୁ ଗିରଫ କରିଛି ପୁଲିସ ସ୍ୱତନ୍ତ୍ର ଅପରାଧ ଶାଖା। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହରଦଗାର ଟିପୁ ଓରଫ୍ ମହେଶ କୁମାର ସାହା (୫୦), ଜଙ୍କିଆ ଥାନା ଗୟାବନ୍ଧର ଫିରୋଜ ଅଲ୍ଲୀ ଖାନ ଓରଫ୍ ବୁଲୁ (୫୩) ଓ ଖୋର୍ଦ୍ଧା ସଦର ଥାନା ଦେଉଳ ଟାଙ୍ଗୀର ଏମଡି ସକାବତ (୪୮)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ସକାଳେ ମୈତ୍ରୀ ବିହାର ଥାନା ଅଞ୍ଚଳରେ ବନ୍ଧୁକ ଡିଲ୍ ଚାଲିଥିବା ବେଳେ ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ହାତିଆଣୁଣୀରେ ଚଢ଼ଉ କରିଥିଲା। ସେଠାରେ ଟିପୁ, ବୁଲୁ ଓ ସକାବତଙ୍କ ଠାରୁ ୮ଟି ବନ୍ଧୁକ, ୧୦ଟି ମାଗାଜିନ୍ ଓ ୩୪ଟି ଜୀବନ୍ତ ଗୁଳି ମିଳିଥିଲା। ଏଥିସହିତ ୪ଟି ମୋବାଇଲ ଫୋନ, ୩ଟି କାର ଓ ୨୪୦୦ ଟଙ୍କାକୁ ପୁଲିସ ଜବତ କରିଥିଲା। ବୁଲୁ ଓ ସକାବତ ମିଶି ଝାଡ଼ଖଣ୍ଡରୁ ବନ୍ଧୁକ ଅର୍ଡର କରିଥିଲେ। ସେଥିପାଇଁ ଅଗ୍ରୀମ ଟଙ୍କା ମଧ୍ୟ ଦେଇଥିଲେ। ଟଙ୍କା ପାଇବା ପରେ ଟିପୁ ଝାଡ଼ଖଣ୍ଡରୁ ବନ୍ଧୁକ ଆଣି ଓଡ଼ିଶା ଆସିଥିଲା। ଏଠାରେ ଡିଲ୍ ▶ପୃଷ୍ଠା-୭

### କନେଷ୍ଟବଳ ନିଖୋଜ ଘଟଣାର ପର୍ଦ୍ଦାଫାସ୍

## ବୀମା ଅର୍ଥ ପାଇଁ ପିଶାଚ ସାଜିଲା କନେଷ୍ଟବଳ ସ୍ୱାମୀ

# ରାଜଧାନୀରେ ମାରିଲା, ଘଟଗାଁରେ ପୋତିଲା

### ୧୧ ଦିନ ପରେ ଗଳିତ ଶବ ଜବତ; ୩ ଗିରଫ





### ସନ୍ଦେହ ଘେରରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ; ମିଳିଥିଲା ୧ କୋଟିର ଦୁର୍ଘଟଣା ବୀମାରାଶି

### ଆଉ କୋଟିଏ ଟଙ୍କା ପାଇଁ ଶୁଭମିତ୍ରାଙ୍କୁ ହତ୍ୟା ସନ୍ଦେହ

■ **ଭୁବନେଶ୍ୱର, ୧୭।୯ (ସମିସ):** ରାଜଧାନୀରୁ ନିଖୋଜ ହେବାର ୧୧ ଦିନ ପରେ ଘଟଗାଁ ଜଙ୍ଗଲ ମାଟିତଳୁ ମିଳିଛି ମହିଳା କନଷ୍ଟେବଳ ଶୁଭମିତ୍ରାଙ୍କ ଗଳିତ ଶବ। କମିଶନରେଟ ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଳ ଦୀପକ ରାଉତ ସମ୍ପୃକ୍ତ ମହିଳା କନଷ୍ଟେବଳଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁରେ ପୋତିଥିବା ପ୍ରମାଣ ମିଳିଛି। ନିଖୋଜ ଓ ଅପହରଣ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ପୁଲିସ ଅଣଦେଖାର ମୂଲ୍ୟ ଶୁଭମିତ୍ରା ଓ ତାଙ୍କ ପରିବାରକୁ ଦେବାକୁ ପଡ଼ିଛି। ପ୍ରଥମ ପତ୍ନୀଙ୍କ ଦୁର୍ଘଟଣାଜନିତ ସନ୍ଦିଗ୍ଧ ମୃତ୍ୟୁ ପରେ କୋଟିଏ ଟଙ୍କାର ବୀମା ପାଇଥିବା କମିଶନରେଟ ପୁଲିସର କନଷ୍ଟେବଳ ଦୀପକ ରାଉତ ପୁଣି କୋଟିଏ ଟଙ୍କା ବୀମାରାଶି ହାତେଇବାକୁ କନଷ୍ଟେବଳ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ କମିଶନର୍ ସୁରେଶ ଦେବଦତ୍ତ ସିଂହଙ୍କ କାର୍ଯ୍ୟାଳୟର ଜଣେ ପୁଲିସ କର୍ମଚାରୀ ଏହି ଘଟଣାରେ ଜଡ଼ିତ ଥିବା ପୁଲିସର ଭୂମିକା ଓ ଚରିତ୍ରକୁ ସନ୍ଦେହରେ ପକାଇଛି। ୧୦ଲକ୍ଷ ଟଙ୍କା ନେଣଦେଣ ପାଇଁ ଉଭୟଙ୍କ ମଧ୍ୟରେ କଳିରୁ ଏହି ହତ୍ୟା ଘଟିଥିବା ▶ପୃଷ୍ଠା-୭

### କେତୋଟି ଅବୋଧ ପ୍ରଶ୍ନ

- ଅପହରଣ ପରିବର୍ତ୍ତେ ନିଖୋଜ ମାମଲା ରୁଜୁ ହେଲା କାହିଁକି ?
- ତଦନ୍ତରେ ପୁଲିସର ଅବହେଳା ପଛରେ କେଉଁ ରହସ୍ୟ ରହିଛି?
- ଦୀପକ ରାଉତକୁ ସୁରକ୍ଷା ଦେବାରେ କମିଶନରେଟ ପୁଲିସର ଭୂମିକା?

## ଗୃହ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ: ନବୀନ



■ **ଭୁବନେଶ୍ୱର, ୧୭।୯ (ସମିସ):** କମିଶନରେଟ ପୁଲିସରେ କାର୍ଯ୍ୟରତ ୨୫ ବର୍ଷୀୟ ମହିଳା କନେଷ୍ଟବଳ ରାଜଧାନୀରୁ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମିଳିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ତାଙ୍କୁ ଅତ୍ୟନ୍ତ ବ୍ୟଥିତ ଓ ଚକିତ କରିଥିବା ଉଲ୍ଲେଖ କରି ଗୃହ ବିଭାଗ କୁମ୍ଭକର୍ଣ୍ଣ ନିଦରୁ ଉଠୁ ବୋଲି ନବୀନ କହିଛନ୍ତି। 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ସାରି ଘରକୁ ଫେରି ନ ଥିଲେ। ତାଙ୍କ ମାଆ ୭ ▶ପୃଷ୍ଠା-୭

# ଏସ୍‌ପି ଅଫିସ ସମ୍ମୁଖରେ ମହିଳା ବିଜେଡିର ବିକ୍ଷୋଭ

ଅନୁଗୋଳ, ୧୭।୯ (ସମିସ)




ରାଜ୍ୟରେ ମହିଳାମାନଙ୍କ ବିରୋଧରେ ସମ୍ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନଜନକ ପରିସ୍ଥିତିର ପ୍ରତିବାଦରେ ବିଜୁ ମହିଳା ଜନତା ଦଳର ସଦସ୍ୟାମାନେ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜୁ ମହିଳା ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟରେ ଘଟୁଥିବା ମହିଳା ବିରୋଧୀ ଲୋମହର୍ଷଣକାରୀ ଘଟଣାଗୁଡ଼ିକ ତର୍ଜମା କଲେ ଜଣାଯାଉଛି, ଓଡ଼ିଶାର ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ସାମାଜିକ ତଥା ଆର୍ଥିକ ଅସମାନତା, ଅସୁରକ୍ଷିତତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତା ଦେଖାଦେଇଛି। ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ଆଜିର ସରକାର ସମୟରେ ଏକ ନିରନ୍ତର ସମସ୍ୟାରେ ପରିଣତ ହୋଇଛି। ଗତ ସେପ୍ଟେମ୍ବର ୭ ତାରିଖ ଅନୁଗୋଳ ବ୍ଲକ ଶ୍ୟାସୁନ୍ଦରପୁର ଗ୍ରାମରେ ଜଣେ ନାବାଳିକାଙ୍କ ଗଳିତ ମୃତଦେହ ଠାବ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ହେଲେ ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହିଁ। ସେହିପରି ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ। ସୋସିଆଲ ମିଡିଆ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କ ହସ୍ତକ୍ଷେପ ପାଇଁ ଆକୁଳ ନିବେଦନ କରିଥିଲେ। କିନ୍ତୁ ପରିତାପର ବିଷୟ, କେହି ବି ତାଙ୍କୁ ସୁରକ୍ଷା ନ ଦେବାରୁ ଶେଷରେ ଜୁଲାଇ ୧୨ରେ ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ରାଜ୍ୟରେ ମହିଳା ବିରୋଧୀ ଅପରାଧ ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ଶାସକ ଦଳର ବିଧାୟକମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ମଧ୍ୟ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମହିଳାମାନଙ୍କ ପ୍ରତି ଅପମାନଜନକ, ଅଶାଳୀନ ମନ୍ତବ୍ୟ ମହିଳାମାନଙ୍କ ମାନସିକ ଚାପର ପ୍ରମୁଖ କାରଣ ପାଲଟିଛି। ଏଭଳି ଅମାନବୀୟ ଘଟଣାଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ନ୍ୟାୟ ନ ମିଳିବା ହେତୁ ମହିଳାମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଗତ ୧୫ ମାସ ମଧ୍ୟରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ବଳାତ୍କାର ମାମଲା ପଞ୍ଜିକୃତ ହେଉଛି। ଚିନ୍ତାଜନକ ଭାବରେ, ଗତ ୯ ମାସରେ ରାଜ୍ୟରେ ୨୦ ହଜାରରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି, ଯାହା ମଧ୍ୟରୁ କେବଳ ୭, ୦୪୮ ଜଣଙ୍କୁ ଠାବ କରାଯାଇଛି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯାତନା ଏକ ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ତାଳଚେର ବିଧାୟକ ତଥା ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ, ପୂର୍ବତନ ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ପ୍ରଧାନ, ଅନୁଗୋଳ ନଗର ବିଜେଡି ସଭାନେତ୍ରୀ ମାଳିନୀ ସର, ରୀତା ସିଂହ, ମୁସ୍କାନ୍ ବିବି, ବଣ୍ଟରପାଳ ବ୍ଲକ ଅଧ୍ୟକ୍ଷ ବିଜୟକୁମାର ନାଥ, ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, କାଉନସିଲର ସୁଶୀଲ ମୁଖି, ସଦାନନ୍ଦ ପଣ୍ଡା, ବଳରାମ ଜେନା, ରଞ୍ଜିତ ମାଣ୍ଡୋଠିଆ, ସୁଜିତ ଦ୍ୱିବେଦୀ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୪ ଗ୍ରାମ ଧଳାଜହର ଜବତ; ୨ ଗିରଫ

ତାଳଚେର, ୧୭।୯ (ସମିସ): ତାଳଚେର ଅବକାରୀ ବିଭାଗ ତରଫରୁ ବୁଧବାର ଦୁଇ ସ୍ଥାନରେ ଚଢ଼ଉ କରାଯାଇ ପ୍ରାୟ ୧୦୪ ଗ୍ରାମ ଧଳାଜହର ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ ସମଲ ଥାନା ଅନ୍ତର୍ଗତ ପରାବିଲ ନିକଟରେ ଚଢ଼ଉ କରି ଦେବାନନ୍ଦ ଦେହୁରୀ (୩୪)ଙ୍କଠାରୁ ୬୭ ଗ୍ରାମ ଧଳାଜହର ସହ ୫୨୦୦ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛନ୍ତି। ସେହିପରି ତାଳଚେର ଅବକାରୀ



ଥାନା ଅଧିକାରୀ ହଟିଆ ବେହେରା ଓ କର୍ମଚାରୀ ତାଳଚେର ଥାନା ଅନ୍ତର୍ଗତ କଣ୍ଡାଳ ରୋଡରେ ଚଢ଼ଉ କରି ପରାବିଲ ଅଞ୍ଚଳର ତାପସ କୁମାର ପ୍ରଧାନ (୩୫)ଙ୍କଠାରୁ ୩୭ ଗ୍ରାମ ଧଳା ଜହର ସହ ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛନ୍ତି। ଜବତ ଧଳାଜହରର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅନୁଗୋଳ ପୌରପାଳିକାରେ ହେବ ଗୋଶାଳା

ଅନୁଗୋଳ, ୧୭।୯ (ସମିସ): ଅନୁଗୋଳ ସହରରେ ଏକ କାଞ୍ଜିଆହୁଦା ଅବା ଗୋଶାଳା ପ୍ରତିଷ୍ଠା ପାଇଁ ହୋଇଆସୁଥିବା ଦାବି ଏବେ ପୂରଣ ହେବାକୁ ଯାଉଛି। ସହର ଭିତରେ ତଥା ରାଜରାସ୍ତାରେ ପଲ ପଲ ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟି ଉଭୟ ମଣିଷ ଓ ଗୁରୁ ମୃତାହତ ହେଉଛନ୍ତି। ଏହାକୁ ରୋକିବା ପାଇଁ ଏକ ଗୋଶାଳାର ଆବଶ୍ୟକତା ରହିଛି। ଏ ନେଇ ଆନିମଲ ୱେଲଫେୟାର ଟ୍ରଷ୍ଟ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନେ ପ୍ରଶାସନକୁ ବହୁବାର ସ୍ମାରକ ଦେବାପରେ ଶେଷରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଅର୍ଥ ମଞ୍ଜୁର କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟରେ ୧୨ ନମ୍ବର ୱାର୍ଡରେ ଏହି ଗୋଶାଳା ନିର୍ମାଣ କରାଯିବ।

## ପରାବିଲ-ଡେରାଗୋଳା ରାସ୍ତା ସମ୍ପ୍ରସାରଣ ପାଇଁ ଭୂମିପୂଜନ

● ୧୧ କିମି ରାସ୍ତା ପାଇଁ ୧୧.୮୩ କୋଟି ଟଙ୍କା ମଞ୍ଜୁର

କଣିହାଁ, ୧୭।୯ (ସମିସ): କଣିହାଁ ବ୍ଲକ ପରାବିଲଠାରୁ ଡେରାଗୋଳା ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ୧୧ କିମି ଦୀର୍ଘ ଏହି



ରାସ୍ତାର ବିକାଶ ପାଇଁ ୧୧ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାମସାଇ ମାର୍ଣ୍ଡି, କନିଷ୍ଠ ଯନ୍ତ୍ରୀ ଲୋକେଶ କୁମାର ସେଠୀ ଯୋଗଦେଇଥିଲେ। ପ୍ରଥମେ ବଜାର ଛକରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସରିବା ପରେ ପରାବିଲ ଗ୍ରାମ୍ୟ ଯାତ୍ରାପଡ଼ିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ମହାନ୍ତି କହିଲେ ଯେ ପର୍ଯ୍ୟାୟ କ୍ରମେ ସମସ୍ତ ରାସ୍ତାର ଉନ୍ନତୀକରଣ ହେବ। ବିରୁ-ପରାବିଲ ମଧ୍ୟରେ ସମାକୋଇ ନଦୀ ଉପରେ ବ୍ରିଜ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ।

## ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟିତ



ଅନୁଗୋଳ, ୧୭।୯ (ସମିସ): ନାଲ୍‌କୋନଗରଠାରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ବୁଧବାର ପୂର୍ବାହ୍ନରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଦ୍ୱାରା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟିତ ହୋଇଛି। ଜିଲ୍ଲା ପ୍ରଶାସନ ଓ ଓରମାସ ମିଳିତ ସହଯୋଗରେ ଆୟୋଜିତ ଏହି ମେଳା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗ୍ରାମାଞ୍ଚଳର କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ କୃଷି ଉତ୍ପାଦକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା ହେବ। ଏ ବର୍ଷ ମୋଟ ୨୨୦ଟି ଷ୍ଟଲ ଓ ୧୪ଟି ଖାଦ୍ୟ ଷ୍ଟଲ ଆୟୋଜନ କରାଯାଇଛି। ଓଡ଼ିଶାର ୩୦ ଜିଲ୍ଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲାଙ୍ଗାନା, ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର କାରିଗର ଓ ଉତ୍ପାଦକ ଗୋଷ୍ଠୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ, ସେଲଫି ପଏଣ୍ଟ (ଆମ ଅସ୍ମିତା ଆମ ଗୌରବ)ର ପ୍ରଦର୍ଶନୀ ଓ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନେ ମେଳାରେ ବୁଲିବା ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ମେଳା ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ଉଦଘାଟନୀ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ଏସ୍ ନେରୋଲା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ସର୍ଭିସ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଅନୁଗୋଳ, ୧୭।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପସି ପଞ୍ଚାୟତ କଦଳୀମୁଣ୍ଡାଠାରେ ନିର୍ମାଣ ହୋଇଥିବା ଜାତୀୟ ରାଜପଥ କଡ଼ରେ ସର୍ଭିସ ରାସ୍ତା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ କଦଳୀମୁଣ୍ଡା ଗ୍ରାମବାସୀ



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଦଳୀମୁଣ୍ଡା ଅଞ୍ଚଳରେ ଦୁଇଟି ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହୋଇଛି। ହେଲେ ହୋର ଉଭୟ ପାର୍ଶ୍ୱରେ ସର୍ଭିସ ରାସ୍ତା କିମ୍ବା ଡ୍ରେନ ନିର୍ମାଣ ହେଉନାହିଁ। ଫଳ୍‌ରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସାମାନ୍ୟ ବର୍ଷା ହେଲେ ଘର ଭିତରେ ପାଣି ପଶୁଛି। ଏ ନେଇ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ବିଶ୍ୱକର୍ମା ପୂଜା ବୁଲିଲେ ପୂର୍ବତନ ସାଂସଦ

● ଟ୍ରକ ମାଲିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ତାଳଚେର, ୧୭।୯ (ସମିସ): ତାଳଚେରରେ ଟ୍ରକ ମାଲିକ ସଂଘ ପକ୍ଷରୁ ମହା ଆଡ଼ମ୍ବରରେ ବିଶ୍ୱକର୍ମା ପୂଜା ପାଳିତ ହେଉଛି। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ବୁଧବାର ଏହି ପୂଜା ଉତ୍ସବ ବୁଲି ଦେଖିଛନ୍ତି। ସନ୍ଧ୍ୟାରେ ସାହୁ ପୂଜା ମଣ୍ଡପ ନିକଟରେ ପହଞ୍ଚିବା ପରେ ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ଅରବିନ୍ଦ ଭୂତିଆ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାମାନେ ତାଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାହୁ ପ୍ରଭୁ ବିଶ୍ୱକର୍ମାଙ୍କୁ ଦର୍ଶନ କରି କୃପାଭିକ୍ଷା କରିବା ସହ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ତାଙ୍କ ସହ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ, ଆଗେଇବା ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟରେ ବିଶ୍ୱକର୍ମା ପୂଜା

ଅନୁଗୋଳ, ୧୭।୯ (ସମିସ): ଜିନ୍ଦଲ ଷ୍ଟିଲର ଅନୁଗୋଳ ପ୍ଲାଣ୍ଟ ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ଜିନ୍ଦଲ ଷ୍ଟିଲର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ସାମିଲ ହୋଇଥିଲେ। ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମାଲହାନ, ତାଙ୍କ ପତ୍ନୀ ସୀମା ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ତାଙ୍କ ପତ୍ନୀ ଅନିତା ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଅତୁଲ ଦୁବେ ଏବଂ ଅନ୍ୟ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମାନବ ସମ୍ବଳ ବିଭାଗ ପକ୍ଷରୁ ୨୯ ଜଣ କର୍ମଚାରୀଙ୍କୁ ସେମାନଙ୍କ ଦକ୍ଷତା, ନିଷ୍ଠା ଏବଂ ନିରାପଦ କାର୍ଯ୍ୟ ପାଇଁ ଜିନ୍ଦଲ ବିଶ୍ୱକର୍ମା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ଲାଣ୍ଟ ମୁଖ୍ୟ ମାଲହାନ କହିଥିଲେ, ଯେ ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦରୁ ଆମେ ଇଞ୍ଜିନିୟରିଂ କ୍ଷେତ୍ରରେ ମହାନ ସଫଳତା ହାସଲ କରିପାରିଛୁ।



ଆମର କଠିନ ପରିଶ୍ରମ କେବଳ ତାଙ୍କ କୃପା ଦ୍ୱାରା ହିଁ ଅର୍ଥପୂର୍ଣ୍ଣ ହୋଇପାରିଛି ବୋଲି କହିଥିଲେ।

ପ୍ଲେଟ୍ ମିଲ୍‌ରେ ମୁଖ୍ୟ ଉତ୍ସବ ବ୍ୟତୀତ, ଦେବଭୂମି ଜିନ୍ଦଲ ନଗରର ଜଗନ୍ନାଥ ମନ୍ଦିର, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର୍ ଫର୍ ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜି ଏବଂ ଅନ୍ୟ ସ୍ଥାନରେ ମଧ୍ୟ ପୂଜା କରାଯାଇଥିଲା। ଏଥିରେ ଜିନ୍ଦଲ ନଗରର ବାସିନ୍ଦା ଏବଂ କର୍ମଚାରୀ ସାମିଲ ହୋଇଥିଲେ। ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନାଙ୍କ ମାର୍ଗଦର୍ଶନରେ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରୁଥିବା ଅଭିରାମଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା, ୧୭।୯ (ସମିସ): ଲୋକେ କିପରି ନିଜ ସ୍ୱାସ୍ଥ୍ୟ ଫିଟ୍ ରଖିବେ ସେ ନେଇ ଝାରସୁଗୁଡ଼ା ଜିଲ୍ଲା ବୁଲଗାଁ ଗ୍ରାମର ଅଭିରାମ ଶତପଥୀ (୬୮) ପାଦରେ ଚାଲି ଚାଲି ସଚେତନ କରାଉଛନ୍ତି। ବୁଧବାର ତାଙ୍କୁ ବଇଣ୍ଡା ଅଞ୍ଚଳରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୋଳରୁ ସେ ଚାଲି ଚାଲି ବଇଣ୍ଡାରେ ପହଞ୍ଚି ସଚେତନ କରାଉଥିବା ବେଳେ ଗ୍ରାମର ରମେଶ ବେହେରା, ଆଲୋକ ବେହେରା, ପରୀକ୍ଷିତ ସାହୁ, ପ୍ରଦୀପ ମହାପାତ୍ର, ଅମିତ ନାୟକ, ସନାତନ ସାହୁ, ହେମନ୍ତ ପ୍ରଧାନ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଅଭିରାମ ୨୦୨୩ ମେ ୨୫ରୁ ଝାରସୁଗୁଡ଼ାରୁ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା କିଶନନଗର ଥାନା ସୁଦୁଖଣ୍ଡ ହୋଇଥିବା ବେଳେ ଦେଶର ବିଭିନ୍ନ ରାଜ୍ୟ ସମେତ ଭୁଟାନ, ନେପାଳରେ ବି ସେ ସଚେତନ କରିଛନ୍ତି। ଆଜି ସୁଦ୍ଧା ସେ ୧୩ ହଜାର ୯୨୮ କିମି ପାଦରେ ଚାଲି ଚାଲି ସଚେତନ କରିଥିବା ପ୍ରକାଶ କରିଛନ୍ତି।

## କିଶୋରନଗରରେ ବିଶ୍ୱକର୍ମା ପୂଜା



କିଶୋରନଗର, ୧୭।୯ (ସମିସ): କିଶୋରନଗର ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି। ସ୍ଥାନୀୟ ଆରଡବ୍ଲ୍ୟୁଏସଏସ୍ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜାରେ ପୁରୋହିତ ରବିନାରାୟଣ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ସେହିପରି ବାମୁର ବିଦ୍ୟୁତ୍ କାର୍ଯ୍ୟାଳୟ, ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସଡିଓ କାର୍ଯ୍ୟାଳୟ, ବଇଣ୍ଡା ଆର୍‌ଡି ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି।


## ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ବିଶ୍ୱକର୍ମା ପୂଜା





ଅନୁଗୋଳ, ୧୭।୯ (ସମିସ): କନ୍ୟା ସଂକ୍ରାନ୍ତି ଅବସରରେ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ବୁଧବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ଅଞ୍ଚଳର ବହୁ ଠିକାଦାର, ଶ୍ରମଜୀବୀ ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜା ଆରମ୍ଭ ହୋଇ। ୧୧ଟାରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ଗୋଟାଏରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଟୁଟୁ ପ୍ରଧାନ, ତାପସ ରାଏ, ସୌମ୍ୟରଞ୍ଜନ ଦାଶ, ପ୍ରତାପ ମାଝୀ, ମନୁ ପ୍ରଧାନ, ଯତୀନ ସେଠୀ, ଗୁରୁଦେବ ସାହୁ, ଦୀପକ ଟିବ୍ରୁୱାଲା ପ୍ରମୁଖ ସହଯୋଗ କରିଥିଲେ।

## ଆଧ୍ୟାତ୍ମିକ ପରିବେଶରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଆରାଧନା

ଅନୁଗୋଳ, ୧୭।୯ (ସମିସ): ଆଧ୍ୟାତ୍ମିକ ପରିବେଶରେ ନାଲୋନଗରରେ ଆରମ୍ଭ ହୋଇଛି ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ। ବୁଧବାର ପୂର୍ବାହ୍ନରୁ ୧୯ଟି ପୂଜା ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା ଆରାଧନା ହୋଇଛି। ଶଙ୍ଖ, ଘଣ୍ଟ, ଖୋଳ ବାଦ୍ୟ ସାଙ୍ଗକୁ ନୈବେଦ୍ୟ ମନ୍ତ୍ରଧ୍ୱନିରେ ପୂଜା ମଣ୍ଡପଗୁଡ଼ିକ ପ୍ରକମ୍ପିତ ହୋଇଥିଲା। ପୂଜା କମିଟି କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ପୂଜା କମିଟି କର୍ମକର୍ତ୍ତାମାନେ ଜଗନ୍ନାଥ ମନ୍ଦିର ନରେନ୍ଦ୍ର ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳରେ ସ୍ଥାପନା କରିଥିଲେ। ନାଲକୋ ଏସଆଣ୍ଡପିର ବହୁ ପଦସ୍ଥ ଅଧିକାରୀ ସମସ୍ତ ପୂଜା ମଣ୍ଡପ ବୁଲି ବିଶ୍ୱକର୍ମାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପୂଜା କମିଟିଗୁଡ଼ିକ ଭିନ୍ନ ଭିନ୍ନ ଶୈଳୀରେ ମେଢ଼ ଓ ତୋରଣ ନିର୍ମାଣ କରିଛନ୍ତି। ଆଧୁନିକ ଅବା ବିଦେଶୀ ଅଟ୍ଟାଳିକା ସଦୃଶ ତୋରଣ ଭିତରେ ପୌରାଣିକ, ଆଧ୍ୟାତ୍ମିକ ସଂସ୍କୃତି ବହନ କରୁଥିବା ବିଶ୍ୱକର୍ମାଙ୍କ ମେଢ଼ରେ ଭିତର ସାଜସଜ୍ଜା ହୋଇଛି। ଅନୁଗୋଳ, ଖଲାରୀ, ସାକୋସିଂହା, କୁଲାଡ଼, ପିଙ୍ଗୁଆ, ଗୋବରା ପ୍ରଭୃତି ସ୍ଥାନୀୟ ଟେଣ୍ଟହାଉସ ଡେକୋରେଟରଙ୍କ ଦ୍ୱାରା ସ୍ଥାନୀୟ ଏବଂ ବଙ୍ଗୀୟ କାରିଗରମାନେ ସୁଉଚ୍ଚ ତୋରଣରେ ନିଜ କଳାନୈପୁଣ୍ୟତା ପ୍ରଦର୍ଶନ କରିଛନ୍ତି।







ତେବେ ପୂଜାର ପ୍ରଥମ ଦିନରୁ ଡରାଇଛି ବର୍ଷା। ମଧ୍ୟାହ୍ନରେ ଅସରାଏ ବର୍ଷା ହୋଇଥିଲା। ଏବେ ବି ପାଗ ମେଘୁଆ ରହିଛି। ଆଗକୁ କାଳେ ବର୍ଷା ବଢ଼ିଯିବ, ସେହି ଆଶଙ୍କାରେ ଲୋକେ ସୁଯୋଗ ହାତଛଡ଼ା ନ କରି ପ୍ରଥମ ଦିନରୁ ପୂଜା ବଜାରର ମଜା ନେଉଛନ୍ତି। ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା, ମିନାବଜାର, ଭେଳିକି ଭେଳି ଦୋଳି, ଚଟପଟି ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଖାଦ୍ୟ, ଷ୍ଟାର ହୋଟେଲ, ରେଷ୍ଟୁରାଣ୍ଟର ଖାଦ୍ୟର ମଜା ନେଉଛନ୍ତି ଦର୍ଶକ। ନାଲକୋ କର୍ମଚାରୀଙ୍କ ଆୟୋଜନରେ ସପ୍ତାହ ବ୍ୟାପୀ ବିଶ୍ୱକର୍ମା ପୂଜା ସମାରୋହକୁ ସୁଚାରୁରୂପେ ପାଳନ କରିବାକୁ ନାଲକୋର ପୂର୍ଣ୍ଣ ସହଯୋଗରେ ପ୍ରଶାସନ ବିଭାଗ, ସିଭିଲ ବିଭାଗ, ଇଷ୍ଟେଟ ବିଭାଗ, ଇଲେକ୍ଟ୍ରିକାଲ ବିଭାଗ, ସାନିଟାରୀ ବିଭାଗ, ଉଦ୍ୟାନ ବିଭାଗ ପ୍ରଭୃତି ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି। ନାଲକୋ କର୍ମଚାରୀ କମନ ୱେଲଫେୟାର କମିଟି ପ୍ରତ୍ୟକ୍ଷ ଭାବେ ସମସ୍ତ ବିଭାଗ, ମଣ୍ଡପ, ବ୍ୟବସାୟୀଙ୍କ ସହ ସମନ୍ୱୟ ରଖୁଛି। ଦୋକାନ ଷ୍ଟଲ ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା ପାଇଁ କମିଟି କଠୋର ପଦକ୍ଷେପ ଗ୍ରହଣ କରୁଛି। ୨୪ଘଣ୍ଟିଆ ପରିମଳ ସେବା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ସଦସ୍ୟ ଡିଜିଏମ ରାଜାରାମ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର କିଶୋର ବେହେରା, ଲଲାଟେନ୍ଦୁ ମହାପାତ୍ର, ହରିହର ସା, ପ୍ରତାପ ଚନ୍ଦ୍ର ମଲ୍ଲିକ, ଅଟଳ ବିହାରୀ ଷଡ଼ଙ୍ଗୀ, ସୁଶାନ୍ତ ସାହୁ, ବାମଦେବ ସେଠ, ଚନ୍ଦ୍ର ମୋହନ ମୁଣ୍ଡରି, ପ୍ରଶାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ୍ତ ସାହୁ, ବିକାଶ ଜୈସ୍ୱାଲ, ପଙ୍କଜ ମହାରଣା, ଅକ୍ଷୟ ବେହେରା, ଲଳିତ ନାୟକ, ପଦ୍ମଚରଣ ସାହୁ, ପ୍ରଦୀପ ନାୟକ, ଘନଶ୍ୟାମ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଗଁଦିଆ,୧୭ ।୯ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ବନସୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ଦାସ ଆଉ ନାହାନ୍ତି। କେବଳ ଶିକ୍ଷକତା ନୁହେଁ ସମାଜସେବାରେ ମଧ୍ୟ ସେ ବ୍ରତୀ ଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ସମୟାନୁବର୍ତ୍ତୀ ଆଦର୍ଶ ଶିକ୍ଷକ ଭାବେ କୋରାପୁଟ ଜିଲ୍ଲାରେ ସେ ପରିଚିତ ଥିଲେ। କ୍ୟାନସର ରୋଗରେ ପୀଡ଼ିତ ହୋଇ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପବିତ୍ର ଆର୍ଥିକ ଅନଟନ ଦେଇ ଗତି କରୁଥିଲେ। ବୁଧବାର ତାଙ୍କ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟର ସମସ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପବିତ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅପରାଧକୁ ବିରୋଧ

# ଏସ୍‌ପି ଅଫିସ ଆଗରେ ଗର୍ଜିଲା ମହିଳା ବିଜେଡି

ଢେଙ୍କାନାଳ,୧୭ ।୯ (ସମିସ):



ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅପରାଧକୁ ନେଇ ସ୍ଥାନୀୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ, ପୂର୍ବତନ ବିଧାୟକ, ସୁଧୀର କୁମାର ସାମଲ, ଯୁବନେତା ଅବିନାଶ ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ମହିଳା ସଭାନେତ୍ରୀ ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ସମ୍ପ୍ରତି ଓଡ଼ିଶାରେ ମହିଳାଙ୍କ ପ୍ରତି ନିର୍ମମ ଆକ୍ରମଣ, ଅତ୍ୟାଚାର ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ବଢ଼ିଚାଲିଛି। ସରକାର ନ୍ୟାୟ ପ୍ରଦାନରେ ବିଫଳ ହୋଇଛନ୍ତି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ, ହିନ୍ଦୋଳର ୭ ବର୍ଷର ଝିଅକୁ ଦୁଷ୍କର୍ମ କରି ତାଳ ପତ୍ରରେ ଘୋଡ଼ାଇଦେବା ଘଟଣା, ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣାରେ ପୁଲିସ ପୀଡ଼ିତାମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିପାରିନାହିଁ। ରାଜ୍ୟରେ ବିଜେପିର ୧୫ ମାସ ଶାସନରେ ସରକାରୀ ସ୍କୁଲ ହଷ୍ଟେଲରେ ଯୌନ ନିର୍ଯାତନା ବଢ଼ି ଚାଲିଛି। ଝାରସୁଗୁଡ଼ା, ମାଲକାନଗିରି, କେନ୍ଦୁଝର, ପୁରୀ, ସୁନ୍ଦରଗଡ଼, କୋରାପୁଟ, ସମ୍ବଲପୁର ଆଦି ଜିଲ୍ଲାରେ ଆଦିବାସୀ ଓ ଦଳିତ ଝିଅମାନଙ୍କ ସହ ସମାନ ଘଟଣାମାନ ଲୋକ ଲୋଚନକୁ ଆସିଛି ବୋଲି ନେତାମାନେ ଅଭିଯୋଗ କରିବା ସହ ସରକାର ଉପରେ ବର୍ଷିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ଜିଲ୍ଲା ଉପସଭାପତି ଉର୍ବଶୀ ମହାପାତ୍ର, ଢେଙ୍କାନାଳ ମ୍ୟୁନିସିପାଲିଟି ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ସମ୍ପାଦିକା ତିଲୋତ୍ତମା ଚୌଧୁରୀ, କାଉନସିଲର ଲିପିକା ଦାସ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ରଞ୍ଜିତା ବେହେରା, ଭୁବନ ଏନଏସି ସଦସ୍ୟା କବିତା ସେଠୀ, ମାମୁନି ସେନଙ୍କ ସମେତ ଭୁବନ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, କଙ୍କଡ଼ାହାଡ଼ ବ୍ଲକ, ଭୁବନ ଏନଏସି ଓ ଢେଙ୍କାନାଳ ମ୍ୟୁନିସିପାଲଟିର ସଭାପତି, କାଉନସିଲର, ଜିଲ୍ଲା ପରିଷଦ ସଦସ ଯୋଗଦେଇଥିଲେ। ଢେଙ୍କାନାଳ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ କୁମାର ଭଞ୍ଜ, ସାଗିର ମହମ୍ମଦ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଗଙ୍ଗାଧର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିନ୍ତାଜନକ ଭାବେ ଗତ ୯ ମାସରେ ରାଜ୍ୟର ୨୦ ହଜାରରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି। ଏଥିମଧ୍ୟରୁ ୭୦୦୮ ଜଣଙ୍କୁ ଠାବ କରାଯାଇଛି। ତେଣୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ


ଟ୍ୟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ


ଘରୋଇ ବସ ମାଲିକ ସଂଘ


ପୂର୍ତ୍ତ ବିଭାଗ ଠିକାଦାର ସଂଘ

## ଟ୍ୟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ

ଢେଙ୍କାନାଳ,୧୭ ।୯ (ସମିସ): ଢେଙ୍କାନାଳ ଟାକ୍ସି ମାଲିକ ଚାରିଟେବୁଲ ଟ୍ରଷ୍ଟ ବସଷ୍ଟାଣ୍ଡ ଅମଲାପଡ଼ା ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସଭାପତି ନରେଶ କୁମାର ସିଂ, ସମ୍ପାଦକ ହରପ୍ରସାଦ ଦାସ, ସରୋଜ ମହାପାତ୍ର, ଜିତେନ୍ଦ୍ର କୁମାର ଲେଙ୍କା, ନବକିଶୋର ଦାସ, ଅଭିମନ୍ୟୁ ବେହେରା, ବୃନ୍ଦାବନ ସାହୁ ଓ ଆଇନ ପରାମର୍ଶଦାତା ପତିତପାବନ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ହୋଇଥିଲା।

## ଘରୋଇ ବସ ମାଲିକ ସଂଘ

ଢେଙ୍କାନାଳ: ଢେଙ୍କାନାଳ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ପୂଜକ ସୁଶା ଭାଇନା, ସଭାପତି ପ୍ରଭାକର ବେହେରା, ଉପସଭାପତି ପ୍ରଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ସଞ୍ଜୟ ମିଶ୍ର, ସହ କୋଷାଧ୍ୟକ୍ଷ ମନୀ ରାଉତ, ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ତ୍ରୀପାଠୀ, ସାଧାରଣ ସମ୍ପାଦକ ପ୍ରମୋଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ଠିକାଦାର ସଂଘ

ଢେଙ୍କାନାଳ: ଢେଙ୍କାନାଳ ପୂର୍ତ୍ତ ବିଭାଗ ଠିକାଦାର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ପୂଜକ ହିମାଦ୍ରୀ ଭୂଷଣ ଶତପଥୀ, କର୍ତ୍ତା ଦେବାଶିଷ ଦେବଦର୍ଶନ ବେହେରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କର୍ମକର୍ତ୍ତା ପ୍ରତାପ ଖଟୁଆ, ଟିକୁ ଭାଇ, ରଞ୍ଜନ ପାଲ, ପ୍ରସନ୍ନ ଭାଇ, କାହ୍ନା, ଅମୂଲ୍ୟ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ


ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ

ଢେଙ୍କାନାଳ: ଢେଙ୍କାନାଳ ବସଷ୍ଟାଣ୍ଡସ୍ଥିତ ବାବା ଆଖଣ୍ଡଳମଣି ୱେଲ୍‌ଫେୟାର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ସକାଳେ କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ସହ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ୩ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। କର୍ତ୍ତା ରାମଚନ୍ଦ୍ର ପଣ୍ଡା, ସଭାପତି ରମେଶ ମହାନ୍ତି, ସମ୍ପାଦକ ଗୌତମ ଉଦୟ ସିଂହଙ୍କ ସମେତ ଅଟୋ ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ହୋଇଥିଲା।

## ଖଜୁରିଆକଟା ବିଦ୍ୟୁତ କାର୍ଯ୍ୟାଳୟ


ଖଜୁରିଆକଟା ବିଦ୍ୟୁତ କାର୍ଯ୍ୟାଳୟ

ଖଜୁରିଆକଟା: ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ବାଲିମୀ ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ପୂଜା ମଣ୍ଡପରେ କଳସ ସ୍ଥାପନ କରଯାଇଥିଲା। କର୍ତ୍ତା ଭାବେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ କୁମାର ବାରିକ ଦାୟିତ୍ୱ ତୁଲାଇଥିଲେ। ପୂଜକ ସଞ୍ଜୟ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଭୁବନର ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା

# ଆରମ୍ଭ ହେଲାଣି ଦୁର୍ଗାମେଢ଼ ନିର୍ମାଣ

ଭୁବନ,୧୭ ।୯ (ସମିସ):

ଭୁବନର ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଗ୍ରାମର ଥୋଡ଼ିଆ ଓ ବଳଦିଆ ଜାତି ଲୋକଙ୍କ ଦ୍ୱାରା ପାଳନ ହେଉଥିବା ଏକ ଭିନ୍ନ ଢଙ୍ଗର ଦଶହରା ପର୍ବ। ଏହି ଯାତ୍ରାରେ ଲୋକେ ବଳଦମାନଙ୍କୁ ଆଦର ସହକାରେ ପୂଜାର୍ଚ୍ଚନା କରି ଭସାଣି ଶୋଭାଯାତ୍ରାରେ ସାମିଲ କରିଥାନ୍ତି। ଏହି ପର୍ବ ପାଇଁ ଏବେ ଦୁର୍ଗାମେଢ଼ ନିର୍ମାଣ ଆରମ୍ଭ ହେଲାଣି। ଭୋବନା ନାମକ ଏକ ଗଣ୍ଡ (ଜାତି)ଙ୍କ ମତରେ ରାଣୀ ଭୁବନା ସୁନ୍ଦରୀଙ୍କ ନାମରେ ଏଇ ଗାଁର ନାମକାରଣ ହୋଇଛି ଭୁବନ। ଏସିଆର ସବୁଠୁ ବଡ଼ ଗ୍ରାମ ଭାବେ ପରିଚିତ ଭୁବନ ଗାଁ। ଗାଁଟି ୧୯୭୨ରେ ଏନଏସି ମାନ୍ୟତା ପାଇଥିଲା। ଗାଁରେ ପ୍ରାୟ ୩୬ ପାଟକ ବା ଜାତିର ଲୋକ ବାସ କରନ୍ତି। ଭାଇଚାରା ଓ ସଦଭାବ ବଜାୟ ରଖି ପିଢ଼ି ପରେ ପିଢ଼ି ଏହି ଦଶହରା ପର୍ବକୁ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି ଗ୍ରାମବାସୀ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଶହରା ପାଳନ ହେଉଥିବା ବେଳେ ଭୁବନ ଦଶହରାରେ ବଳଦ ଯାତ୍ରା ହିଁ ମୁଖ୍ୟ ଆକର୍ଷଣ ସାଜିଥାଏ। ଦଶହରାରେ ବଡ଼ ବଡ଼ ବଳଦକୁ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରି ଗାଁ ବୁଲାଯାଇଥାଏ। ଭସାଣି ଦିନ ବଳଦମାନଙ୍କୁ ଶୋଭାଯାତ୍ରାରେ ସାମିଲ କରାଯାଏ। ବେପାର ବଣିଜକୁ ଶୁଭ ଓ ସଫଳ କରିବା ପାଇଁ ବଣିଜାରୀ ଦେବୀଙ୍କୁ ବହୁକାଳରୁ ଏଠାରେ ପୂଜା କରିବାର ପ୍ରଥା ରହିଛି। କିମ୍ବଦନ୍ତୀ ଅନୁଯାୟୀ, ପୂର୍ବେ ଏହି ଗାଁର ଥୋଡ଼ିଆ ଓ ବଣିଆ ସମ୍ପ୍ରଦାୟର ଲୋକେ ଶଗଡ଼ଗାଡ଼ିରେ ଯାତାୟାତ ଓ ଜିନିଷ ପରିବହନ କରୁଥିଲେ। ବଳଦିଆ ଜାତିର ଲୋକେ ଶଗଡ଼ ଚଳାଉଥିଲେ। ବଳଦଙ୍କ ଲାଗି ଆଖପାଖ ଅଞ୍ଚଳରେ ବ୍ୟବସାୟ ବଣିଜ ଭଲ ଚାଲିଥିଲା। ଦଶହରା ସମୟରେ ବ୍ୟବସାୟ ହିସାବକିତାବ, ଦୋକାନ ସାଜସଜ୍ଜା, ଖାତାପୂଜା ଆଦି ହେଉଥିବାରୁ ବ୍ୟବସାୟ କିଛିଦିନ ସ୍ଥଗିତ ରହିବା ଫଳରେ ବଳଦଙ୍କୁ ବିଶ୍ରାମ ମିଳେ। ତେଣୁ ଗ୍ରାମବାସୀ ଏହି ସମୟରେ ବଳଦଙ୍କୁ ଶ୍ରଦ୍ଧା ଓ ଆଦର ପୂର୍ବକ ଖାଇବା ଏବଂ ସମ୍ମାନ ଦେଇଥାନ୍ତି। ବଳଦଙ୍କୁ ମାଳୀ, ଅଳଙ୍କାର, ଘଣ୍ଟିଘାଗୁଡ଼ି, ରଙ୍ଗୀନ ପର, ଭେଲଭେଟ କନା ଆଦିରେ ସୁସଜ୍ଜିତ କରି ଗ୍ରାମଦେବୀଙ୍କ ପାଖକୁ ନେଇ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିର ଚାରିପଟେ କିଛି ଘେରା ବୁଲାଇ ଘରକୁ ଆଣନ୍ତି। ବଳଦ ବନ୍ଧାପନା ସହ ବେପାରକୁ ସଫଳ କରିବା ପାଇଁ ମା’ ବଣିଜାରୀ ଦେବୀଙ୍କୁ ବହୁକାଳରୁ ଏଠାରେ ପୂଜା କରିବାର ପ୍ରଥା ଅଛି।

ମହାଳୟା ପୂର୍ବରୁ ଥୋଡ଼ିଆ ଓ ବଳଦିଆ ଜାତିର ମହିଳାମାନେ ଘରଦ୍ୱାର ଲିପାପୋଛା କରିବା ପରେ ମାଣ, ତାମ୍ବି, ଘଣ୍ଟ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସଫା କରି ପୂଜାର୍ଚ୍ଚନା କରି ରଖିଥାଆନ୍ତି। ପରିବାରର ସମସ୍ତେ ନୂଆବସ୍ତ୍ର ପରିଧାନ କରି ୧୦ ପ୍ରକାର ଫୁଲ, ଫଳ ଏବଂ ଆରିସା ପିଠା ପ୍ରସ୍ତୁତ କରି ଗାଁ ମା’ ମଙ୍ଗଳାଙ୍କୁ ପୂଜା କରିଥାନ୍ତି। ଘର ଦୁଆର ଓ ଅଗଣାରେ ଝୋଟି, ମୁରୁଜ ବୁଣାଯାଏ। ପ୍ରତ୍ୟେକ ଘରକୁ ସାଜସଜ୍ଜା କରାଯିବା ସହ ଘର ସମ୍ମୁଖରେ ପୂର୍ଣ୍ଣ କଳସ ରଖାଯାଏ। ପର୍ବର ୧ମ ଦିନ ଅର୍ଥାତ ବିଜୟା ଦଶମୀରେ ଶୁଭଖୁଣ୍ଟ ବା ବନ୍ଧାଣ ଖୁଣ୍ଟକୁ ପୂଜାର୍ଚ୍ଚନା କରାଯାଏ। ଏହି ଖୁଣ୍ଟକୁ ପର୍ବ ପୂର୍ବରୁ ମଙ୍ଗଳବାର କିମ୍ବା ସଂକ୍ରାନ୍ତି ତିଥିରେ ସାହି ଦାଣ୍ଡରେ ସ୍ଥାପନ କରାଯାଏ। ମା’ଙ୍କ ଆସ୍ଥାନରେ ନାଲି ରଙ୍ଗରେ ପିଠଉର ଚିତା, ଫୁଲହାର ସିନ୍ଦୂର ଶୋଭିତ ଏକ ଖୁଣ୍ଟକୁ ପୂଜା କରାଯାଏ। ବର୍ଷଯାକ ଏହା ଥାଏ ଏବଂ ନୂଆ ଖୁଣ୍ଟ ପୋତାହେବା ପରେ ପୁରୁଣା ଖୁଣ୍ଟକୁ ପାଣିରେ ବିସର୍ଜନ କରାଯାଏ। ମହିଳାମାନେ ବନ୍ଧାଣ ଖୁଣ୍ଟକୁ ପୂଜା କରିଥାଆନ୍ତି। ବନ୍ଧାଣ ଖୁଣ୍ଟରେ ବଳଦକୁ ବନ୍ଧାଯିବା ସମୟରେ ଅଇଁଠା ଖାଦ୍ୟ ଦିଆଯାଇ ନ ଥାଏ। ବଳଦକୁ ବନ୍ଧାଣ ଖୁଣ୍ଟରେ ବନ୍ଧାଯିବା ସମୟରେ କେହି ବାହାର ଲୋକ ସ୍ପର୍ଶ କରନ୍ତି ନାହିଁ। ସ୍ପର୍ଶ କଲେ ବଳଦ ଅମାନିଆ ହୋଇଯାଏ ବୋଲି ବିଶ୍ୱାସ ରହିଛି। ବଳଦକୁ ଉକ୍ତ ଖୁଣ୍ଟରୁ ଖୋଲିଦିଆଯିବା ପରେ ଆଉ କୌଣସି ଛୁଆଁ ଅଛୁଆଁ ଭେଦଭାବ ନ ଥାଏ। ବଳଦ ନ ହୁରୁଡ଼ିବା ପାଇଁ ଖୁଣ୍ଟପୂଜା ମାଧ୍ୟମରେ ବଳଦକୁ ମନ୍ତୁରାଯାଏ। ରାତ୍ରି ପଟୁଆରର ଉଚ୍ଚ ଧ୍ୱନି ମଧ୍ୟରେ ବଳଦ ୩/୪ କିମି ଚାଲି ଚାଲି ଯିବାକୁ ହୁଏ। ବଳଦ ଉଚ୍ଚଶବ୍ଦ ସହ ପରିଚିତ ହେଲେ ଯାଇ ଶୋଭାଯାତ୍ରାରେ ଭାଗନେଇପାରେ। ପ୍ରଶିକ୍ଷଣ ପାଇବା ପରେ ସେହି ବଳଦ ଆଉ ହୁରୁଡ଼ି ନ ଥାଏ। ଭସାଣି ଶୋଭାଯାତ୍ରାରେ ବଣିଜାରୀ ଦେବୀଙ୍କ ଏକ ବିଶାଳ ଟାହିଆକୁ ୪ଜଣ ଲୋକ ବଳଦଙ୍କ ଉପରେ ଥୋଇ ପଟୁଆରରେ ବାହାରନ୍ତି। ଏହି ପଟୁଆରରେ ଦେଉଳର ସେବକ ଓ ଗ୍ରାମବାସୀ ଯୋଗଦେଇଥାନ୍ତି ଓ ଏହା ରାତିସାରା ଚାଲିଥାଏ। ପଟୁଆର ଶେଷରେ ସଭିଏଁ ବଣିଜାରୀ ଦେବୀ ଦେଉଳ ସମ୍ମୁଖରେ ଏକାଠି ହୋଇଥାନ୍ତି। ଦଶହରା ଶେଷଦିନ ବଳଦଯାତ୍ରା, ଦୁର୍ଗାମେଢ଼ ଭସାଣି ଯାତ୍ରା ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ପାଲାମଣ୍ଡପରେ ରାତି ୯ଟାରେ ରାବଣପୋଡ଼ି କାର୍ଯ୍ୟକ୍ରମ ଶେଷ ହେବାପରେ ରାତି ୧୦ଟାରେ ଦୁର୍ଗାମେଢ଼ ଓ ବିଭିନ୍ନ ସାହିରୁ ଦଶହରା ବଳଦ ଶୋଭାଯାତ୍ରାରେ ବାହାରି ଗୁଜୁରୀହାଟଠାରେ ଏକତ୍ରିତ ହୋଇ ଭସାଣିଯାତ୍ରା ଆରମ୍ଭ କରିଥାନ୍ତି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନ ଓ ଦଶହରା ବଳଦ, ଦୁର୍ଗାମେଢ଼ ଆଗରେ କ୍ରମାନ୍ୱୟରେ ଦୁର୍ଗାଛକ, ଲକ୍ଷ୍ମୀଛକ, ଚମାରସାହି, ବଣିଆସାହି, ବ୍ରାହ୍ମଣୀଦେବୀ ଛକ, ରାଉତ ସାହି, ବେହେରା ସାହି, ବାଜିଛକ, ବଡ଼ହାଟ, ଗଣେଶବଜାର ଦେଇ ପରଦିନ ସକାଳେ ନୂଆବଜାରରେ ପହଞ୍ଚିଥାଆନ୍ତି। ସର୍ବପ୍ରଥମେ ଭୁବନର ଐତିହାସିକ ବଳଦଯାତ୍ରାର ସ୍ରଷ୍ଟା ଥୋଡ଼ିଆ ସମାଜଙ୍କ ଆରାଧ୍ୟ ଦେବୀ ବଣିଜାରୀଙ୍କ ପରେ ଭୁବନର ପ୍ରଥମ ଦୁର୍ଗାମେଢ଼ ବନଦୁର୍ଗା, ନୂଆଭୁବନ, ହରପାର୍ବତୀ, ବାଜିଛକ, ପୋଥାଳ ସାହି, ସେନସାହି, କ୍ଲାସିକ କ୍ଲବ, ଗଡ଼ଗାଁପୁର, ହାଟୁଆବଣିକ ସଙ୍ଘ ଓ ଶେଷରେ ଗୁଜୁରୀହାଟ ଦେଶ ଦୁର୍ଗା ମେଢ଼ ପହଞ୍ଚିବା ପରେ ନୂଆବଜାରରେ ମେଳଣ ହୋଇଥାଏ। ମେଳଣ ପରେ ମା’ ଦୁର୍ଗା ମେଲାଣି ନେଇଥାନ୍ତି। ଦଶହରା ବଳଦଯାତ୍ରାରେ ବାଘନାଚ, ଷଣ୍ଢ ଲଢ଼େଇ, ଲୋକନୃତ୍ୟ ସାଙ୍ଗକୁ ଶିଙ୍ଗବାଜା, ବୀର ବାଦ୍ୟ, ଅର୍କେଷ୍ଟ୍ରା, ଡିଜେ ଶବ୍ଦରେ ଭୁବନ କମ୍ପିଥାଏ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ




ଢେଙ୍କାନାଳ,୧୭ ।୯ (ସମିସ): ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ବୟସ୍କ ବାଳକ ଓ ବାଳିକା କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଗିରିଜା ପ୍ରସାଦ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଜିଲ୍ଲା ଓଷ୍ଟା ସଭାପତି ଶ୍ରୀରାମ ରାଉତ, ସମ୍ପାଦକ ଶଶିକାନ୍ତ ଦାସ, ପୂର୍ବ ସମ୍ପାଦକ ବିଭୂତି ଭୂଷଣ ସାମଲ ଓ କେନ୍ଦୁଝର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୪ବର୍ଷରୁ କମ୍ ବାଳକ ବିଭାଗରେ ପୁରୀ ଏବଂ ବାଳିକା ବିଭାଗରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ ହୋଇଥିବାବେଳେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ପୁରୀ ଜିଲ୍ଲା ଏବଂ ବାଳିକା ବିଭାଗରେ କଟକ ଜିଲ୍ଲା ଚାମ୍ପିଅନ ହୋଇଛି। ପିଟିଆଇ ଆର୍ଯ୍ୟକୁମାର ପଟ୍ଟନାୟକ ଏବଂ ସପନେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ରାମକୃଷ୍ଣ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୀ, କଟକ, ଗଞ୍ଜାମ, ଗଜପତି, ଭୁବନେଶ୍ୱର, ନୂଆପଡ଼ା, ସମ୍ବଲପୁର, କନ୍ଧମାଳ, ଢେଙ୍କାନାଳ ଜିଲ୍ଲାରୁ ୧୦୪ ଜଣ ପ୍ରତିଯୋଗୀ ଓ ୧୧ଜଣ କୋଚ୍/ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କଟକ, ଗଞ୍ଜାମ, ଗଜପତି, ପୁରୀ, ଭୁବନେଶ୍ୱର, ନୂଆପଡା, ସମ୍ବଲପୁର, କନ୍ଧମାଳ, ଢେଙ୍କାନାଳ ଜିଲ୍ଲାରୁ ୧୦୪ ଜଣ ପ୍ରତିଯୋଗୀ ଓ ୧୧ଜଣ କୋଚ୍/ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସପନ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜ୍ୟୋତିପ୍ରସାଦ ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲ୍ଲା କ୍ରୀଡ଼ାସଂଘ ସମ୍ପାଦକ ନଳିନୀ କୁମାର ଦାସ, ଓଡ଼ିଶା କୁସ୍ତି କୋଚ୍ ନାରାୟଣ ବେହେରା, ଢେଙ୍କାନାଳ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ବେହେରା, କେନ୍ଦୁଝର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଏବଂ ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଉମେଶ ଚନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ସମ୍ପାଦକୀୟ



ରକ୍ଷଣଶୀଳତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ।
-ଓସ୍କାର ୱାଇଲ୍ଡ୍

ସକାଳ
THE SAKALA

## ସମସ୍ୟା ଓ ସମାଧାନ

ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ଅଥଚ ଚିକିତ୍ସକ କି ସ୍ୱାସ୍ଥ୍ୟ ସହାୟକ ନାହାନ୍ତି। ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପରିଲକ୍ଷିତ ଏହି ବିଫଳତାର ଯେ ସମାଧାନ ସୂତ୍ର ନାହିଁ, ଏକଥା ନୁହେଁ। ସରକାରୀ ମଞ୍ଜୁରୀପ୍ରାପ୍ତ ମେଡିକାଲ ଅଫିସରଙ୍କ ସଂଖ୍ୟା ୭,୮୦୬ ହୋଇଥିବା ବେଳେ ନିଯୁକ୍ତି ପାଇଛନ୍ତି ୨,୭୯୨ ଜଣ। ଅବଶିଷ୍ଟ ୫୮୩୪ ଡାକ୍ତରୀ ପଦ ଖାଲିପଡ଼ିଛି। ତେବେ ଜିଲ୍ଲା ସଦର ମହକୁମା ସ୍ଥିତି ଅପେକ୍ଷାକୃତ ଭଲ। ୯୪୬ ବିଶେଷଜ୍ଞ ଡାକ୍ତରୀ ପଦବୀରୁ ୧୭୯ ଆସନ ଖାଲିପଡ଼ିଛି। ଏହି ପରିସଂଖ୍ୟାନ ଦର୍ଶାଇବା ବେଳେ ଆମକୁ କହିବାକୁ ପଡୁଛି ଯେ ଅତି ଦୂରଦୂରାନ୍ତ ଅନଗ୍ରସର ଅଞ୍ଚଳରେ ଡାକ୍ତରଙ୍କ ଆବାସସ୍ଥଳ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଅଭାବ ଯୋଗୁଁ ନିଯୁକ୍ତି ପାଉଥିବା ଡାକ୍ତର ଯିବାକୁ ଅମଙ୍ଗ ହେଉଛନ୍ତି। ଏକ୍ଷେତ୍ରରେ ସେମାନେ ବିକଳ୍ପ ବ୍ୟବସ୍ଥାକୁ ଆଦରି ନେବାକୁ ବାଧ୍ୟବାଧକତା ସୃଷ୍ଟି ହୋଇଛି। ସେହିଭଳି ସେମାନଙ୍କୁ ନିର୍ଦ୍ଧାରିତ ୩ ବର୍ଷ ବ୍ୟବଧାନରେ ବଦଳି କରାନଯିବା ମଧ୍ୟ ଅନ୍ୟ ଏକ ଦିଗ। ଏକ୍ଷେତ୍ରରେ ମଧ୍ୟ ବାଛ ବିଚାର ଅନୁଭବ ହେଉଛି।

ଏଠାରେ ଏହି ପ୍ରସଙ୍ଗ ଉଲ୍ଲେଖ କରାଯିବାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିଯିବା ପରେ ଡାକ୍ତର ଆଉ ଅଭାବ ନାହାନ୍ତି। ଏକ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଡାକ୍ତର ନିଯୁକ୍ତି ପାଇଁ କେବଳ ଓପିଏସସି ପରୀକ୍ଷା ଓ ଉତ୍ତୀର୍ଣ୍ଣଙ୍କ ଉପରେ ନିର୍ଭର କଲେ ବ୍ୟବସ୍ଥା ସୁଧୁରିବ ନାହିଁ। ସମୟ ବଦଳିଛି। ରାଜ୍ୟରୁ ପ୍ରତିବର୍ଷ ହାରାହାରି ସରକାରୀ ମେଡିକାଲ କଲେଜରୁ ୨ ହଜାର ପର୍ଯ୍ୟନ୍ତ ଏମବିବିଏସ ଡିଗ୍ରୀଧାରୀ ବାହାରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ସରକାରଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଶିକ୍ଷାଦାନ ସହ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ସରକାରୀ ସର୍ତ୍ତ ସଂଯୁକ୍ତ କରାଯାଇପାରିବ। ଏହି ଡିଗ୍ରୀଧାରୀଙ୍କୁ ଅନ୍ତତଃ ଦୁଇବର୍ଷ ପାଇଁ ଗ୍ରାମାଞ୍ଚଳରେ ଚୁକ୍ତିଭିତ୍ତିକ ସେବା ଦେବାର ବାଧ୍ୟବାଧକତା ରଖାଯାଇପାରେ। ଏହି ବାଧ୍ୟବାଧକତା ସହ ସେମାନଙ୍କ ରେଜିଷ୍ଟ୍ରେସନକୁ ସଂଶ୍ଳିଷ୍ଟ ରଖାଯିବାରେ କୌଣସି ଅସୁବିଧା ନାହିଁ। ସରକାରଙ୍କ ବିପୁଳ ବ୍ୟୟ ବିନିମୟରେ ରାଜ୍ୟବାସୀଙ୍କୁ ସେମାନେ ଏହି ସୁବିଧା ଓ ସେବା ଦେବାର ଔଚିତ୍ୟ ନେଇ ବିଚାର ବିମର୍ଶ କରିବାର ସମୟ ଏବେ ଉପସ୍ଥିତ। ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନୁରୂପ ଭାବେ ଜିଲ୍ଲା ସଦର ମହକୁମାରେ କାମ କରିବାକୁ ପଡ଼ିବ। ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ଦୁଇବର୍ଷରେ ସୀମିତ ରଖିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସମୟକ୍ରମେ ଡାକ୍ତର ନିଅଣ୍ଟିଆ ସ୍ଥିତିରେ ସୁଧାର ଆସିପାରିବ।

ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ଓ ୫୦୦୦ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯିବ ଘୋଷଣା କରିଛନ୍ତି। ଘୋଷଣା ଓ କାର୍ଯ୍ୟକାରିତାରେ ବ୍ୟବଧାନ ଯେତେ ସଂକୁଚିତ ହେବ ତୃଣମୂଳ ସ୍ତରରେ ତାହାର ସେତିକି ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ଆମକୁ ଏଠାରେ କହିବାକୁ ପଡୁଛି ଯେ କ୍ଷମତା ବଦଳିଲେ ବ୍ୟବସ୍ଥା ବଦଳେନି। ଏମିତି କିଛି ବ୍ୟବସ୍ଥା ଓ ଶୃଙ୍ଖଳାକୁ ବଦଳାଇବାକୁ ଯାଇ କ୍ଷମତା ଯେଉଁ ବିଭ୍ରାଟ ସୃଷ୍ଟି କରନ୍ତି ତାହାର ପ୍ରତିକୂଳ ସବୁସ୍ତରରେ ଅନୁଭୂତ ହୁଏ। ଅନ୍ତତଃ ସେଭଳି ମାନସିକତାରୁ କ୍ଷମତା ଦୂରେଇ ରହିବା ଭଲ। ●

## ଏସିଆ କପ ବିବାଦ

କ୍ରିକେଟ ଆମ ଦେଶର ଖେଳ ନ ହେଲେ ମଧ୍ୟ ତାହା ଏବେ ସବୁମହଲରେ ଆକର୍ଷଣର କେନ୍ଦ୍ରବିନ୍ଦୁ। ସଂପର୍କରେ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସିରିଜ ଆୟୋଜନ ବନ୍ଦ ରହିଛି। ଏସବୁ ସତ୍ତ୍ୱେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସ୍ତରରେ ଟୁର୍ଣ୍ଣାମେଣ୍ଟ ହେଉଛି ଓ ଆଗକୁ ହେବ। ଦ୍ୱିପାକ୍ଷିକ ସଂପର୍କରେ ଯେତେ ତିକ୍ତତା ସୃଷ୍ଟି ହେଲେ ମଧ୍ୟ ଦୁଇ ଦଳ ସେଥିରେ ଅଂଶଗ୍ରହଣ କରିବେ ଓ ପରସ୍ପର ସହ ମ୍ୟାଚ ଖେଳିବେ। ତେବେ ଗତ ଅପ୍ରେଲ ଓ ମେ' ରେ ପହଲଗାମ ନୃଶଂସ ଗଣହତ୍ୟା ଏବଂ ପରବର୍ତ୍ତୀ 'ଅପରେସନ ସିନ୍ଦୂର' ଘଟଣାକ୍ରମର ସ୍ଥିତିକୁ ବିଚାର କରି ପାକିସ୍ତାନ ସହ ମ୍ୟାଚ ନ ଖେଳିବା ସକାଶେ ଆମ ଦେଶରେ ଜନମତ ସୃଷ୍ଟି ହୋଇଥିଲା। ଏହି ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇରେ ଏସିଆ କପ ଆୟୋଜିତ କରାଯାଇଛି। ଏସବୁ ସତ୍ତ୍ୱେ ମ୍ୟାଚ ବିବାଦ ମୁକ୍ତ ହୋଇପାରିନାହିଁ। ଦୁଇଦଳର ଖେଳାଳି ପରସ୍ପର ସହ କରମର୍ଦ୍ଦନ କରି ନଥିବାର ପରିଲକ୍ଷିତ ହୋଇଛି। ଏକଥା ସତ ଯେ ଭାରତୀୟ ଦଳର ଅନାଗ୍ରହ ଯୋଗୁଁ ଏଭଳି ଏକ ଅଭାବନୀୟ ପରିସ୍ଥିତି ଉପୁଜି ଥିଲା।

ଏସିଆ କପର ପ୍ରାୟୋଜକ ଭାରତ। ବିଭିନ୍ନ ମହଲର ବାଦ ଓ ପ୍ରତିବାଦ ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନକୁ ବାଦଦେବା ଯେମିତି ସମ୍ଭବ ନୁହେଁ ସେମିତି ପରସ୍ପର ମଧ୍ୟରେ ମ୍ୟାଚକୁ ଏଡ଼ାଇ ଯିବା ଏତେ ସହଜ ନଥିଲା। କିନ୍ତୁ ଏକଥା ସତ ଯେ ଦୁବାଇରେ ଏହି ମ୍ୟାଚ ପ୍ରତି ସେଭଳି ଆକର୍ଷଣ ଥିବାର ପରିଲକ୍ଷିତ ହୋଇନାହିଁ। ଅବଶ୍ୟ ଭାରତର ୭ ଉଇକେଟରେ ଏହି ସହଜ ବିଜୟ କ୍ରିକେଟପ୍ରେମୀଙ୍କୁ ସନ୍ତୁଷ୍ଟ କରିଛି। ଟସ ପଡ଼ିବା ଏବଂ ତାହାର ପରବର୍ତ୍ତୀ ଘଟଣାରୁ ବିବାଦର ସୂତ୍ରପାତ ହୋଇଛି। ମ୍ୟାଚ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କ ଭୂମିକା ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ କେବଳ ଆପତ୍ତି ଉଠାଇନି, ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ନ ଦେଲେ ଦଳ ପରବର୍ତ୍ତୀ ମ୍ୟାଚ ନଖେଳିବାକୁ ନିଷ୍ପତ୍ତି ନେଇଛି। ଟସ୍ ପରେ ଦୁଇଦଳର ଅଧିନାୟକ ପରସ୍ପରର କରମର୍ଦ୍ଦନ କରିଥା'ନ୍ତି। କିନ୍ତୁ କରମର୍ଦ୍ଦନ ନ କରିବାକୁ ପାକିସ୍ତାନ ଦଳ ଅଧିନାକୟ ସଲମାନ ଆଘାଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ସେ ଭାରତୀୟ ଅଧିନାୟକଙ୍କ ସହ ଏସଂପର୍କରେ ଆଲୋଚନା କରିଥିଲେ, ଯାହାକି ଏମସିସି ନିୟମର ବିରୋଧାଚରଣ। ଏହି ଅଭିଯୋଗ କରିଛନ୍ତି ପିସିବି ମୁଖ୍ୟ ମହସିନ୍ ନକ୍‌ଭି। ମ୍ୟାଚ ପରେ ମଧ୍ୟ ଭାରତୀୟ ଖେଳାଳି କରମର୍ଦ୍ଦନ ନ କରି ଡ୍ରେସିଂରୁମକୁ ଫେରିଯିବା ସହ ଭିତରୁ କବାଟ ବନ୍ଦ କରିଥିଲେ। ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ ନିରୀହ ଲୋକଙ୍କ ମୃତ୍ୟୁର ଏହା ଥିଲା ସେମାନଙ୍କ ପ୍ରତିବାଦ ଏବଂ ମ୍ୟାଚ ବିଜୟକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଆସନ୍ତା ରବିବାର ସୁପର ଫୋର ମ୍ୟାଚରେ ଦୁଇ ଦଳ ପରସ୍ପରକୁ ପୁଣି ଭେଟିବେ।

ପ୍ରୟୋଜନ ଓ ଅର୍ଥ ଉପାର୍ଜନ ବଡ଼ କଥା ନୁହେଁ। ତା'ଠାରୁ ଊର୍ଦ୍ଧ୍ୱରେ ଦେଶବାସୀଙ୍କ ଭାବାବେଗ ଓ ଆତ୍ମସମ୍ମାନ ତଥା ଦେଶର ମର୍ଯ୍ୟାଦା। କ୍ରିକେଟ ଖେଳ ସହ ସଂଶ୍ଳିଷ୍ଟ ଥିବା ଶିଷ୍ଟାଚାର ଓ ସଦଭାବନାର ମଧ୍ୟ ଗୁରୁତ୍ୱ ରହିଛି। ଭଦ୍ରଲୋକଙ୍କ ଖେଳ ରୂପେ ସ୍ୱତନ୍ତ୍ର ମର୍ଯ୍ୟାଦା ଥିବା କ୍ରିକେଟରେ କରମର୍ଦ୍ଦନର ସୌଜନ୍ୟ ରକ୍ଷା ନ କରିବା ଅପେକ୍ଷା ମ୍ୟାଚ ନ ଖେଳିଥିଲେ ଭଲ ହୋଇଥା'ନ୍ତା। ମ୍ୟାଚ ପରବର୍ତ୍ତୀ ପରିସ୍ଥିତି ନେଇ ଆନ୍ତର୍ଜାତିକ ସ୍ତରରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେଥିପ୍ରତି କର୍ତ୍ତୃପକ୍ଷ ସଚେତନ ହେବା ଉଚିତ। ଆଇସିସି ପାକିସ୍ତାନର ଦାବିକୁ ଅଗ୍ରାହ୍ୟ କରି ବିବାଦର ଅବସାନ ଘଟାଇଛି। ପାଇକ୍ରଫ୍ଟ ମଧ୍ୟ ପୂର୍ବଭଳି ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ। ତେବେ ଏସିଆ କପରେ ସୃଷ୍ଟି ହୋଇଥିବା ଏହି ଖରାପ ପରମ୍ପରାକୁ କ୍ରିକେଟ ଇତିହାସରୁ ଲିଭାଇ ଦେଇ ହେବନି। ଉତ୍ତର ପିଢ଼ି ମଧ୍ୟ ଆମକୁ ଏନେଇ ପ୍ରଶ୍ନ କରିବ। ●

# ବିଶ୍ୱାସ-ସଙ୍କଟରେ ଚତୁର୍ଥସ୍ତମ୍ଭ

**ଡ. ଏମ୍ ଜି ପ୍ରସାଦ**

ନିକଟରେ ନେପାଳରେ ଶାସକ ବିରୋଧୀ ବିଦ୍ରୋହ ପଛରେ ସାମାଜିକ ଗଣମାଧ୍ୟମର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ପଡ଼ୋଶୀ ଭାରତ ସରକାର ସଜାଗ ଓ ସତର୍କ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ସମେତ ମୁଖ୍ୟସ୍ରୋତ ଗଣମାଧ୍ୟମରେ ମିଛ ଓ ବିଭ୍ରାନ୍ତିକର ଖବରକୁ ତନଖି କରିବା ଲାଗି ପ୍ରଚଳିତ ଆଇନ୍‌ରେ ସଂଶୋଧନ ଆଣି କଡ଼ା କଟକଣା ଲାଗୁ କରିବାକୁ ବିଚାରବିମର୍ଶ ଆରମ୍ଭ ହୋଇଛି। ସରକାରଙ୍କ ଏହି ଉଦ୍ୟମ ପଛରେ ଗଣମାଧ୍ୟମରେ ମିଥ୍ୟାଖବରର ନିୟନ୍ତ୍ରଣ ଲକ୍ଷ୍ୟ ତୁଳନାରେ ସରକାର ବିରୋଧୀ ଖବର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଲକ୍ଷ୍ୟ ଅଧିକ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହାକୁ ସମ୍ପୂର୍ଣ୍ଣ ନିରାଧାର ବୋଲି କୁହାଯାଇପାରିବ ନାହିଁ। କାରଣ ନେପାଳ ଘଟଣାରେ ସାମାଜିକ ଗଣମାଧ୍ୟମର ମିଛ ଖବର ନୁହେଁ, ବରଂ ସରକାରୀ ସ୍ତରରେ ପ୍ରିୟାପ୍ରୀତିତୋଷଣ ଓ ଭ୍ରଷ୍ଟାଚାରର ଖବର ପ୍ରସାରଣ ହିଁ ଜନତା, ବିଶେଷକରି ଛାତ୍ରସମାଜକୁ ବିଦ୍ରୋହୀ କରିଥିଲା। ତେବେ ସାମାଜିକ ଗଣମାଧ୍ୟମ ମଧ୍ୟ ମିଛ ଓ ଅତିରଞ୍ଜିତ ଖବର ପ୍ରଚାରରୁ ଅଭିଯୋଗମୁକ୍ତ ହୋଇପାରୁ ନ ଥିବାର ଭାରତ ସରକାରଙ୍କ କଡ଼ା କଟକଣା ନିଷ୍ପତ୍ତି ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। ଏହି ସାମଗ୍ରିକ କସରତରେ ଏକ 'କିନ୍ତୁ' ରହିଯାଉଛି, ଯାହା କଟକଣାର କାର୍ଯ୍ୟକାରିତା ଉପରେ କେତେକ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ଏବଂ ସାମାଜିକ ଗଣମାଧ୍ୟମର ବିଶ୍ୱସନୀୟତା/ଅବିଶ୍ୱସନୀୟତାକୁ ଦ୍ୱନ୍ଦ୍ୱର କୁହେଳି ଭିତରକୁ ଠେଲି ଦେଉଛି।

ଗଣମାଧ୍ୟମ ସହିତ ସ୍ୱାଧୀନ ମତ ପ୍ରକାଶର ଅଧିକାର ଓ ବ୍ୟକ୍ତି ସ୍ୱାଧୀନତା ପ୍ରସଙ୍ଗ ଅବିଚ୍ଛିନ୍ନ। ଆଜିର ପ୍ରଯୁକ୍ତି ବିଦ୍ୟା ବିକଶିତ ଯୁଗରେ ଗଣମାଧ୍ୟମର ପରିସର ଓ ଲକ୍ଷ୍ମଣରେଖା ନିର୍ଦ୍ଧାରଣ କରିବା କଷ୍ଟ। ଏହା ଅନସ୍ୱୀକାର୍ଯ୍ୟ ଯେ ଗଣମାଧ୍ୟମ ଆତ୍ମସଚେତନ ହେଲେ ଗଣତନ୍ତ୍ର ପ୍ରତି ଶୁଭଙ୍କର; ଉଚ୍ଛୃଙ୍ଖଳ ହେଲେ ସରକାର, ସମାଜ, ରାଷ୍ଟ୍ର ଓ ସର୍ବସାଧାରଣଙ୍କ ପାଇଁ ବିପଦ। ଡିଜିଟାଲ୍ ଗଣମାଧ୍ୟମ ନିମିଷକେ ବିଶ୍ୱର ପ୍ରତିଟି କୋଣରେ ଅବାଧରେ ପହଞ୍ଚିଯାଉଥିବାରୁ ବିଭ୍ରାନ୍ତିକର ତଥ୍ୟ, ସମ୍ବାଦ ଓ ମତ ପ୍ରସାରଣ ଜରିଆରେ ଜନମତକୁ ପ୍ରଭାବିତ କରି ରାଷ୍ଟ୍ରବିରୋଧୀ ବିକ୍ଷୋଭ, ଆନ୍ଦୋଳନ, ହିଂସା ସୃଷ୍ଟି କରିବା ସହଜ ହୋଇଯାଇଛି ଏବଂ ଏହାର ଅନେକ ଉଦାହରଣ ଏବେ ଭାରତ ସମେତ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ସାମ୍ନା କରି ଆସୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମକୁ ଜନସ୍ୱାର୍ଥ ଓ ରାଷ୍ଟ୍ରହିତ ପ୍ରତି ବିପଦର ଦ୍ୱାହି ଦେଇ ବିଶ୍ୱର ଅନେକ ପ୍ରଗତିଶୀଳ ରାଷ୍ଟ୍ର ନିୟନ୍ତ୍ରଣ କରିବାର ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମର ମୂଳ ସଂସ୍ଥାମାନ ଏହାକୁ ବାକ୍ ସ୍ୱାଧୀନତାର କଣ୍ଠରୋଧ ବୋଲି ଅଭିଯୋଗ କରୁଛନ୍ତି। ତେଣୁ ବ୍ୟକ୍ତି ସ୍ୱାଧୀନତା, ସ୍ୱାଧୀନ ମତ ପ୍ରକାଶର ଅଧିକାର, ବ୍ୟକ୍ତିଗତ ଗୋପନୀୟତା ଏବଂ ଅପରପକ୍ଷରେ ରାଷ୍ଟ୍ରର ସାର୍ବଭୌମତା, ଅଖଣ୍ଡତା, ଏକତା, ପ୍ରତିରକ୍ଷା ଆଦିର ବିରୋଧାଭାସ ଭିତରେ ଏକ ପ୍ରଭାବଶାଳୀ ଆଇନ୍ କାର୍ଯ୍ୟକାରୀ କରିବା ଦୁରୂହ ବ୍ୟାପାର।

ଉଚ୍ଛୃଙ୍ଖଳ ସାମାଜିକ ଗଣମାଧ୍ୟମକୁ ତା'ର ଲକ୍ଷ୍ମଣରେଖା ମଧ୍ୟରେ ରଖିବା ପାଇଁ ଭାରତରେ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଉଦ୍ଦିଷ୍ଟ। ଏହାର ସଂଶୋଧିତ ନିୟମ ଅନୁସାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ବେଆଇନ ବିଷୟବସ୍ତୁ ଓ ବାର୍ତ୍ତାକୁ ପ୍ରତ୍ୟାହାର କରିବାର ଅଧିକାର ମିଡିଆ ପ୍ଲାଟ୍‌ଫର୍ମର ରହିଛି। ସେହିଭଳି ୨୦୨୧ରେ ପ୍ରଣୀତ ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ ଯେଉଁ ପ୍ରଶ୍ନଟି ପ୍ରଭାବଶାଳୀ ଆଇନ ଓ କଟକଣାକୁ ନପୁଂସକ କରିଦେଉଛି ତାହା ହେଉଛି ଗୋଟିଏ ଖବର ବା ଫଟୋ ବା ଭିଡିଓ ସତ କି ମିଛ ତାହା ଯାଞ୍ଚ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କ'ଣ? ଆଜିକାଲି ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍, ଯାହା ଇଣ୍ଟରନେଟ୍ ଦ୍ୱାରା ସଂଯୁକ୍ତ। ଯଦି କେହି କିଛି ସେଥିରେ ଲେଖିଦିଏ, ଫଟୋ କିମ୍ବା ଭିଡିଓ ଅପ୍‌ଲୋଡ୍ କରିଦିଏ ତେବେ ତାହାକୁ ତନଖି କରିବ କିଏ ଏବଂ କେତେବେଳେ? ପୁଣି ସାମ୍ପ୍ରତିକ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିଜିଟାଲ୍ ଗଣମାଧ୍ୟମରେ ପ୍ରଘଟ କୌଣସି ଘଟଣାକୁ ସତ କି ମିଛ ଜାଣିବା କ୍ଷମତା କେବଳ ଏଆଇ ବ୍ୟତିରେକ କାହାରି ନାହିଁ। ତେଣୁ ତଥ୍ୟର ସତ୍ୟାସତ୍ୟ ଯାଞ୍ଚ ହେବା ବେଳକୁ ତାହା ଅବିଳମ୍ବେ ବିଶ୍ୱର ଚତୁର୍ଦ୍ଦିଗରେ ପହଞ୍ଚିସାରିଥିବ ଏବଂ ଯାଦୁକରୀ ପ୍ରଭାବ ବିସ୍ତାର କରିସାରିଥିବ। ଡିଜିଟାଲ୍ ଗଣମାଧ୍ୟମରେ ଏବେ ନିମିଷକେ ଲକ୍ଷଲକ୍ଷ ଅପ୍‌ଲୋଡ୍ ହେଉଛି। ସେଥିମଧ୍ୟରୁ ଠିକ୍ ଭୁଲ୍ ବାଛିବା ଏକପ୍ରକାର ଅସମ୍ଭବ ବ୍ୟାପାର ଏବଂ ସମ୍ପୃକ୍ତ ସଂସ୍ଥା ମଧ୍ୟ ନାଚାର।

ସାମ୍ପ୍ରତିକ ଡିଜିଟାଲ୍ ଯୁଗରେ ଅନ୍‌ଲାଇନ ସମ୍ବାଦ ସଂସ୍ଥାମାନଙ୍କୁ ବାଦ୍ ଦେଇ ଗଣମାଧ୍ୟମର ପରିକଳ୍ପନା କରାଯାଇପାରିବ ନାହିଁ। ଅଧିକନ୍ତୁ ପ୍ରସାରଣ ଓ ପ୍ରଭାବ ଦୃଷ୍ଟିରୁ ଡିଜିଟାଲ୍ ବା ସାମାଜିକ ଗଣମାଧ୍ୟମ ମୁଖ୍ୟସ୍ରୋତ ଗଣମାଧ୍ୟମ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ସାମାଜିକ ଗଣମାଧ୍ୟମ ମଧ୍ୟ ନିର୍ଭୀକ ଓ ମୁକ୍ତ ସାମ୍ବାଦିକତାର ଆଧାର ରୂପେ ଲୋକପ୍ରିୟ ଓ ଆଦୃତ ହେଉଛନ୍ତି। ଜଣେ ବ୍ୟକ୍ତି ମୁକ୍ତ ଭାବେ ନିଜର ବିଚାର ବ୍ୟକ୍ତ କରିପାରୁଛି। ତାହା ଠିକ୍ ହେଉ କି ଭୁଲ୍, ସକାରାତ୍ମକ ବା ନକାରାତ୍ମକ ତାହା ଭିନ୍ନ କଥା। ମୁକ୍ତ ମତ ପ୍ରକାଶର ଏହି ସୁଯୋଗ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ବିପୁଳ କ୍ଷମତା ଓ ପ୍ରଭାବର ଅଧିକାରୀ। ଏହାର ସୁଯୋଗ ନେଇ ବିକଶିତ ଉତ୍ତର ଗୋଲାର୍ଦ୍ଧ ବିକାଶଶୀଳ ଦକ୍ଷିଣ ଗୋଲାର୍ଦ୍ଧ ଉପରେ କର୍ତ୍ତୃତ୍ୱ ଜାହିର କରୁ ଆସୁଛି। ଆବଶ୍ୟକ ପଡ଼ିଲେ ଦକ୍ଷିଣ ଗୋଲାର୍ଦ୍ଧରେ ଅରାଜକତା ସୃଷ୍ଟି କରୁଛି ଏବଂ ନିର୍ବାଚନକୁ ନିୟନ୍ତ୍ରଣ କରି ରାଜନୈତିକ ପଟ୍ଟ ପରିବର୍ତ୍ତନ ମଧ୍ୟ କରିପାରୁଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଜନତାଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି, ଯାହାର ଉଦାହରଣ ବହୁଳ। ଏଭଳି ଅନେକ ଘଟଣାକୁ ନେଇ ଭାରତ ସମେତ ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟମାନେ ଉଦ୍‌ବେଗ ପ୍ରକାଶ କରି ସାମାଜିକ ଗଣମାଧ୍ୟମର ସ୍ୱାଧୀନତା ଉପରେ ନିୟନ୍ତ୍ରଣ ଆଣିବାକୁ ସମ୍ପୃକ୍ତ ରାଷ୍ଟ୍ରର ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି। କତିପୟ ଗଣମାଧ୍ୟମ ସଂସ୍ଥାର ଉଚ୍ଛୃଙ୍ଖଳତା ଦୃଷ୍ଟିରୁ ସ୍ୱାଭାବିକ ଭାବେ ସାମଗ୍ରିକ ଗଣମାଧ୍ୟମ ବିଶ୍ୱସନୀୟତାର ସଙ୍କଟରେ ପଡ଼ିଯାଇଛି।

ଏବେ ଏହାର ଅପରପାର୍ଶ୍ୱକୁ ଦେଖିବା। ଶାସନ ଓ ପ୍ରଶାସନ ଅନେକ ସମୟରେ ନିଜର ଅପାରଗତା ଘୋଡ଼ାଇବାକୁ ଗଣମାଧ୍ୟମ ଉପରେ ଚାପ ପକାଏ ଏବଂ ସୂଚନା ପ୍ରକାଶ ନ କରିବାକୁ କଟକଣା ଲଗାଇଥାଏ। ଏ କ୍ଷେତ୍ରରେ ଶାସକର ପ୍ରଥମ ଭୟ ହେଲା ତ୍ରୁଟି-ବିଚ୍ୟୁତି ପ୍ରକାଶ ପାଇଲେ ଶାସନ ଦଳ ନୈତିକତା ହରାଇ ଜନତାଙ୍କ ଦୃଷ୍ଟିରେ ନିନ୍ଦିତ ହେବ, କ୍ଷମତାରୁ ଅପସରି ଯିବ। ଅପ୍ରିୟ ସତ୍ୟ ହେଲା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ ଓ ଶାସନ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପରିବେଶରେ କିପରି କାମ କରୁଛି ତାହା ଜାଣିବାର ମୌଳିକ ଅଧିକାର ଲୋକଙ୍କର ରହିଛି। ଗଣମାଧ୍ୟମ ବ୍ୟତିରେକ ଜନତାଙ୍କ ଏହି ଆବଶ୍ୟକତା ଆଉ କେହି ପୂରଣ କରିପାରିବାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦୁର୍ନୀତିମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ଅପରିହାର୍ଯ୍ୟ। ଅପରପକ୍ଷରେ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ଅନ୍ୟକୁ ଅପମାନିତ ଓ ଅପଦସ୍ତ କରିବା, ରାଷ୍ଟ୍ରବିରୋଧୀ ତତ୍ତ୍ୱକୁ ପ୍ରଶ୍ରୟ ଦେବା କିମ୍ବା ଉତ୍ସାହିତ କରିବା ଅଗ୍ରହଣୀୟ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ଦାୟିତ୍ୱହୀନ ଓ ସଂଯମହୀନ ହେଲେ ବିଶ୍ୱାସନୀୟତା ହରାଏ ଏବଂ ଏହାର ମହତ୍ ଲକ୍ଷ୍ୟ ସାଧିତ ହୁଏ ନାହିଁ। ଗଣମାଧ୍ୟମ, ବିଶେଷକରି ସାମାଜିକ ଗଣମାଧ୍ୟମରେ ସ୍ୱାଧୀନତା ନାମରେ ମାତ୍ରାଧିକ ଉଚ୍ଛୃଙ୍ଖଳତା ଓ ଦାୟିତ୍ୱହନୀତା ଶାସନ, ପ୍ରଶାସନ ଓ ବିଧିବ୍ୟବସ୍ଥାର ପରିପନ୍ଥୀ। ସଚେତନତା ନାମରେ ଏହା ଅରାଜକତା ଓ ସ୍ୱେଚ୍ଛାଚାରିତା ସୃଷ୍ଟି କରିପାରେ। ସେହିଭଳି ସରକାର ନିଜର ସୁରକ୍ଷା ଏବଂ ବିଫଳତା ଲୁଚାଇବା ପାଇଁ ପ୍ରତିଶୋଧ ପରାୟଣ ହୋଇ ଗଣମାଧ୍ୟମ ଉପରେ କଠୋର ଆଇନ୍ ଲାଗୁ କରିବାରୁ ଦୂରେଇ ରହିବା ଆବଶ୍ୟକ। ସେଥିପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି। ଆଇନର ଶାସନ ଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମକୁ ତାହାର ସତର୍କପ୍ରହରୀ ଦାୟିତ୍ୱ ଯଥାର୍ଥ ଭାବେ ନିର୍ବାହ କରିବା ଲାଗି ସ୍ୱାଧୀନତାର ଅଧିକାର ହାସଲ କରିବା ପ୍ରଥମ ଓ ମୌଳିକ ଆବଶ୍ୟକତା। ସହଯୋଗ, ସୁସଂହତ, ସଂଯମ ଓ ସୌହାର୍ଦ୍ଦ୍ୟର ଲକ୍ଷ୍ମଣରେଖା ମଧ୍ୟରେ ଆତ୍ମନିୟନ୍ତ୍ରଣ ଜରିଆରେ ଉଭୟ ପକ୍ଷ ଦାୟିତ୍ୱସମ୍ପନ୍ନ ଭାବେ କାମ କଲେ ଦେଶର କଲ୍ୟାଣ ସାଧିତ ହେବ। ଏଥିପାଇଁ କିନ୍ତୁ ସରକାର ଉଦାର ଓ ସମାଲୋଚନା-ସହିଷ୍ଣୁ ହେବା ବିଧେୟ। ●

(ପ୍ରାକ୍ତନ ପ୍ରାଧ୍ୟାପକ)

# ହାତମୁଠାରେ ଜଙ୍ଗଲ

**ଡ. ପ୍ରସନ୍ନ କୁମାର ଗନ୍ତାୟତ**

ସାମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ମୁକାବିଲା ସହିତ ବ୍ୟାପକ ବନୀକରଣ ବା ସବୁଜ ବଳୟ ସୃଷ୍ଟି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ବିକାଶ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏଥିପାଇଁ ସବୁଜ ବଳୟ ବଳି ପଡୁଛି। ଅପରପକ୍ଷରେ ବନୀକରଣ ପାଇଁ ପର୍ଯ୍ୟାପ୍ତ ସ୍ଥାନର ଅଭାବ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ଏହି ପୃଷ୍ଠଭୂମିରେ ଜାପାନ୍‌ରୁ ଜନ୍ମିତ ଏବଂ ସମ୍ପ୍ରତି ଅନ୍ୟାନ୍ୟ ଦେଶରେ ଆଦୃତ 'ମିୟାୱାକି ବୃକ୍ଷରୋପଣ ପଦ୍ଧତି' ଏକ ଅଭିନବ ଓ ଶ୍ରେଷ୍ଠ ବିକଳ୍ପ। ଜାପାନ୍‌ର ଉଦ୍ଭିଦ ବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମରେ ନାମିତ ଏକ ପଦ୍ଧତି ଜୈବ ବିବିଧତା, ସ୍ୱଦେଶୀ ବୃକ୍ଷର ସୁରକ୍ଷା, ବାସସ୍ଥାନର ସୃଷ୍ଟି, ପରିବେଶର ଉନ୍ନତି, ଜଙ୍ଗଲ ଆବରଣରେ ବୃଦ୍ଧି ଇତ୍ୟାଦି ପାଇଁ ସର୍ବାଦୌ ଉପଯୋଗୀ। ଏକ ଛୋଟ ପରିମିତ ଅଞ୍ଚଳରେ, ଏପରିକି ୫୦ ବର୍ଗଫୁଟ୍ ଜମିରେ ଚାରାରୋପଣ କରି ସବୁଜ ଆବରଣକୁ ଘନ କରିବା ମୀୟାୱାକି ବୃକ୍ଷରୋପଣର ମୌଳିକ କୌଶଳ।

ଭାରତର ବିଭିନ୍ନ ଅଞ୍ଚଳରେ, ବିଶେଷକରି କେରଳରେ ମିୟାୱାକି ପଦ୍ଧତି ବେଶ୍ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ଏବଂ ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଉଛି। କମ୍ ଖର୍ଚ୍ଚରେ ଦକ୍ଷ ଓ ପରିବେଶ ଅନୁକୂଳ ଏହି ପଦ୍ଧତି ଦ୍ୱାରା ପ୍ରକୃତିର ସନ୍ତୁଳନ ରକ୍ଷା, ଜୈବ ବିବିଧତାର ପୁନରୁଦ୍ଧାର ଏବଂ ସର୍ବୋପରି ପରିବେଶଗତ ଅବକ୍ଷୟରୁ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରାଯାଇପାରୁଛି। ଭାରତର ପ୍ରଥମ ମିୟାୱାକି ସହରାଞ୍ଚଳ ଜଙ୍ଗଲ କେରଳର ତିରୁବନନ୍ତପୁରମରେ ଆରମ୍ଭ କରାଯାଇଥିଲା। ସବୁଠାରୁ ବଡ଼ ମିୟାୱାକି ଜଙ୍ଗଲ ଏବଂ ପରିବେଶଗତ ପୁନରୁଦ୍ଧାର ପ୍ରୟାସ ଗୁଜରାଟର କଚ୍ଛରେ ଅବସ୍ଥିତ। ସ୍ଥାନ ଅଭାବୀ ମୁମ୍ବାଇ ମଧ୍ୟ ସବୁଜ ଆବରଣ ପୁନଃସ୍ଥାପନ କରିବା ପାଇଁ ବିଭିନ୍ନ ଛୋଟ ଛୋଟ ଖାଲି ଜମିରେ ମିୟାୱାକି ଜଙ୍ଗଲ ପଦ୍ଧତି କାର୍ଯ୍ୟକାରୀ କରୁଛି।

କ୍ଷୟପ୍ରାପ୍ତ ଜମିରେ ଶୀଘ୍ର ଜଙ୍ଗଲ ଆଚ୍ଛାଦନ ସୃଷ୍ଟି କରିବା ପାଇଁ ସବୁଠାରୁ ପ୍ରଭାବଶାଳୀ ବୃକ୍ଷରୋପଣ ପଦ୍ଧତି ମଧ୍ୟରୁ ଏହା ସର୍ବୋତ୍ତମ ଭାବେ ଆଦୃତ ହେବାର ଅନେକ କାରଣ ପଛରେ ରହିଛି ଏହା ପ୍ରାକୃତିକ ପୁନଃବନୀକରଣ ନୀତି ଉପରେ ଆଧାରିତ। ଅର୍ଥାତ୍ ସ୍ଥାନୀୟ ଚାରାରୋପଣ ଓ କୃଷି ପଦ୍ଧତି ବ୍ୟବହାର କରି ପରିବେଶ ଅନୁକୂଳ ଜଙ୍ଗଲର ଘନତ୍ୱ ସୃଷ୍ଟି କରେ। ପ୍ରଦୂଷଣ, ବନ୍ୟା ଓ ଭୂସ୍ଖଳନକୁ ଯଥାସମ୍ଭବ ପ୍ରତିରୋଧ କରିପାରେ। ଯେକୌଣସି ସହରରେ ମିୟାୱାକି ବନ ପ୍ରକଳ୍ପଗୁଡ଼ିକ ପରିବେଶଗତ ସ୍ଥିରତା ଏବଂ ପୁନରୁଦ୍ଧାର ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ। ଏହି ଜାପାନୀୟ ପଦ୍ଧତିରେ ଉଦ୍ଭିଦଟି ୧୦ଗୁଣ ଦ୍ରୁତଗତିରେ ବୃଦ୍ଧି ପାଏ ଏବଂ ଘନତ୍ୱ ସାଧାରଣ ଅପେକ୍ଷା ୩୦ଗୁଣ ଅଧିକ ହୁଏ। ଚେନ୍ନାଇ, ପୁନେ, ବେଙ୍ଗାଲୁରୁ ଏବଂ ଓଡ଼ିଶାରେ ମଧ୍ୟ ଏହି ପଦ୍ଧତିକୁ କେତେକ ସ୍ଥାନରେ ଆପଣାଇବା ଦେଖାଦେଇଛି।

ଏହି ପଦ୍ଧତିରେ ପ୍ରଥମେ ଜମିରୁ ଅନାବନା ଲତା, ଗୁଳ୍ମ,ଗଛ ଆଦି ସଫା କରାଯାଏ। ଏଥିପାଇଁ ହାତ ଉପକରଣ କିମ୍ବା ଷ୍ଟମ୍ପ୍ ଗ୍ରାଇଣ୍ଡର କିମ୍ବା ଏକ୍ସକାଭେଟର ଭଳି ଯାନ୍ତ୍ରିକ ଉପକରଣ ବ୍ୟବହାର କରାଯାଇପାରେ। ନିମ୍ବ, ତେନ୍ତୁଳି, ଆମ୍ବ, ସପେଟା, ଭାରତୀୟ କଳା ବେରି ଆଦି ଦେଶୀ କିସମର ଚାରାଗୁଡ଼ିକୁ ଗ୍ରୋବ୍ୟାଗ ସହ ସଂଗ୍ରହ କରାଯାଏ। ତା'ପରେ ଚାରାଗୁଡ଼ିକୁ ସୀମାବଦ୍ଧ ଜଙ୍ଗଲ ଜମିରେ ରୋପଣ କରାଯାଏ। ସେଗୁଡ଼ିକ ପ୍ରତିରୋପଣ ଯୋଗ୍ୟ ହେବା ବେଳେ ମାଟି ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ ହୁଏ। ପ୍ରଥମେ ରୋପଣ ସ୍ଥାନ ଜମିକୁ ଏକ ମିଟର ଗଭୀର ପର୍ଯ୍ୟନ୍ତ ଖଳିବାକୁ ହୁଏ ଏବଂ ଅଧ ମିଟର ଗଭୀରତା ପର୍ଯ୍ୟନ୍ତ ମାଟି କାଢ଼ିବାକୁ ହୁଏ। ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ ଶୁଖିଲା ଗୋବର, କୋକପିଟ୍, ବାଦାମ କୋଷ, ଲାଭ ଦାୟକ ସୂକ୍ଷ୍ମ ଜୀବ ଏବଂ କଟା ପତ୍ର ଆଦି ଭର୍ତ୍ତି କରାଯାଏ। ଏହା ଚାରାର ମୂଳକୁ ସହଜରେ ମାଟିର ଗଭୀରକୁ ଯିବାକୁ ଦିଏ। ଏହି ସମସ୍ତ ପୋଷଣ ସାମଗ୍ରୀ ଏବଂ ଜଳ ସଂରକ୍ଷଣକାରୀ ତତ୍ତ୍ୱ ସହିତ ମାଟି ମିଶିଗଲା ପରେ ଚାରାଗୁଡ଼ିକୁ ଗାତରେ ରଖାଯାଏ। ମାଟିର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ସୂର୍ଯ୍ୟ କିରଣରୁ ସୁରକ୍ଷା ଦିଆଯାଏ ଏବଂ ମାଟିର ଆର୍ଦ୍ରତା ହ୍ରାସ ନ ହେବା ପାଇଁ ପତ୍ରର କମ୍ବଳସ୍ତର ସୃଷ୍ଟି କରାଯାଏ। ଚାରାଗୁଡ଼ିକୁ କଠିନ କାଠ ବାଡ଼ି ପୋତି ସେଥିରେ ବନ୍ଧାଯାଏ, ଯ'ଦ୍ୱାରା ଚାରାଗୁଡ଼ିକ ସହାୟତା ପାଇ ସିଧା ବଢ଼ିଥାଏ। ଶେଷରେ ଚାରାଗୁଡ଼ିକୁ ନିୟମିତ ଯାଞ୍ଚ କରାଯାଇ ଜଳସେଚନ ପ୍ରଣାଳୀ ପ୍ରତି ଧ୍ୟାନ ଦିଆଯାଏ। ଯଦି ତୃଣକ ଥାଏ, ସେସବୁକୁ ଚିହ୍ନଟ କରି ଅପସାରଣ କରାଯାଏ ଏବଂ ଚାରା ମଧ୍ୟରେ କୌଣସି ସଂକ୍ରମଣକୁ ଚିହ୍ନଟ କରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଏ। ଯଦ୍ୱାରା ସମସ୍ତ ଚାରା ବଞ୍ଚିବାର ସମ୍ଭାବନାକୁ ବୃଦ୍ଧି ପାଏ। ଜଙ୍ଗଲ ଶୀଘ୍ର ପ୍ରତିଷ୍ଠିତ ହୁଏ ଏବଂ ଆତ୍ମନିର୍ଭରଶୀଳ ହୋଇଥାଏ। ଯାହା ପ୍ରଥମ ତିନି ବର୍ଷ ପରେ ରକ୍ଷଣାବେକ୍ଷଣ ମୁକ୍ତ ହୋଇଥାଏ।

ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ପୁନଃବନୀକରଣ ପ୍ରୟାସ ପାଇଁ ମିୟାୱାକି ପଦ୍ଧତି ଏକ ଉତ୍କୃଷ୍ଟ ପସନ୍ଦ। ଏଥିରେ ଏକ ଅନୁର୍ବର ଜମିକୁ ଅଧିକ ଜୈବିକ ବିବିଧ ଜଙ୍ଗଲରେ ପରିଣତ କରାଯାଇପାରେ। ଚାରାଗୁଡ଼ିକୁ ପରସ୍ପର ନିକଟରେ ଲଗାଯାଇଥାଏ, ଯାହାଦ୍ୱାରା ସେଗୁଡ଼ିକ ଉପରୁ ସୂର୍ଯ୍ୟକିରଣ ପାଇଥାଏ ଏବଂ ଆଉ ପାର୍ଶ୍ୱଆଡ଼କୁ ନ ବଢ଼ି କେବଳ ଉପରକୁ ବଢ଼ି ଘନ ଛାଇ ସ୍ତର ସୃଷ୍ଟି କରେ। ଏକ ସୀମିତ ଅଞ୍ଚଳରେ କମ୍ ସମୟ ମଧ୍ୟରେ ଅଧିକ ସବୁଜିମା ସୃଷ୍ଟି କରିବାରେ ମିୟାୱାକି ପଦ୍ଧତିକୁ ଏବେ ସ୍ଥାନୀୟ ଭାବେ ହାତମୁଠାରେ ଜଙ୍ଗଲ କୁହାଗଲାଣି ଏବଂ ଆଦୃତ ହେଲାଣି। ●

ଅଧ୍ୟକ୍ଷ(ସେବା ନିବୃତ୍ତ)
ରାୟଗଡ଼ା, ମୋ: ୮୨୪୯୪୨୫୫୫୧

# କାରୁଣ୍ୟ ବିଗଳିତ କାଳିନ୍ଦୀ ଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଓଡ଼ିଶା ଗଡ଼ଜାତର ନିବିଡ଼ ଅରଣ୍ୟାନୀ ମଧ୍ୟରେ ନିରୀହ ସରଳ ଅବୋଧ କୃଷ୍ଣସାର ମୃଗଶିଶୁଟିଏ ମାତୃସ୍ତନରୁ ଅମୃତପାନ କରୁଛି ନିଧଡ଼କ ଭାବରେ। ଏପରି ମମତାପ୍ଲୁତ ମୁହୂର୍ତ୍ତ କେଉଁ ବନ୍ଧୁକଧାରୀ ନିର୍ମମ ରାକ୍ଷସର ପ୍ରଚଣ୍ଡ ଗୁଳି ବିସ୍ଫୋରଣରେ ହୋଇଗଲା ବିପର୍ଯ୍ୟସ୍ତ, ନିସ୍ତବ୍ଧ? କ୍ଷୀରଦାନରେ ପରିତୃପ୍ତ ହରିଣୀର ଶରୀର ହୋଇଗଲା ରକ୍ତ ଜର୍ଜର? କ୍ଷଣିକ ମଧ୍ୟରେ ଟଳିପଡ଼ିଲା ନିସ୍ପନ୍ଦ ଶରୀରଟି ତା'ର। କି ଦୋଷ କରିଥିଲା ସ୍ନେହମୟୀ ମୃଗାବତାର ମାତୃ ପ୍ରତମାଟି? କ'ଣ ଯେ ଘଟିଗଲା, ତାହା ବୁଝିପାରିବାର ସାମାନ୍ୟ ଶକ୍ତି ସଂଚାର ହୋଇ ନଥିବା ତା'ର ଟିକି ଶିଶୁ କନ୍ୟାଟି କେଉଁ ଜନ୍ମରେ କି ଅପରାଧ କରିଥିଲା? ଏପରି ନିଷ୍ଠୁର ଭାବରେ ନିରୀହ ପ୍ରାଣୀ ଉପରେ ଗୁଳି ନିକ୍ଷେପ କରିବାର ଅଧିକାର କିଏ ବା କାହାକୁ ଦେଲା? ଏହି ଚିତ୍ର ଯେତେବେଳେ ପ୍ରାଣବନ୍ତ ହୋଇ ଉଠିଛି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ' ଗଳ୍ପରେ, ସେତେବେଳେ ଯତ୍‌ସାମାନ୍ୟ କୋମଳତାର ଅଧିକାରୀ ପାଠକର ଆପାଦମସ୍ତକ କାର୍ତ୍ତିକ ମାସର ଶୀତାର୍ତ୍ତ ରାତି ପରି ଥରି ଉଠେ।

ଯେଉଁ ଜମିଦାରଙ୍କ ଦ୍ୱାରା ଧୂଳିସାତ ହୋଇଗଲା ନିଜର ନିଷ୍ପାପ ଶୈଶବ, ସେହି ଘାତକକୁ ଆକୁଳ ନୟନରେ ଚାହିଁଲା ମୃଗଶିଶୁଟି। ପାଠକ ଶୁଣିଲା ତାଙ୍କ ହୃଦୟରେ ଯେତେବେଳେ ଉଚ୍ଚାରିତ ହେଲା -'ଆହାଃ।' କିନ୍ତୁ ଏଇଠି ଅଟକି ଯାଇନି କାରୁଣ୍ୟ-ବିଗଳିତ କାଳିନ୍ଦୀଚରଣଙ୍କ କଲମ। ମୃଗଶିଶୁଟିକୁ ପାଳିତା କନ୍ୟା ପରି ନିଜ ଉଆସରେ ଆଶ୍ରୟ ଦେଇଥିବା ଜମିଦାର ଯେ ପୁଣି ଘନିଷ୍ଠ ବନ୍ଧୁ ଇଂରେଜ ସାହେବଙ୍କ ପାଇଁ ନୃଶଂସ ହୋଇପାରନ୍ତି ତାହା ଭାବିବା ବେଳେ ଶରୀରରେ ଶିହରଣ ଖେଳିଯାଏ। ଆଉ ପାଠକର ମାନସିକତା କେଉଁ ସ୍ତରକୁ ଯାଇଥିବ ତାହା କଳ୍ପନାତୀତ। 'ମାଂସର ବିଳାପ' ଗଳ୍ପ ପାଠ କରିବା ପରେ କେତେ ପାଠକ, ଛାତ୍ରଛାତ୍ରୀ ହୋଇଯାଇଛନ୍ତି ଶାକାହାରୀ ଏହାର ହିସାବ ରଖିବା ହୁଏତ ସମ୍ଭବ ହେବ ନାହିଁ। କିନ୍ତୁ ଯାହା ଭିତରେ ସାମାନ୍ୟ ବି ରହିଛି ସ୍ନେହ, ମମତା ସେମାନେ ମୁକ୍ତ ହୋଇଛନ୍ତି ଏହି ଦୁଷ୍କର୍ମରୁ। ଆଜିର ମାତୃପ୍ରତିମ, ଭଗିନୀ ସଦୃଶା, କନ୍ୟା ପ୍ରତି. ଶିଶୁ କନ୍ୟା ଅର୍ଥାତ ମାତୃଜାତି ପ୍ରତି ଆସୁରିକ ଅତ୍ୟାଚାରର ଏକ ପ୍ରତୀକାତ୍ମକ ପ୍ରତିବାଦ ହେଉଛି 'ମାଂସର ବିଳାପ'।

କାଳଜୟୀ ସାହିତ୍ୟ ସ୍ରଷ୍ଟା କାଳିନ୍ଦୀ ଚରଣଙ୍କ ରଚିତ 'ପଙ୍ଗୁ', 'ବିଟଘର ଓ ରେଳଗାଡ଼ି' ସେହିପରି ମାନବିକ ଆବେଦନରେ ମର୍ମଦାହୀ। 'ମାଟିର ମଣିଷ' ପରି ଗାନ୍ଧୀ ବିଚାରଧାରା ସମୃଦ୍ଧ ଉପନ୍ୟାସ ସେ ହିଁ ସୃଷ୍ଟି କରି ପାରନ୍ତି। ଉପନ୍ୟାସର ନାୟକ ବରଜୁ ସାନଭାଇ ଛକଡ଼ି ନିମନ୍ତେ ଯେଉଁ ତ୍ୟାଗ ସ୍ୱୀକାର କରିଛି ତାହା କି ବିରଳ! ଅହିଂସା ଆଜିର ଯୁଗରେ ଅଚଳ ବୋଲି କହିବା ଏକ ଫ୍ୟାସନ ହୋଇଗଲାଣି ବୋଲି ଗାନ୍ଧିଜୀ ତାଙ୍କ ସମୟରେ ଯାହା କହିଥିଲେ। ଆଜି ସେହି ଫ୍ୟାସନ ଅଧିକ ଉଗ୍ର ରୂପ ନେଲାଣି। ଯେଉଁ ଆଦର୍ଶ, ପାରିବାରିକ ଶାନ୍ତି ବଜାୟ ରଖିପାରେ ତାହା ସମାଜ କିମ୍ବା ଦେଶ ପାଇଁ କ'ଣ ଅନୁସରଣୀୟ ନୁହେଁ?

ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କାଳିନ୍ଦୀ ଚରଣଙ୍କ ପ୍ରତିଭାର ଅଭ୍ୟୁଦୟ। 'ସବୁଜ ଗୋଷ୍ଠୀ'ର ସାହିତ୍ୟିକ ପରିମଣ୍ଡଳ ଓଡ଼ିଆ ସାହିତ୍ୟର ଏକ ସ୍ମରଣୀୟ ଅଧ୍ୟାୟ। ଏହାପରେ କାଳିନ୍ଦୀ ଚରଣ କବିତା ସହିତ ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ ଲେଖିଛନ୍ତି। 'ଅଙ୍ଗେ ଯାହା ନିଭାଇଛି'ପରି ଉଚ୍ଚକୋଟୀର ଆତ୍ମଜୀବନୀର ସ୍ରଷ୍ଟା ସେ। ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା, ମନେନାହିଁ ମହାଦୀପ, ସାଗରିକା ଆଦି କେତେ ପୁସ୍ତକ ତାଙ୍କର ଓଡ଼ିଆ ସାହିତ୍ୟକୁ କରିଛି ସମୃଦ୍ଧିଶାଳୀ। ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ଗଳ୍ପମାଳା ବି ଅନୁବାଦ କରିଛନ୍ତି ସେ। କେଉଁ ଦିଗରେ ବା ତାଙ୍କ ପ୍ରତିଭା ରଶ୍ମି ବିକିରିତ ହୋଇନାହିଁ! ତେବେ ପ୍ରତିଭା-ପାତ୍ର ଯାହା ଘେନି ପରିପୂର୍ଣ୍ଣତା ଲାଭକରେ ସେହି ମାନବୀୟ ବେଦନା ଓ ସମ୍ବେଦନା ହେଉଛି କାଳିନ୍ଦୀ ଚରଣଙ୍କ ସାହିତ୍ୟର ସର୍ବୋତ୍ତମ ଐଶ୍ୱର୍ଯ୍ୟ। ଯେଉଁଠି କାରୁଣ୍ୟର ହୃଦୟସ୍ପର୍ଶୀ ବ୍ୟଞ୍ଜନା, ତାହା ହିଁ ହୋଇପାରେ କାଳଜୟୀ। କାଳିନ୍ଦୀ ଚରଣ ସବୁଜ ଧାରାର ସ୍ରଷ୍ଟା। ପୁଣି ପ୍ରଗତିବାଦୀ ସାହିତ୍ୟର ଶିଳ୍ପୀ ଭାବରେ 'ଆଗାମୀ'ପୃଥିବୀର ସ୍ୱପ୍ନ ସେ ଦେଖିପାରନ୍ତି, ଯେଉଁଠି ପ୍ରତିଟି ମଣିଷର ବଞ୍ଚି ରହିବାର ଅଧିକାର ହେଉଛି ଶ୍ରେଷ୍ଠ ଆହ୍ୱାନ। 'ପୁରୀ ମନ୍ଦିର'କବିତା ଯାହାଙ୍କ ମାନବବାଦୀ ଚେତନାର ପରିଚାୟକ ସେ ଭାରତୀୟ ସାହିତ୍ୟ ଜଗତର ଯେ ଏକ ସ୍ୱର୍ଣ୍ଣିମ କିରଣ - ଏହା କିଏ ଅବା ଅନୁଭବ କରିବା ରହିଯାଇଛି ବାକି? ଯେଉଁମାନଙ୍କ ସକାଶେ ଅଛି ବାକି, ସେମାନଙ୍କ ପାଇଁ ରହିଛି କାଳିନ୍ଦୀ ଚରଣ ଗ୍ରନ୍ଥାବଳୀ ଜୀବନ୍ତ ସାକ୍ଷୀ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଇ-ଚାଲାଣପ୍ରାପ୍ତଙ୍କୁ ମିଳିବ ଆଶ୍ୱସ୍ତି

# ରିଆତି ଜରିମାନାରେ ମୁକୁଳିବେ ଗାଡ଼ି ମାଲିକ

ଭୁବନେଶ୍ୱର,୧୭।୯ (ସମିସ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମରେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ଆଶ୍ୱସ୍ତି ମିଳିବ। ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଏନେଇ ବୁଧବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ରିଆତି ଜରିମାନ ରାଶି ତାଲିକା ମଧ୍ୟ ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ 'ଏକକାଳୀନ ସମାଧାନ ଯୋଜନା' ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡ଼ୁଛି ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢ଼ୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ 'ଏକକାଳୀନ ସମାଧାନ ଯୋଜନା' ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ ଏବେ ସୁଦ୍ଧା ୩୧ ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବର ପ୍ଲେଟ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

ଏ ଅଭିଯୋଗଗୁଡ଼ିକର ସଂଖ୍ୟାକୁ ଦେଖି ରାଜ୍ୟ ସରକାର ଏକକାଳୀନ ସମାଧାନ ବାଟ ବାହାର କରିଛନ୍ତି। ଯାହାକୁ କେନ୍ଦ୍ର କରି ରାଜ୍ୟ ବାଣିଜ୍ୟ ବିଭାଗ ଆଜି ଏହି ଓଟିଏସ୍ ବିଜ୍ଞପ୍ତି ଜାରି କରିଛି। ଏଥିରେ ୧୭ ପ୍ରକାରର ନିୟମ ଉଲ୍ଲଂଘନ ପାଇଁ ରିହାତି ଘୋଷଣା କରାଯାଇଛି। ସାଧାରଣ ଉଲ୍ଲଂଘନ, ଡ୍ରାଇଭିଂ ନିୟମ ଭଙ୍ଗ, ବିନା ଟିକଟରେ ଯାତ୍ରା, ଅଧିକାରୀଙ୍କ ଆଦେଶକୁ ପାଳନ ନକରିବା ସୂଚନା ଦେବାକୁ ମନା କରିବା ଆଦି ଉଲ୍ଲଂଘନ ପାଇଁ ୫୦୦ରୁ ୨୦୦୦ ଟଙ୍କା ଯାଏ ଜରିମାନା ବ୍ୟବସ୍ଥା ଥିଲା ସେଥିରେ ୫୦ ପ୍ରତିଶତ ହ୍ରାସ କରାଯାଇଛି। ସେହିପରି ମାନସିକ ଓ ଶାରିରୀକ ସୁସ୍ଥତା ନଥାଇ ଗାଡ଼ି ଚଳାଇବା ଏବଂ ଶବ୍ଦ ଓ ବାୟୁ ପ୍ରଦୂଷଣ କରୁଥିବା ଗାଡ଼ି ଗୁଡ଼ିକ ପାଇଁ ଏକକାଳୀନ ଦେୟ ପଇଠରେ ୫୦ ପ୍ରତିଶତ ହ୍ରାସ ଘୋଷଣା କରାଯାଇଛି। ବିନା ପଞ୍ଜିକରଣରେ ଗାଡ଼ି ଚଳାଇବା ଆଦି ନିୟମ ଉଲ୍ଲଂଘନ ଲାଗି ୨୦୦୦ରୁ ୫୦୦୦ ଟଙ୍କା ଜରିମାନା ଥିଲା। ଏବେ ଏହାକୁ ୨୦୦୦ ଟଙ୍କା ଦେଇ ମାମଲା ବନ୍ଦ କରିହେବ ବୋଲି କୁହାଯାଇଛି। ସେହିପରି ଓଭରସାଇଜ ଗାଡି ପାଇଁ ୫ ହଜାର ଟଙ୍କା ସର୍ବାଧିକ ଜରିମାନା ସ୍ଥିର କରାଯାଇଥିବା ବେଳେ ଅନ୍ୟ ସବୁ ମାମଲାରେ ୧୦୦ ଟଙ୍କା ଜରିମାନା ନିର୍ଦ୍ଧାରଣ କରାଯାଇଛି।

## ପ୍ରତ୍ୟାହାର ହେବ ଇ-ଚାଲାଣ ମାମଲା

ଭୁବନେଶ୍ୱର,୧୭।୯(ସମିସ): ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଅଦାଲତରେ ପଡି ରହିଥିବା ମାମଲାଗୁଡିକୁ ପ୍ରତ୍ୟାହାର କରାଯାଇ ଏହି ମାମଲାରେ କିଭଳି ଉଲ୍ଲଂଘନକାରୀଙ୍କ ଠାରୁ ଜୋରିମାନା ଟଙ୍କା ଆଦାୟ କରାଯିବ ସେନେଇ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ପରିବହନ କମିଶନର ଏହାର ସଦସ୍ୟ ଆବାହକ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆଇନ୍ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଓ ଗୃହ ବିଭାଗର ଜଣେ ଲେଖାଁଏ ଅଧିକାରୀ ମଧ୍ୟ ସଦସ୍ୟ ରହିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ବହୁ ଗାଡ଼ି ଚାଳକଙ୍କ ବିରୋଧରେ ଇ-ଚାଲାଣ ହୋଇଛି। ଏହାକୁ ଆରଟିଓ ଓ ପୁଲିସ କର୍ତ୍ତୃପକ୍ଷଙ୍କଠାରେ ସମାଧାନ କରାଯାଇ ନ ପାରିବାରୁ ମାମଲା କୋର୍ଟକୁ ଯାଇଛି। ହେଲେ ବର୍ଷ ବର୍ଷ ଧରି ଏଭଳି ମାମଲାର ବିଚାର ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଅଦାଲତ ଉପରୁ ଚାପ ହ୍ରାସ କରିବା ସହିତ କିଭଳି ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଜୋରିମାନା ବାବଦ ଅର୍ଥ ଆଦାୟ କରାଯାଇ ପାରିବ ସେନେଇ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏଥିରେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଯେତେସବୁ ମାମଲା ରହିଛି ସେଗୁଡିକୁ ପ୍ରତ୍ୟାହାର କରାଯିବ ଓ ସେ ସଂକ୍ରାନ୍ତରେ ଆଇନଗତ ଦିଗ ଉପରେ ଆଲୋଚନା କରି ଏହି କମିଟି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବାକୁ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଲାଗିଲା ୧,୪୯,୧୧,୩୩୯ ଗଛ

ଭୁବନେଶ୍ୱର,୧୭।୯(ସମିସ): ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନ୍ମଦିବସରେ ସାରା ରାଜ୍ୟରେ ରେକର୍ଡ ସଂଖ୍ୟକ ୧,୪୯,୧୧, ୩୩୯ଟି ଗଛ ଲଗାଯାଇଛି। ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସରେ ୭୫ ଲକ୍ଷ ଗଛ ଲଗାଇ ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଏକ ସଶ୍ରଦ୍ଧ ଉପହାର ଦେବା ପାଇଁ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ପରିକଳ୍ପନା କରିଥିଲେ। ରାଜ୍ୟବାସୀଙ୍କୁ ଏଥିପାଇଁ ଅନୁରୋଧ କରିଥିଲେ ମୁଖ୍ୟମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇ ଗଛ ଲଗାଇବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରାରୋପଣ କାର୍ଯ୍ୟକ୍ରମ ଥିଲେ ମଧ୍ୟ ଅପରାହ୍ଣ ୧.୩୩ ସୁଦ୍ଧା ୭୫ ଲକ୍ଷ ଚାରା ରୋପଣ ଲକ୍ଷ୍ୟ ପୂରଣ ହୋଇଯାଇଥିଲା। ମାତ୍ର ସନ୍ଧ୍ୟା ୫ ଟା ସୁଦ୍ଧା ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ଦୁଇ ଗୁଣ ଗଛ ଲାଗିଛି। ରାଜ୍ୟର ସମୁଦାୟ ୭୧, ୯୨୪ଟି ସ୍ଥାନରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ସର୍ବାଧିକ ୧୪,୨୧,୬୧୮ ଟି ଗଛ ଲଗାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, କୋରାପୁଟ ଜିଲ୍ଲା ୧୧, ୦୧, ୬୨୪ଟି ଗଛ ଲଗାଇ ଦ୍ୱିତୀୟ ସ୍ଥାନ ଏବଂ କେନ୍ଦୁଝର ଜିଲ୍ଲା ୧୦, ୪୨, ୯୨୭ଟି ଗଛ ଲଗାଇ ତୃତୀୟ ସ୍ଥାନ ଅଧିକାର କରିଛି।

## ମାନସ ବସ୍ତିଆ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର,୧୭।୯ (ସମିସ): କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳର ମାନସ ବସ୍ତିଆଙ୍କୁ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା କାରଣରୁ ତାଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ବୁଧବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ବିଭିନ୍ନ ଗଣମାଧ୍ୟମରେ ଦଳର ନେତୃବୃନ୍ଦଙ୍କ ବିରୋଧରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା କାରଣରୁ ତାଙ୍କୁ ଗତବର୍ଷ ଦଳରୁ ନିଲମ୍ବନ କରାଯାଇଥିଲା। ଏହାପରେ ମଧ୍ୟ ତାଙ୍କ ଆଚରଣରେ କୌଣସି ସୁଧାର ଆସିନଥିଲା।

## ଡେରାସ ଉଦ୍ୟାନ କୃଷି ଫାର୍ମରେ ଲାଗିଲା ୧୫ଶହ ଫଳ ଚାରା

### କୃଷି ବିଭାଗ ତରଫରୁ ୨୩ଲକ୍ଷ ବୃକ୍ଷ ରୋପଣ

ଭୁବନେଶ୍ୱର,୧୭।୯(ସମିସ): 'ମା' ପାଇଁ ବୃକ୍ଷଟିଏ' ଅଭିଯାନରେ କୃଷି ବିଭାଗର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହଭାଗୀ ହୋଇଛି। ରାଜ୍ୟ ସମସ୍ତ ଜିଲ୍ଲାରେ ନିର୍ଦ୍ଦେଶାଳୟ ପକ୍ଷରୁ ୨୩ ଲକ୍ଷରୁ ଅଧିକ ଫଳ ଚାରା ରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଡେରାସ ଉଦ୍ୟାନ କୃଷି ଫାର୍ମରେ ଜାମୁକୋଳି, ଲିଚୁ, ନଡିଆ ଓ ସପୁରୀ ଆଦିର ୧୫ଶହ ଫଳ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ର, ଡେରାସର ପ୍ରଶିକ୍ଷାର୍ଥୀ ଏବଂ ଫାର୍ମ କର୍ମଚାରୀ, ବିଭାଗୀୟ ଅଧିକାରୀମାନେ ସକ୍ରିୟ ଭାବରେ ଯୋଗଦାନ ପୂର୍ବକ ଚାରା ରୋପଣ କରିଛନ୍ତି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ପ୍ରତ୍ୟେକ ଲୋକଙ୍କୁ ମା'ଙ୍କ ସ୍ମୃତି ଓ ସମ୍ମାନରେ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିବା। ବିଦ୍ୟାଳୟ, ମହାବିଦ୍ୟାଳୟ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ବେସରକାରୀ ସଂଗଠନ ସକ୍ରିୟ ଭାବେ ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଚାରାରୋପଣ ପରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସଚେତନତା ପ୍ରଦାନ କରାଯାଇସାରିଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରେଖ ୱମନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

## ଅବଶିଷ୍ଟାଂଶ

### ନାରୀ-ସାର...

ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ଗୃହର ଦିବଙ୍ଗତ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବେ। ଗତ ଅଧିବେଶନ ଶେଷ ଓ ଚଳିତ ଅଧିବେଶନ ମଧ୍ୟରେ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ସମେତ ୫ ଜଣ ପୂର୍ବତନ ସଦସ୍ୟ ଓ ନୂଆପଡାର ଆସୀନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ଦେହାନ୍ତ ହୋଇଛି। ଏହି ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହେବା ପରେ ଗୃହରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ଏହାପରେ ବାଚସ୍ପତି ଗୃହକୁ ଶୁକ୍ରବାର ଯାଏଁ ମୁଲତବୀ ରଖିବେ ବୋଲି ସ୍ଥିରୀକୃତ ହୋଇଛି।

### କଠୋର ଆଭିମୁଖ୍ୟ...

ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳଜଳ ହୋଇ ଦିଶୁଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର ଜନିତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପ୍ରତିଦିନ ବଢି ଚାଲିଛି। ଏ ରାଜ୍ୟରେ ଏବେ କେହି ନିରାପଦ ନୁହନ୍ତି ବୋଲି ନବୀନ କହିଥିଲେ। ସେହିପରି ସାର ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମାନବକୃତ ସଙ୍କଟ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। ପଞ୍ଚାୟତି ରାଜ ବ୍ୟବସ୍ଥାରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ଼ ବିରୋଧ କରାଯିବ। ଏତଦ୍ ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବୀ କରାଯିବ ବୋଲି ସେ କହିଥିଲେ। ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ନେତାଙ୍କ ପରାମର୍ଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବାପା-ମା'ଙ୍କ ଜନ୍ମ...

ସାମିଲ ରହିଛି। ତେବେ ୧୯୮୭ ପରେ ଜନ୍ମ ଗ୍ରହଣ କରିଥିବା ଭୋଟରମାନଙ୍କୁ ସେମାନଙ୍କ ପିତାମାତାଙ୍କର ଜନ୍ମ/ସ୍ଥାନ ପ୍ରମାଣପତ୍ର ଦେବାକୁ ପଡ଼ିବ। କମିସନଙ୍କର ଜଣେ ଅଧିକାରୀ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ଗତଥର ଅଲଗା ଅଲଗା ସମୟରେ ଏସ୍‌ଆଇଆର ହୋଇଥିଲା। ଅଧିକାଂଶ ରାଜ୍ୟରେ ଏହି ପ୍ରକ୍ରିୟା ୨୦୦୨ରୁ ୨୦୦୪ ଭିତରେ ହୋଇଥିଲା। ଯେଉଁ ଲୋକଙ୍କ ନାମ ସେ ସମୟରେ ଭୋଟର ତାଲିକାରେ ଥିଲା, ସେମାନଙ୍କୁ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବନାହିଁ। ଉଦାହରଣ ସ୍ୱରୂପ ବିହାରରେ ୨୦୦୩ରେ ଏସଆଇଆର ହୋଇଥିଲା। ଏଠାକାର ପ୍ରାୟ ୫ କୋଟି ଭୋଟର ପୂର୍ବରୁ ଏହି ତାଲିକାରେ ଅଛନ୍ତି। ତେଣୁ ଏମାନଙ୍କୁ କୌଣସି ଅତିରିକ୍ତ ପ୍ରମାଣପତ୍ର ଦେବାକୁ ପଡ଼ିବନାହିଁ। ଆଉ ୩ କୋଟି ନୂଆ ଭୋଟରଙ୍କୁ ନିର୍ଦ୍ଧାରିତ ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏ ଦେବାକୁ ହେବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ମଧ୍ୟ ପ୍ରମାଣପତ୍ର ଭାବେ ଧରାଯାଇଛି। ନୂଆ ବ୍ୟବସ୍ଥାରେ ଯେଉଁ ଲୋକ ନୂଆ ଭୋଟର ହେବାକୁ ଚାହୁଁଛନ୍ତି କିମ୍ବା ଅନ୍ୟ ରାଜ୍ୟରୁ ଆସିଛନ୍ତି ତାଙ୍କୁ ଘୋଷଣାପତ୍ର ଦେବାକୁ ହେବ। ଭାରତରେ କେବେ ଜନ୍ମ ହୋଇଥିଲେ ବୋଲି ପ୍ରମାଣ ଦେବାକୁ ହେବ।

୧୯୮୭ ଜୁଲାଇ ୧ ପୂର୍ବରୁ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ନିଜର ପ୍ରମାଣପତ୍ର ଏବଂ ୧୯୮୭ ଜୁଲାଇ ୧ରୁ ୨୦୦୪ ଡିସେମ୍ବର ୨ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ମାତାପିତାଙ୍କ ଜନ୍ମତାରିଖ କିମ୍ବା ଜନ୍ମସ୍ଥାନ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ୨୦୦୪ ଡିସେମ୍ବର ୨ ପରେ ଜନ୍ମିତ ବ୍ୟକ୍ତିଙ୍କ ଲାଗି ଏହି ସର୍ତ୍ତ କଡ଼ାକଡ଼ି କରିଦିଆଯାଇଛି। ମାତାପିତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ବୋଲି ତାଙ୍କୁ ପ୍ରମାଣିତ କରିବାକୁ ପଡ଼ିବ। ବେଆଇନ ପ୍ରବାସୀ ହୋଇ ନ ଥିବା ମଧ୍ୟ ସ୍ପଷ୍ଟ କରିବେ।

### ଇଭିଏମ୍‌ରେ ରହିବ...

୪୯ବି ଅଧୀନରେ ଇଭିଏମ ବାଲଟ ପେପରର ଡିଜାଇନ ଏବଂ ପ୍ରିଣ୍ଟିଂ ସମ୍ବନ୍ଧିତ ଥିବା ମାର୍ଗଦର୍ଶିକାରେ ସଂଶୋଧନ କରାଯାଇଛି। ସ୍ପଷ୍ଟତା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କମିସନ ଏଥିରେ ଚାରୋଟି ବଡ଼ ପରିବର୍ତ୍ତନ କରିଛନ୍ତି। ପ୍ରାର୍ଥୀଙ୍କ ମୁହଁ ଫଟୋର ତିନି ଚତୁର୍ଥାଂଶରେ ରହିବ। ପ୍ରାର୍ଥୀ/ ନୋଟାର କ୍ରମିକ ସଂଖ୍ୟାର ଫଣ୍ଟ ଅନ୍ତର୍ଜାତୀୟ ଶୈଳୀରେ ରହିବ। ଫଣ୍ଟର ଆକାର ୩୦ ହେବ ଏବଂ ଏହା ବୋଲ୍ଡ ତଥା ଗାଢ଼ ରଖାଯିବ। ଇସିଙ୍କ ସୂଚନା ଅନୁଯାୟୀ ଇଭିଏମର ବାଲଟ ପେପର ୭୦ ଜିଏସଏମ ପେପରରେ ଛପାଯିବ। ବିଧାନସଭା ନିର୍ବାଚନ ପାଇଁ ସ୍ୱତନ୍ତ୍ର ଆରଜିବି ଥିବା ଗୋଲାପୀ ରଙ୍ଗରେ କାଗଜ ବ୍ୟବହାର କରାଯିବ।

### ୭୬ ବର୍ଷରେ...

ରବିଶଙ୍କର, ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ଅଭିନେତା ଅଜୟ ଦେବଗନ, ଧର୍ମେନ୍ଦ୍ର, ରଜନୀକାନ୍ତ, ଆଲିଆ ଭଟ୍ଟ, ଆମୀର ଖାନ୍, ଶାହାରୁଖ ଖାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଓ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଜନ୍ମଦିନରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ମଧ୍ୟପ୍ରଦେଶ ଧାରରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହା ସହିତ 'ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ' ଅଭିଯାନ ଆରମ୍ଭ କରି 'ରାଜ୍ୟରେ ଆଦିସେବା ପର୍ବ'ର ଉଦ୍ଘାଟନ କରିଛନ୍ତି। ସେହିପରି ଭାନିସୋଲା ଗ୍ରାମରେ ପ୍ରଥମ 'ପିଏମ ମିତ୍ର ପାର୍କ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

### ପୁଲିସ ପଞ୍ଝାରେ...

ଚାଲିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାବୁଡ଼ରେ ପଡ଼ିଥିଲେ। ଟିପୁ କେବଳ ବୁଲୁ ଓ ସକାବତକୁ ବନ୍ଧୁକ ଦେବାକୁ ଆସି ନ ଥିଲା; ବରଂ ଆହୁରି ଅନେକ ଅପରାଧୀ ମଧ୍ୟ ବନ୍ଧୁକ ପାଇଁ ବଇନା ଦେଇଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ହ୍ୱାଟ୍ସଆପ ଚାଟ୍ ଓ କଲ୍ ଡିଟେଲ ରିପୋର୍ଟ (ସିଡିଆର) ଯାଞ୍ଚରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସ ହାତରେ ଲାଗିଛି। ସେମାନଙ୍କୁ ମଧ୍ୟ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସେପଟେ ଝାଡ଼ଖଣ୍ଡୀ ମହେଶ ୯ଟି ବିବାହ କରିଥିବା ପୁଲିସ ଜାଣିବାକୁ ପାଇଛି। ଏକାଧିକ ବିବାହ ପଛରେ ବନ୍ଧୁକ ବେପାର ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଭିନ୍ନ ସ୍ଥାନରେ ବନ୍ଧୁକ ବେପାରକୁ ବଢ଼ାଇବା ପାଇଁ ସେ ଗୋଟିଏ ପରେ ଗୋଟିଏ ବିବାହ କରିଥିବା ଜଣାପଡ଼ିଛି। ଏନେଇ ସ୍ୱତନ୍ତ୍ର ଅପରାଧିକ ଶାଖା ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ରାଜଧାନୀରେ ମାରିଲା...

ପୁଲିସ କହୁଥିବାବେଳେ ଶୁଭମିତ୍ରାଙ୍କୁ ହତ୍ୟା କରି ୧ କୋଟି ବୀମା ହାସଲ ପାଇଁ ଦୀପକ ଷଡ଼ଯନ୍ତ୍ର କରିଥିବା ସାଧାରଣରେ ସନ୍ଦେହପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲ୍ଲା ପିତୁକୁଳିର ଶୁଭମିତ୍ରା ପୁଲିସ କମିସନର (ସିପି) ଅଫିସରେ ଥିବା ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କନଷ୍ଟେବଳ ଭାବରେ କାମ କରୁଥିଲେ। ସେହିପରି କନେଷ୍ଟବଳ ଦୀପକ ରାଉତ କମିଶନରେଟ ପୁଲିସରେ ଆକାଉଣ୍ଟ ସେକ୍ସନରେ କିରାଣୀ ଭାବରେ କାର୍ଯ୍ୟ କରୁଥିଲା। ଦୀପକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁପରେ ଶୁଭମିତ୍ରାଙ୍କ ସହ ତାର ସମ୍ପର୍କ ବଢ଼ିଥିଲା ଓ ଗତବର୍ଷ ଜୁଲାଇ ମାସରେ ଉଭୟ ଖଣ୍ଡଗିରି ସବରେଜିଷ୍ଟ୍ରାରଙ୍କ ନିକଟରେ କୋର୍ଟ ମ୍ୟାରେଜ୍ କରିଥିଲେ। ସୂର୍ଯ୍ୟନଗରରେ ରହୁଥିବା ଶୁଭମିତ୍ରା ଗତ ୬ ତାରିଖ ଦିନ ଡ୍ୟୁଟିକୁ ଯାଇ ସନ୍ଧ୍ୟା ଘରକୁ ଫେରିନଥିଲେ। ତା' ପରଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ଶୁଭମିତ୍ରାଙ୍କ ସହିତ ଯୋଗାଯୋଗ ହୋଇନପାରିବାରୁ ତାଙ୍କ ମାଆ ସୁକାନ୍ତି ସାହୁ ୭ ତାରିଖ ଦିନ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଶୁଭମିତ୍ରାଙ୍କ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ଦୀପକ ଉପରେ ସନ୍ଦେହ ହୋଇଥିଲା। ଗତ ଶୁକ୍ରବାର ଦୀପକକୁ ଜେରା କରାଯାଇଥିଲା। ରବିବାର ପୁଲିସ ଦୀପକକୁ ପଚରାଉଚରା କରିବା ପରେ ସୋମବାର ତା'ର ମିଛଧରା ପରୀକ୍ଷା କରାଯାଇଥିଲା। ସେ ଶୁଭମିତ୍ରାଙ୍କୁ ୟୁନିଟ୍ ୬ ଅଞ୍ଚଳରେ ହତ୍ୟାକରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିବା ସ୍ୱୀକାର କରିଥିଲା। ବୁଧବାର କମିସନରେଟ ପୁଲିସର ଏକ ଟିମ୍ ଦୀପକକୁ ଧରି ୟୁନିଟ୍ ୬ ସ୍ଥିତ ହତ୍ୟାକାଣ୍ଡ ସ୍ଥଳ ଓ ସେଠାରୁ ଅଭିଯୁକ୍ତକୁ ନେଇ ଘଟଗାଁ ଅଭିମୁଖେ ଯାଇଥିଲା। ଘଟଗାଁ ଥାନା ପୁଲିସ ସହାୟତାରେ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ଶୁଭମିତ୍ରାଙ୍କ ମୃତଦେହ ଜବତ କରିଥିଲା। ପୁଲିସ କମିଶନର ଦେବଦତ୍ତ ସିଂହଙ୍କ ସୂଚନା ଅନୁସାରେ ଦୀପକ କିଛିମାସ ପୂର୍ବରୁ ଶୁଭମିତ୍ରାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲା। ଏହି ଟଙ୍କା ନେଣଦେଣକୁ ନେଇ ହୋଇଥିବା ବଚସାରୁ ହିଁ ଦୀପକ ତାଙ୍କୁ ହତ୍ୟା କରିଥିବା ପୁଲିସ କମିସନର ଶ୍ରୀ ସିଂ କହିଛନ୍ତି। ଅନ୍ୟପକ୍ଷରେ ଶୁଭମିତ୍ରାଙ୍କୁ ହତ୍ୟା କରି ତାଙ୍କ ମୃତ୍ୟୁ ପରେ ବୀମା କମ୍ପାନୀରୁ ମିଳିବାକୁଥିବା କୋଟିଏ ଟଙ୍କା ହାତେଇବାକୁ ଦୀପକ ଏହି ଯୋଜନା କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ଦୀପକ ପୂର୍ବରୁ ମଧ୍ୟ ବିବାହ କରିଥିଲା ଓ ଏକ ଦୁର୍ଘଟଣାରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ପତ୍ନୀ ସରକାରୀ କର୍ମଚାରୀ ଥିବାରୁ ବ୍ୟବସ୍ଥାନୁସାରେ ଦୀପକଙ୍କୁ କୋଟିଏ ଟଙ୍କା ବୀମାରାଶି ମିଳିଥିଲା। ପୁଲିସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ କୋଟିଏ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ଶୁଭମିତ୍ରାଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏହା ସହ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ନାନା ପ୍ରଶ୍ନ ଉଠିଛି। ବୀମା ଟଙ୍କା ପାଇଁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

### ଗୃହ ବିଭାଗର...

ତାରିଖ ଦିନ ପୁଲିସରେ ବିଧିବଦ୍ଧ ଅଭିଯୋଗ କରିଥିଲେ। ହେଲେ ଆଜି ଘଟଗାଁରେ ତାଙ୍କର ଶବ ମାଟିତଳୁ ମିଳିଛି। ଏହି ଘଟଣା ଗୃହ ବିଭାଗ ଓ ରାଜ୍ୟ ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ପୁଲିସ ବିଭାଗ ତାଙ୍କ ନିଜର ଜଣେ ମହିଳା କର୍ମଚାରୀଙ୍କୁ ୧୦ ଦିନ ଧରି ଖୋଜି ପାଉନାହିଁ ତେବେ ସାଧାରଣ ନାଗରିକଙ୍କ ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ। ଶୁଭମିତ୍ରାଙ୍କ ବାପା ଅଭିଯୁକ୍ତଙ୍କ ବିଷୟରେ ପୂର୍ବରୁ ପୁଲିସକୁ ଅବଗତ କରାଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ହୋଇଛି। ଏହାସତ୍ତ୍ୱେ ତଦନ୍ତ ବାଟବଣା ହେଲା। ଶେଷରେ ମହିଳା କନେଷ୍ଟବଳ ଆଖି ବୁଜିଲେ। ମହିଳାଙ୍କ ସୁରକ୍ଷା ନେଇ ଗୃହ ବିଭାଗ ଓ ପୁଲିସ ଯଦି ତାଙ୍କ କାର୍ଯ୍ୟଶୈଳୀରେ ତୁରନ୍ତ କୌଣସି ପରିବର୍ତ୍ତନ ନ ଆଣନ୍ତି ତେବେ ଆଗକୁ ଆହୁରି ଅନେକ ଶୁଭମିତ୍ରାଙ୍କୁ ପରିବାର ଲୋକେ ହରାଇବେ ବୋଲି ନବୀନ କହିଛନ୍ତି। ପୂର୍ବରୁ ଗୋପାଳପୁର ଓ ବାଲିହରଚଣ୍ଡୀ ଭଳି ପର୍ଯ୍ୟଟନ ସ୍ଥଳୀରେ ଗଣଦୁଷ୍କର୍ମ ପରି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଏବେ ପୁଲିସ ବିଭାଗର ଜଣେ ମହିଳା କନେଷ୍ଟବଳ ନିଖୋଜ ହେବାର ୧୦ ଦିନ ପରେ ତାଙ୍କ ମୃତଦେହ ମିଳିଛି। ତେଣୁ ଗୃହ ବିଭାଗ ତୁରନ୍ତ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ନିତ୍ୟାନ୍ତ ଆବଶ୍ୟକ ବୋଲି ନବୀନ କହିଛନ୍ତି।


**AFFIDAVIT**

I, Ashok Modi S/o Sagarmal Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4377,dtd 09.12.2024 that now onwards I shall be known as **ASHOK KUMAR MODI** for all future purposes.

**AFFIDAVIT**

I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VANKATA RAMANA** for all Future purposes.

**AFFIDAVIT (For Minor)**

By virtue of an affidavit before the Executive Magistrate, Badasahi, Mayurbhanj. I Satyaranjan kalia , At/Po-Singhtia, Ps-Badasahi, Dist-Mayurbhanj, Pin- 757026, Odisha. declare by this affidavit no 293/ 07.08.2025. I have changed my daughter's name from Jasnarani Kalia to Jyotsnarani Kalia. Henceforth, She shall be known as Jyotsnarani Kalia for all future purposes.

Sd/- Satyaranjan kalia

**AFFIDAVIT**

By virtue of an affidavit Sl. No. 2405, dtd. 17-09-2025 in the Court of the Executive Magistrate, Phulbani, Dist.- Kandhamal, I, Tiphan Digal, have changed my name from Tofan Digal to Tiphan Digal. Henceforth I shall be known as Tiphan Digal for all purposes.

Sd/- Tiphan Digal

**AFFIDAVIT**

By virtue of an affidavit Sl. No. 1263, dtd. 29.04.2023 in the court of the Executive Magistrate (K), Phulbani, I, Sumitra Bishoi, have changed my minor daughter's name from Paree Mahalik to Archita Mahalik. Henceforth she will be known as Archita Mahalik for all purposes.

Sd/- Sumitra Bishoi

**NOTICE (For Minor)**

By virtue of an affidavit sworn before Executive Magistrate, Mohana Dated 03.09.2025, I Suchitra Behera, address : Upar Sahi, Kattama, PO- Kattama, VTC- Kattama, Sub- Dist- Adva, Dist- Gajapati, Odisha- 761217, declare that I have changed the name of my Daughter old name is Apsani Batra to New Name Sweety Batra. Henceforth, She shall be known as New Name Sweety Batra for all purposes.

Sd/- Suchitra Behera

**NOTICE**

By virtue of an affidavit sworn before Notary Public, Bhubaneswar dated 16.9.2025 I, Anupama Pradhan, W/o- Lokanath Pradhan resident of Village- Kusuma, Po.- Barttana, Ps.- Khaira, Dist.- Balasore- 756115 declare that, I have changed the name of my daughter from **PARINITA PRADHAN** to **PARNITA PRADHAN**. Henceforth, she will be known as **PARNITA PRADHAN** for all purposes.

Anupama Pradhan

**AFFIDAVIT**

I, Bhagyashree Sahoo, aged about 25 years, W/o- Parsuram Sahu, resident of At- Sulia, PO- Kalan, Ps- Kuakhia, Dist- Jajpur, PIN-755008, Odisha declared by this affidavit,sworn before Executive Magistrate, Bhubaneswar, vide CF No. 2, dtd- 16/09/2025, that now onwards I shall be known as **BHAGYASHREE SAHOO** instead of Bhagyashree Sahu for all future purposes.

**AFFIDAVIT**

I, Bana Sahu, S/o- Pallaru Sahu resident of Village- Turcha, Po.- Kathaumal, Ps.- Gaisilet, Dist.- Bargarh, Odisha- 768037, declare by this affidavit dtd. 15.09.2025 that, I have changed my minor daughter's name from **Rasgola Sahu** to **Purnima Sahu**. now onwards she shall be known as **Purnima Sahu** for all future purposes.

**AFFIDAVIT**

I, Sabita Behera, aged about 50 years, W/o- Pramod Kumar Behera, resident of At-HIG S/25, Maitree Vihar, Phase-ii, Near Tech Mahindra, Lemon Tree Hotel, Chandrasekharpur, Bhubaneswar, Pin-751023, Odisha declare by this affidavit No. 1928, dtd- 17.09.2025, that now onwards I shall be known as **SABITA PRADHAN** for all future purposes.

**ହଜିଛି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଅବଗତ କରାଇ ଦିଆଯାଉଛି କି, **ମୁଁ, ସୁଧା ଅଗ୍ରୱାଲ,** ବୟସ-୪୬ ବର୍ଷ, ସ୍ୱାମୀ: ରାଜେଶ କୁମାର ଅଗ୍ରୱାଲ, ଫ୍ଲାଟ୍ ନଂ.: ୪୦୫, କ୍ରିଏଟିଭ୍ ଏନକ୍ଲେଭ୍, ଶାସ୍ତ୍ରୀନଗର, ଭୁବନେଶ୍ୱର - ୭୫୧୦୦୧ କ୍ରୟ କରିଥିବା ଜମି ଯାହାର ପ୍ଲଟ୍ ନଂ.: ୧୧୧୭/୩୦୪୬, ଖାତା ନଂ.: ୫୪୪/ ୭୫୮, ମୌଜା: ଭୀମପୁର, ୟୁନିଟ୍-୨୨, ଭୁବନେଶ୍ୱରର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୯୨୦/୨୦୦୬ କେଉଁଠାରେ ହଜିଯାଇଛି। ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳିପାରୁ ନାହିଁ

ଯୋଗାଯୋଗ ନଂ.: ୮୬୩୭୨୯୨୦୪୭

**AFFIDAVIT**

By virtue of an Affidavit No-6210 before the Executive Magistrate, Chandbali dtd: 16-09-2025, **Laxmi Priya Nayak,** 54 yrs, W/o- Ex-Army, Saroja Kanta Nayak, resident of At/Po- Gopalpur, PS- Chandbali, Dist-Bhadrak, Odisha, declare that **Laxmi Priya Nayak** (Actual Name as per Aadhaar No. 4636 8912 4508) and **Laxmi Priya Devi** as per the Army Document (ECHS), W/o- Ex-Army **Saroja Kanta Nayak,** is one and same person. Henceforth, I will be known as **Laxmi Priya Nayak** for all purposes.

**AFFIDAVIT**

I RADHASHYAM AGARWAL S/O PREMCHAND AGARWAL FLAT NO- 308, BHAGABAN TOWER, PO- BUDHESWARI COLONY, PS- LAXMI SAGAR, BHUBANESWAR - 751006, ODISHA DECLARE BY THIS AFFIDAVIT NO- 31698, DATE-15.09.2025, THAT NOW ONWORDS, I SHALL BE KNOWN AS **RADHESHYAM AGARWAL** FOR ALL FUTURE PURPOSES.

**AFFIDAVIT**

ତାରିଖ- ୦୮/୦୯/୨୦୨୫ରେ ଭୁବନେଶ୍ୱରର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସିଏଫ୍ ନଂ.୧୯) ଆଧାରରେ। ମୁଁ, ମହମ୍ମଦ ନିଜାମୁଦ୍ଦିନ୍ ଅହମଦ, ବୟସ ପ୍ରାୟ ୫୩ ବର୍ଷ, ପୁଅ ସ୍ୱର୍ଗତ ଅବଦୁସତାର ଖାନ, ପ୍ଲଟ୍ ନମ୍ବର ୪୬୮୯/୫୨୭୫,ଆଦିମାତା କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୧୭, ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟେ। ମୁଁ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ନାମ ଏମ୍‌ଡ଼ି ନିଜାମୁଦ୍ଦିନ୍ ଅହମଦରୁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦକୁ ପରିବର୍ତ୍ତନ କରିଛି। ଏଣିକି, ମୁଁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦ ଭାବରେ ପରିଚିତ ହେବି। ମହମ୍ମଦ ନିଜାମୁଦ୍ଦିନ୍ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ଗ୍ରହଣୀୟ ହେବ।

**AFFIDAVIT**

I, Ranju Kumari Modi W/o Ashok Kumar Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4378,dtd 09.12.2024 that now onwards I shall be known as **RANJU MODI** for all future purposes.

**WALK-IN INTERVIEW**

**NAVODITYA HIGHER SECONDARY SCHOOL, KHARIAR ROAD**
**NAVODITYA PUBLIC SCHOOL, NUAPADA**

REQUIRES:- TGT's in English, SST, COMPSC, SCIENCE, MATHEMATICS, Odia, Hindi, PGT's in English, MATH, IT, HISTORY, GEOGRAPHY, COMMERCE, Phy. Education
QUALIFICATION:- M.A/M.Sc/M.Tech/B.Tech/B.A/ B.Sc with B.Ed having 60% Aggregate
EXPERIENCE:- 3-5 YEARS, PROFICIENCY IN ENGLISH
PLACE OF POSTING: - KHARIAR ROAD, NUAPADA
SALARY: - TGT:-20000/- PGT: - 30000/-

Interested candidates may attend a walk-in interview with their application CV and certificates on the date and time mentioned below.

| DATE | PLACE | TIME |
|---|---|---|
| 22/09/2025 | Bhubaneswar – Hotel Seetal,Vani Vihar Square | 10:00 AM – 4:00 PM |
| 24/09/2025 | Khariar Road – Navoditya Campus - A | 10:00 AM – 4:00 PM |

They may send their updated resume to WhatsApp @ 7327977582 in advance. No. TA / DA will be given for attending the interview.

Contact : Mr. Abhisek Singh – 9556309956

**TPCODL** TP CENTRAL ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/09**

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000005943 | SITC of DC Switches under TPCODL |
| 2 | TPCODL/CCG/2025-26/1000005945 | SITC of 2 Socket CPU Servers for TPSODL & TPNODL |
| 3 | TPCODL/P&S/2025-26/1000005988 | Management of Customer Care at TPCODL for 2 Years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details.

**ପାରାଦୀପ ବିଶ୍ୱକର୍ମା ପୂଜା**

# ବିରାଜିଲେ ଦେବଶିଳ୍ପୀ; ଉତ୍ସବମୁଖର ବନ୍ଦରନଗରୀ












- ଝିଲିମିଲି ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ
- ୧୩ ମଣ୍ଡପରେ ପୂଜା ପାଉଛନ୍ତି ଦେବଶିଳ୍ପୀ
- ପ୍ରଥମ ଦିନରେ ୨୦ ହଜାର ଦର୍ଶକଙ୍କ ଭିଡ଼
- ସମୁଦ୍ର କୂଳ ବିଜୁ ମଇଦାନରେ ଚାଲିଛି ବାଣିଜ୍ୟ ମେଳା

ପାରାଦୀପ,୧୭।୯ (ସମିସ)

ବିଶ୍ୱକର୍ମା ପୂଜା ପାଇଁ ଆଜିଠୁ ବନ୍ଦରନଗରୀ ଝଲସୁଛି। ପ୍ରଥମ ଦିନରେ ୧୩ ପୂଜାମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ମୁହଁ ସନ୍ଧ୍ୟା ସୁଦ୍ଧା ଖୋଲାଯାଇଥିଲେ ବି ପ୍ରାୟ ୨୦ ହଜାର ଲୋକଙ୍କ ସମାଗମ ହୋଇଥିବା କୁହାଯାଉଛି। ଏପରିକି ପୁଲିସ ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ ପୁଲିସଙ୍କୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଛି। ଆଜି ନିଜେ ଏସ୍‌ପି ଅଙ୍କିତ ବର୍ମା ପୂଜା ପେଣ୍ଡାଲଗୁଡିକର ସ୍ଥିତି ବୁଲି ଦେଖିବା ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏପରିକି ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବା ଏହି ପୂଜାରେ ସୁରକ୍ଷା ବ୍ୟବସ୍ଥାରେ ଯେମିତି ତିଳେମାତ୍ର ଭୁଲ ନ ହୁଏ ସେଥିପାଇଁ ଆଉ ଅଧିକ ଫୋର୍ସ ମୁତୟନ କରିବାକୁ ଏସ୍‌ପି ଚିନ୍ତା କରିଛନ୍ତି। ବିଶେଷକରି ସହରର ବଡପଡିଆ, ହୋଟେଲ ଇଣ୍ଟରନେସନାଲ ଛକ, ନୂଆବଜାର, ବ୍ୟାଙ୍କ ଲାଇନ ଓ ଏମ୍ପାୟାର୍ସ ଛକ ଭଳି ସ୍ଥାନଗୁଡିକରେ ପୁଲିସ ବୁକିଂ କରିଥିବା ଦେଖିବାକୁ ମିଳିଛି। ଯେପରିକି କେହି ଗାଡି ମୋଟର ନେଇ ପ୍ରବେଶ ନକରିବେ ସେଥିପ୍ରତି ପୁଲିସ ବେଶ ଯତ୍ନବାନ ଥିବା ଦେଖିବାକୁ ମିଳିଛି। ସେହିଭଳି ବିଭିନ୍ନ ଜାଗାରେ ସିସିଟିଭିଗୁଡିକ ଉପରେ ବିଶେଷ ନଜର ରଖାଯିବ ବୋଲି ପୁଲିସ କହିଛି। ଏଥିସହ ସମୁଦ୍ର କୂଳ, ନେହରୁବଙ୍ଗଳା ଓ ବିଜୁ ମଇଦାନ ଅଞ୍ଚଳରେ ଲୋକେ କିଭଳି ସମୁଦ୍ରକୁ ନଯିବେ ସେଥିପାଇଁ ପୁଲିସ ସତର୍କତା ଅବଲମ୍ବନ କରିଛି। ସମୁଦ୍ର ବେଳାଭୂମିରେ ମେଳା ପଡିଥିବାରୁ ମେଳା ବୁଲିବା ସହ ଦର୍ଶକମାନେ ସମୁଦ୍ର ବୁଲିବାକୁ ଯାଇଥିଲେ। ତେଣୁ ବିଜୁ ମଇଦାନରେ ମଧ୍ୟ ଖଚାଖଚ ଭିଡ ଦେଖିବାକୁ ମିଳିଛି। ସେହିଭଳି ବଡପଡିଆ ମୁଖ୍ୟ ରାସ୍ତାରେ ବୁଲା ଷଣ୍ଢ ଓ ଗାଈଗୋରୁ ମାଳ ମାଳ ହୋଇ ବୁଲୁଥିବା ଦେଖିବାକୁ ମିଳିଛି। ପୌରପାଳିକା ପକ୍ଷରୁ ବୁଲା ଷଣ୍ଢଙ୍କୁ ଭିଡ ଜାଗାରୁ ହଟାଇବା ଜରୁରୀ ହୋଇ ପଡିଛି। ଆଜି ସକାଳୁ ପୂଜାମଣ୍ଡପରେ କଳସ ଯାତ୍ରା ଆୟୋଜନ କରାଯାଇ ପୂଜାବିଧି ଆରମ୍ଭ ହୋଇଛି। ସବୁଠାରୁ ବଡ଼ କଥା କେତୋଟି ହାତଗଣତି ପୂଜାମଣ୍ଡପକୁ ଛାଡିଦେଲେ ଚଳିତ ବର୍ଷ ବହୁ ମଣ୍ଡପରେ ଗତ ବର୍ଷ ଅପେକ୍ଷା ବହୁ କମ ଖର୍ଚ୍ଚରେ ମଣ୍ଡପ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ଯେଉଁଠି ୨୦ ଲକ୍ଷରୁ ଅଧିକ ଖର୍ଚ୍ଚ ହେବା କଥା ତାକୁ ୧୦ ଲକ୍ଷରେ ସୀମିତ କରାଯାଇଛି। ପୂଜା କରିବାର ଇଚ୍ଛାଶକ୍ତି ଓ ଭାଇଚାରା ଅଭାବରୁ ଏଭଳି ହୋଇଥିବା କଥା ଆୟୋଜକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ତେବେ ବ୍ୟାଙ୍କ ଲାଇନ ଛକ ଉପରେ ନିର୍ମାଣ କରାଯାଉଥିବା ସନ୍ତୋଷ ପଟ୍ଟନାୟକଙ୍କ ବିରାଟ କାୟ ତୋରଣକୁ ଚଳିତ ବର୍ଷ ଦେଖିବାକୁ ମିଳିନାହିଁ। ସେହିଭଳି ବାପି ସର୍ଖେଲଙ୍କ ଶ୍ରମିକ ସଂଘ ମଧ୍ୟ ପୂଜାମଣ୍ଡପରୁ ବିରତି ରହିଛି। ଉଭୟ ଦୁଇ ସଂଗଠନ ପକ୍ଷରୁ ତାଙ୍କର କାର୍ଯ୍ୟାଳୟରେ ପୂଜା ଆୟୋଜନ କରିଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୂଜାରେ ଭିଡ଼କୁ ଲକ୍ଷ୍ୟ ରଖି ପୁଲିସ କଡା ବ୍ୟବସ୍ଥା କରିଥିଲେ ମଧ୍ୟ ପକେଟମାର, ଛିନତାଇ ଓ ରୋଡ ରୋମିଓଙ୍କ ଭୟ ଲୋକଙ୍କୁ ଘାରିଛି। ଆଜିଠାରୁ ବେଲଟଲାଇନ ତଳେ ଯାଜ୍ଞସେନୀ ଗଣନାଟ୍ୟ ୫ ରାତ୍ରି ନାଟକ ମଞ୍ଚସ୍ଥ କରିବ। ବିଶ୍ୱକର୍ମା ପୂଜାରେ ଜାଗା ବଣ୍ଟନକୁ ନେଇ ଘୋଟାଲା ହୋଇଥିବା ଜଣାପଡିଛି। ବହୁ ଲୋକ ନିଜ ନାମରେ ଜାଗା ବୁକିଂକରି ନିଜେ ସବଲେଟରେ ଜାଗାଦେଇ ଅଧିକ ରୋଜଗାର ଆଶା ରଖିଛନ୍ତି। ଏଥିପ୍ରତି ନଜର ଦେବାକୁ ଦାବି ହେଉଛି। ବନ୍ଦର ଇଷ୍ଟେଟ ବିଭାଗ ଜାଗା ଓ ଇଲେକ୍ଟ୍ରି ଭଡା ଛାଡ଼ ନକରିବାରୁ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ଶୁଣିବାକୁ ମିଳିଛି। ଯାହା ଆସନ୍ତା ବର୍ଷ ପୂଜା ଉପରେ ପ୍ରଭାବ ପକାଇପାରେ ବୋଲି ଶୁଣିବାକୁ ମିଳିଛି।

## ତିର୍ତ୍ତୋଲରେ ବିଶ୍ୱକର୍ମା ପୂଜା



ତିର୍ତ୍ତୋଲ: ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି। ତିର୍ତ୍ତୋଲର ସର୍ବ ପୁରାତନ ଛାପାଖାନା ବାଣୀରୁପା ପ୍ରେସ ପରିସରରେ ଅନୁଷ୍ଠିତ ବିଶ୍ୱକର୍ମାଙ୍କ ପୂଜାରେ ସୁଖେନ୍ଦୁ ଦାଶ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବୈଦିକ ପଣ୍ଡିତ ବଟଚରଣ ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ରାମାୟଣି ପଣ୍ଡିତ ଅଭୟ ଦାଶ, ପୂର୍ବତନ ଜିଲ୍ଲା ପରିଷଦ କ୍ଷୀରୋଦ ବାରିକ, ପୂର୍ବତନ ସରପଞ୍ଚ ଧନଞ୍ଜୟ ସୁତାର, ବିମଳ ମହାପାତ୍ର, ରବୀନ୍ଦ୍ର ପାଣି, ରାକେଶ ମହାପାତ୍ର, ଆଶ୍ରିତ ସୁମନ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ତିର୍ତ୍ତୋଲ ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ, ବିଏସଏନଏଲ କାର୍ଯ୍ୟାଳୟ, ସମେତ ବିଭିନ୍ନ ଯାନ୍ତ୍ରିକ ପ୍ରତିଷ୍ଠାନ ଓ ବ୍ୟବସାୟ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି।

## ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ; ୨ ମହିଳା ଗିରଫ

ଜଗତସିଂହପୁର,୧୭।୯ (ସମିସ): କମ୍ ସୁଧହାରରେ ଋଣ କରାଇଦେବେ ବୋଲି କହି ନିରୀହ ଲୋକମାନଙ୍କ ପାଖରୁ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ପୁଲିସ ୨ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଦ୍ୱୟ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ମଡେଲ ଥାନା ଅଧୀନ ଗୁରୁଜଙ୍ଗ ଗ୍ରାମର ରିତା ଦାସ ଏବଂ ବାଲିକୁଦା ଥାନା ବୋରିକିନା ଗ୍ରାମର ପ୍ରମିଳା ବାରିକ। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶର ସ୍ୱର୍ଣ୍ଣକେଶ୍ୱର ଏଜେନ୍ସି ମାଧ୍ୟମରେ କମ୍ ସୁଧହାରରେ ଋଣ କରିଦେବେ ବୋଲି କହି ଏହି ମହିଳା ଦ୍ୱୟ ଅନେକ ନିରୀହ ଲୋକଙ୍କୁ ନିଜ ମାୟାଜାଲରେ ଫସାଇଛନ୍ତି। ଏହି ଲୋକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟା ମାନେ ସୂଚନା ଦେଇଛନ୍ତି। ଏମାନଙ୍କ ଠାରୁ ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଛି।

## ଚାଳକ ଦିବସ ପାଳିତ



ତିର୍ତ୍ତୋଲ,୧୭।୯ (ସମିସ): ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ସେପ୍ଟେମ୍ବର ୧୭ ତାରିଖକୁ ଚାଳକ ଦିବସ ଭାବେ ପାଳନ ପରିପ୍ରେକ୍ଷୀରେ କନିମୁଳ ଶାଖା ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ଚାଳକ ଦିବସ ସହ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନୀଲ କୁମାର ସିଂ, ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧକ୍ଷ ସନ୍ୟାସୀ ସାହୁ, ସମୀର ଭୋଇ, ଦେବପ୍ରସାଦ ସାହୁ, ସୁବାସ ସାହୁ, ଦିପୁନା ସାହୁ, ଜଗନ୍ନାଥ ଦାସ, ଗୋଲେଖ ବେହେରାଙ୍କ ସମେତ ସଂଘର ବହୁ ସଭ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶ୍ୱକର୍ମା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହା ପରେ ସଂଘର କନିମୂଳ ଶାଖା ସଭାପତି ଅନିଲ ସିଂ ଚାଳକ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତେ ଏକ ହୋଇ ସଂଗଠନକୁ ମଜବୁତ୍ କରିବା ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

## ଜାହାଜ ଏମ୍‌ଭି ଡେନ୍‌ସା ଲାୟନ ଗିରଫ

ପାରାଦୀପ,୧୭।୯ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ବନ୍ଦରରେ ଜାହାଜ ଏମ୍‌ଭି ଡେନସା ଲାୟନକୁ ଗିରଫ କରାଯାଇଛି। ୪୨ ଲକ୍ଷ ୭୨ ହଜାରରୁ ଅଧିକ ମେଣ୍ଟେନାନ୍ସ ଟଙ୍କା ବକେୟାକୁ ନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଗିରଫ ନିର୍ଦ୍ଦେଶ ଦେଇଥିଲେ। ୱେବପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡର ବକେୟା ଟଙ୍କା ଜାହାଜ ଦେଇନଥିବାରୁ ଅଭିଯୋଗ ହେବା ପରେ ଜାହାଜକୁ ପାରାଦୀପ ବନ୍ଦରରେ ଗିରଫ କରାଯାଇଛି। ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ ଜାହାଜଟି ଗିରଫ ହୋଇ ଆଙ୍କରେଜରେ ରହିବ ବୋଲି ସୂଚନା ମିଳିଛି। ଉକ୍ତ ଏମଭି ଡେନସା ଲାୟନ ଜାହାଜଟି ଆଇରନ ପ୍ଲେଟ ନେବା ପାଇଁ ପାରାଦୀପ ବନ୍ଦରକୁ ଆସିଥିଲା। ଜାହାଜଟି ବର୍ତ୍ତମାନ ପିଆଇସିଟି ବର୍ଥରେ ଲାଗିଥିବା ଜଣାପଡ଼ିଛି। ଗତ ବର୍ଷକ ମଧ୍ୟରେ ଏହାକୁ ମିଶାଇ ୪ରୁ ଅଧିକ ଜାହାଜ ପାରାଦୀପ ବନ୍ଦରରେ ଗିରଫ ହୋଇସାରିଛନ୍ତି। ଗିରଫ ହେବା ପରେ ଅଦାଲତରେ ଆପୋଷ ସମାଧାନ ମଧ୍ୟରେ ପୂର୍ବରୁ ୩ଟି ଜାହାଜ ଟଙ୍କା ପୈଠକରି ମୁକୁଳି ଥିବା ବେଳେ ଏହି ଏମ୍‌ଭି ଡେନସା ଲାୟନ ଜାହାଜ ପରବର୍ତ୍ତୀ ଶୁଣାଣି ଉପରେ ଜାହାଜର ଭାଗ୍ୟ ନିର୍ଭର କରୁଛି। ତେବେ ଖବର ଲେଖା ହେବା ସୁଦ୍ଧା ଜାହାଜ ପାରାଦୀପ ବନ୍ଦରର ପିଆଇସିଟି ବର୍ଥରେ ରହିଛି ଏବଂ ଏଥିରେ କୈଣସି ଲୋଡିଂ କରାଯାଇନାହିଁ। ଜାହାଜ ମାଲିକ, ଏଜେନ୍ସୀ ଓ ୱେବପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡ ମଧ୍ୟରେ ଆପୋଷ ସମାଧାନ ପାଇଁ ଯୋଗାଯୋଗ ଚାଲିଛି।

## ଅଧ୍ୟାପକଙ୍କ ବିୟୋଗରେ ଏସ୍‌ଭିଏମ୍ କଲେଜରେ ଶୋକସଭା



ଜଗତସିଂହପୁର,୧୭।୯ (ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ କଲେଜ ବିସିଏ ବିଭାଗର ଅଧ୍ୟାପକ ଜ୍ୟୋତିପ୍ରକାଶ ଶତପଥୀଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡଃ ସୁଜାତା ଓତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ଶତପଥୀଙ୍କ ଅଧ୍ୟାପକ ଜୀବନର ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରାଧ୍ୟାପକ ବିଜୟ କୁମାର ବିଶ୍ୱାଳ, କର୍ମଚାରୀ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଏଥିରେ ଯୋଗଦେଇ ଅଧ୍ୟାପକ ସ୍ୱର୍ଗତ ଶତପଥୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶୋକସଭାରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯୋଗଦେଇଥିଲେ।



ଏକାଦଶୀ ତଥା ଶାରଦୀୟ ପାର୍ବଣର ଚତୁର୍ଥ ଦିନ ସନ୍ଧ୍ୟା ଦର୍ଶନରେ ଜଗତଜନନୀଙ୍କ ଦିବ୍ୟ ଜଗନ୍ନାଥ ବେଶ

## ବିଶ୍ୱ ଓଜୋନ୍ ଦିବସ ପାଳିତ

ଜଗତସିଂହପୁର/ବାଲିକୁଦା,୧୭।୯ (ସମିସ): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଆନୁକୂଲ୍ୟରେ ବାଲିକୁଦା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଚିନ୍ଦାରେ ୩୧ତମ ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନପ୍ରିୟ ଆଲୋଚନାଚକ୍ରରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଅରୁଣ କୁମାର ମହାନ୍ତି, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ, ଶିକ୍ଷକ ଧରଣୀ ଚନ୍ଦ୍ର ସାମଲ, ରାଜେଶ କୁମାର ସ୍ୱାଇଁ, ବିଜ୍ଞାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ପରିଜା, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରନ ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ପ୍ରକୃତିପ୍ରେମୀ କନକଲତା ପରିଡା ଯୋଗଦେଇ ଜୀବନରକ୍ଷକ ଓଜୋନ୍ ସ୍ତରର ସୁରକ୍ଷା ନିମନ୍ତେ ଓଜୋନ୍ ନଷ୍ଟକାରୀ ରସାୟନର ବିକଳ୍ପ ପାଇଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଏକ ପରିବର୍ତ୍ତନ ସାଙ୍ଗକୁ ସଂପ୍ରତି ଜୀବନଶୈଳୀରେ ମଧ୍ୟ ଆଶାନୁରୂପ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଜ୍ଞା ନାୟକ ପ୍ରଥମ, ରାଜେଶ୍ୱରୀ ରାଉତ ଦ୍ୱିତୀୟ, ସ୍ମୃତିରନ ନାୟକ ତୃତୀୟ ଓ ଲକ୍ଷ୍ମୀପ୍ରିୟା ମଲ୍ଲ ସାନ୍ତ୍ୱନାମୂଳକ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ମୃତି ସାଗରିକା ସ୍ୱାଇଁ, ଶୁଭନନ୍ଦିନୀ ପଣ୍ଡା, ସ୍ମୃତିଶ୍ରୀ ଜେନା ଓ ଅନନ୍ୟା ଲେଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନା ମୂଳକଭାବେ ପୁରସ୍କାର ଓ ପ୍ରମାଣପତ୍ର ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦ୍ରଶେଖର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଯୁବ ସ୍ୱେଚ୍ଛାସେବୀ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




**ମହିଳା ଓ ନାରୀ ନିର୍ଯ୍ୟାତନା ପ୍ରତିବାଦ**

## ଜିଲ୍ଲା ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ

ଜଗତସିଂହପୁର,୧୭।୯ (ସମିସ)



ରାଜ୍ୟରେ ବଢ଼ିଚାଲିଛି ନାରୀ ନିର୍ଯାତନା, ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ସବୁଠାରେ ନାରୀମାନେ ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି ଅଭିଯୋଗ ହେଉଛି। ବିଭିନ୍ନ ପ୍ରକାର ନିର୍ଯାତନାର ଶୀକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ମହିଳାମାନଙ୍କ ପ୍ରତି ହେଉଥିବା ଏଭଳି ଅବିଚାର ପ୍ରତିବାଦରେ ଜଗତସିଂହପୁର ଜିଲ୍ଲା ମହିଳା ବିଜୁ ଜନତା ଦଳ ତରଫରୁ ବୁଧବାର ଦିନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ଜିଲ୍ଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଦଳୀୟ କାର୍ଯ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ସେଠାରେ ମାଲ୍ୟାର୍ପଣ ପରେ ଏହି ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିଜେପି ସରକାରରେ ବଢି ଚାଲିଥିବା ମହିଳା ନିର୍ଯ୍ୟାତନାର ପ୍ରତିବାଦ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ସାଂସଦ ଡାଃ ରାଜଶ୍ରୀ ମଲ୍ଲିକ ଏବଂ ମହିଳା ବିଜେଡି ସଭାପତି ଶ୍ରୀମତୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ୭ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ତାଙ୍କୁ ପ୍ରଦାନ କରିଥିଲେ। ବିଗତ ଦିନରେ ଜଗତସିଂହପୁର ସଦର ବ୍ଲକ ଅଧୀନ ମଜୁରାଇ ଗ୍ରାମରେ ଜନୈକା ଯୁବତୀଙ୍କୁ ଗଣଦୁଷ୍କର୍ମ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ କାଠକୋଟ ଏବଂ ମୂଳିସିଂରେ ସଂଗଠିତ ନାରୀ ନିର୍ଯ୍ୟାତନା ମାମଲା ଜିଲ୍ଲା ପାଇଁ ଲଜ୍ଜାଜନକ ବିଷୟ ବୋଲି ମହିଳା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ବିଗତ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା, ଯୁବତୀ ଓ ନାବାଳିକା ନିଖୋଜ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୭୦୪୮ ଜଣ ଉଦ୍ଧାର ହୋଇଥିବା ଖୋଦ ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିଲେ। ସେହିପରି ପ୍ରତିଦିନ ହାରାହାରି ୧୫ଟି ଦୁଷ୍କର୍ମ ମାମଲା ଓଡିଶାର ବିଭିନ୍ନ ଥାନାରେ ପଞ୍ଜିକୃତ ହେଉଥିବା ମହିଳା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏସବୁକୁ ବିଚାର କରି ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ମହିଳା ବିଜେଡି ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଲୋରା ମହାପାତ୍ର, ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରନ ବେହେରା, ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପ୍ରଭାତୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ଦର୍ପଦଳିନୀ ମଲ୍ଲିକ, କନକ ସ୍ୱାଇଁ, ସୁଜାତା ମହାନ୍ତି, ରିତା ସିଂ, ଦିପ୍ତିମୟୀ ରାୟ, ପାରିଷଦ ସେନାଲି ସିଂ, ଦୋଳଗୋବିନ୍ଦ ଦାଶ, ପ୍ରୀୟବ୍ରତ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବିଶ୍ୱ ଓଜୋନ ଦିବସ




ମାର୍ଶାଘାଇ,୧୭।୯ (ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ବିଶ୍ୱ ଓଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାଳି ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାଧୁରୀ ଭଦ୍ରା, ସୁନିତା ମହାନ୍ତି, ଶିକ୍ଷକ ମରୁତ କୁମାର ସାମଲ, ଶିକ୍ଷୟିତ୍ରୀ ମାଧମିକା ସାହୁ, ସ୍ୱର୍ଣ୍ଣମିତ୍ରା ଦ୍ୱିବେଦୀ, ରଶ୍ମିରେଖା ମହାପାତ୍ର, ସୁଚିସ୍ମିତା ଦାସ, ଶିକ୍ଷକ ବୈଷ୍ଣବ ଖଣ୍ଡୁଆଳ, ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଓଜନ ସ୍ତର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଜନସ୍ତର ସ୍ତର ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଜନସ୍ତର ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀଙ୍କ ଦ୍ୱାରା କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଖେଳ ପ୍ରତିଯୋଗିତା




ରାଜକନିକା,୧୭।୯ (ସମିସ): ରାଜକନିକା ବ୍ଲକ୍‌ସ୍ତରୀୟ ଖେଳ ପ୍ରତିଯୋଗିତା ଆର୍‌ଏନ ହାଇସ୍କୁଲ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକସ୍ତରୀୟ ଏହି ଖେଳରେ ଫୁଟବଲ, କବାଡ଼ି, ଖୋ-ଖୋ, ବ୍ୟାଡ଼ମିଣ୍ଟନ, ଭଲି ଓ ଯୋଗ ବିଭାଗରେ ୫ଟି ପ୍ରାଥମିକ, ଗୋଟିଏ ଓଏଭି, ୩୫ ହାଇସ୍କୁଲ, ୪ ଟି କଲେଜରୁ ୩୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବିଭାଗରେ ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରତିଯୋଗୀ ମାନେ ସେମାନଙ୍କର କ୍ରୀଡା ନୈପୂଣ୍ୟ ପ୍ରଦର୍ଶନ କରି ପ୍ରତି ବିଭାଗରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଖେଳରେ ସଭାପତି ବିଇଓ, ଉପସଭାପତି ଏବିଇଓ, ଅବଜରଭର ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ସ୍ମିତା ପ୍ରତିଭା ସାହୁ, ନୋଡାଲ ହେଡମାଷ୍ଟର ଧର୍ମଜ୍ୟୋତି ରାଉତ, ଇସି ସଦସ୍ୟ ପ୍ରଶାନ୍ତ କୁମାର ନାୟକ, ରିଟଏର୍ଡ ପିଇଟି ବିପିନ ବିହାରୀ ବେହୁରା, ବ୍ଲକ ଅବଜରଭର ଅଶ୍ୱିନୀ କୁମାର ବେହେରା, ପରମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ସମୂହକୁ ରାଜକନିକା ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ସୂଚାରୁରୂପେ ପରିଚାଳନା କରିଥିଲେ। ଆସନ୍ତା ୨୭ରେ ପଟ୍ଟାମୁଣ୍ଡାଇର ଏମଏନ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଚୟନ ଶିବିରକୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚୟନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ନଦୀରେ କଦଳୀଭେଳାରେ ଭାସିଭାସି ପୂଜା ପାଆନ୍ତି ମା' ମନସା

ମହାକାଳପଡ଼ା,୧୭।୯ (ସମିସ): ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତ ଦକ୍ଷିଣ ବରକୋଳିଖୋଲାଠାରେ ସର୍ପଦେବୀ ମା' ମନସା ଦେବୀଙ୍କର ୫୦ତମ ବାର୍ଷିକ ପୂଜା ଉତ୍ସବ ବୁଧବାର ସଂକ୍ରାନ୍ତି ତିଥିରେ ଆରମ୍ଭ ହୋଇଛି। ନଦୀନାଳ ଜଙ୍ଗଲ ଘେରା ଏହି ଅଞ୍ଚଳରେ ଗୋବରୀ ଖୋଲା ନଦୀ ବଙ୍ଗୋପସାଗର ମୁହାଁଣରେ ଯାଇ ମିଶିଛି। ବଙ୍ଗଭାଷୀ ଅଧ୍ୟୁଷିତ ଏହି ନଦୀକୂଳ ଅଞ୍ଚଳରେ ସାପ ଭୟ ରହିଥିବାରୁ ସର୍ପାଘାତରୁ ରକ୍ଷା ପାଇବା ପାଇଁ ଏହି ଦ୍ୱିପାଞ୍ଚଳର ଲୋକମାନେ ସର୍ପଦେବୀ ମନସା ଦେବୀଙ୍କ ପୂଜା



କରନ୍ତି ବୋଲି ପୂଜା କମିଟି ସଦସ୍ୟ ଅଞ୍ଜନ କୁମାର ସାମଲ କହିଛନ୍ତି। ମା' ମନସାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନଦୀର ଜଳରାଶିରେ ଭସାଇ ଭସାଇ ପୂଜା କରିଲେ ଅଞ୍ଚଳବାସୀଙ୍କ ପ୍ରତି ଆସୁଥିବା ବିପଦ ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି। କାଳିପଦ ପ୍ରଧାନ, କାଳନ୍ଦୀ ଲେଙ୍କା, କେଶବ ଗିରି, ପ୍ରଣବ ମଣ୍ଡଳ, ଶମ୍ଭୁ ବାରିକ, ପ୍ରଶାନ୍ତ ମାଇତି, ଶରତ ଜେନା, ରତନ ଭଞ୍ଜ, ଖୋକନ ମଣ୍ଡଳ, ସୁଧାଂଶୁ ମାଇତି, ନୀଳକଣ୍ଠ ପ୍ରଧାନ ପ୍ରମୁଖ ପୂଜାଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପୂଜାପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା



ପଟ୍ଟାମୁଣ୍ଡାଇ,୧୭।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଯାକଯମକରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା। ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ବିଶ୍ୱକର୍ମାଙ୍କ ସଦୃଶ୍ୟ ମୃଣ୍ମୟମୂର୍ତ୍ତି ଶୋଭାପାଉଥିବା ବେଳେ ଆକର୍ଷଣୀୟ ସାଜସଜା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନିର୍ମାଣ ଦାୟିତ୍ୱରେ ଥିବା ବଡ଼ବାବୁ ଠାରୁ ଶ୍ରମିକ ପର୍ଯ୍ୟନ୍ତ ସମସ୍ତେ ଏକାକାର ହୋଇ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାରେ ମାତିଥିଲେ। ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଉଠାଜଳସେଚନ ବିଭାଗ, ଜଳସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, କୋଣାର୍କ ଟ୍ରେଡର୍ସ ଜଂଜାଳୀ ଟ୍ରେଡ଼ର୍ସ, ନଳିନୀ ଇଲେଟ୍ରୋନିକ୍ସ, ସଞ୍ଜୟ ଇଲେଟ୍ରୋନିକ୍ସ, ଗଜାନନ ଇଲେକ୍ଟ୍ରୋନିସ, ପତିତପାବନ ସାନିଟାରୀ, ଆଦି ବିଭିନ୍ନ ମ୍ୟାସିନାରୀ ସଂସ୍ଥାରେ ବିଶ୍ୱ ସର୍ଜନାର ବିଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ବିଭିନ୍ନ ବିଭାଗର ସହନିର୍ବାହୀଯନ୍ତ୍ରୀ ଇଂ ଅଶୋକ ସାହୁ, ଇଂ କୃପାସିନ୍ଧୁ ଧଳ, ସହକାରୀ ଯନ୍ତ୍ରୀ ଇଂ ସ୍ମୃତିରଞ୍ଜନ ରଥ, ସହସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଇଂ ସୁବାଷ ଥାଟୋଇ, ଇଂ ସୁଦାମ ସାହୁ ନେତୃତ୍ୱ ନେଇ ପୂଜା କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଆୟୋଜିତ ବିଶ୍ୱକର୍ମା ପୂଜାରେ ଜନସାଧାରଣ ଯୋଗଦେଇ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ନିଜ ନିଜର ଯାନବାହନ ପୂଜା କରିଥିଲେ।

**ଆଳି:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରେ ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଆଳିର ସମସ୍ତ ଯନ୍ତ୍ରାଂଶ ବ୍ୟବହୃତ ଦୋକାନ ଏବଂ ଛୋଟ ବଡ଼ ଯାନବାହନଗୁଡିକ ପୂଜାପାଉଥିବା ଦେଖିବାକୁ



ମିଳିଥିଲା। ନୂଆଗାଁ ଗ୍ରାମର ସମାଜସେବୀ ସାରଳା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କର ମୂର୍ତ୍ତି ପ୍ରତିଷ୍ଠା ହୋଇ ପୂଜା ପାଇଥିଲା। ସେହିପରି ଆଳି କୋର୍ଟ ନିକଟରେ ସମାଜସେବୀ ସୁକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। ସେହିପରି ଆଳିର ବିଭିନ୍ନ ଅନୁଷ୍ଠାନ ଯଥା ଆଳି ଆଇଟିଆଇ, ଆଳି ବିଦ୍ୟୁତ ସବଡ଼ିଭିଜନ କାର୍ଯ୍ୟାଳୟ, ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ଆଦିରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଛି।

**ଡେରାବିଶ:** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ



ପୂଜା ଉପଲକ୍ଷେ ଡେରାବିଶ ବ୍ଲକ୍ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ପୂର୍ବାହ୍ନରୁ ପାଣିଓଳାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ବିଦ୍ୟୁତ୍ କର୍ମଚାରୀଙ୍କ ଦ୍ୱାରା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ପାଣିଓଳା ସ୍ଥିତ ଇଟା ଫ୍ୟାକ୍ଟ୍ରି, ଖରିଦାସାହି ସ୍ଥିତ ଇଟାଫ୍ୟାକ୍ଟ୍ରି, ଛତା ବିଦ୍ୟୁତ୍ କାର୍ଯ୍ୟାଳୟ, ଛତାସ୍ଥିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍, ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ସମେତ ବଳଭଦ୍ରପୁରସ୍ଥିତ କରତକଳ କ୍ଲଷ୍ଟରରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ପୂଜାମଣ୍ଡପକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ସନ୍ଧ୍ୟାରେ ଭଜନ ସମାରୋହ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି।

**ମହାକାଳପଡ଼ା:** ମହାକାଳପଡ଼ାର ଅଗ୍ରଣୀ ଶ୍ରମିକ ସଂଗଠନ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ' ପକ୍ଷରୁ ବୁଧବାର ବିଶ୍ୱନିର୍ମାଣ ଦେବତା ପ୍ରଭୁ ବିଶ୍ୱର୍କମା ଦେବଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଅଲ ବ୍ୟାଙ୍କ୍ ଗୋଲଡ ଆପ୍ରାଇଜର ୟୁନିଅନର ସାଧାରଣ ସମ୍ପାଦକ ତାପସ କୁମାର ସାହୁ ଏବଂ ରାମଚଣ୍ଡୀ ଉପକୂଳ ଶ୍ରମିକ ସଂଘର ସଭାପତି ଫକୀର ବେହେରା, ଅଫିସ ଏକ୍ଜୁକେଟିଭ ଚୈତନ୍ୟ ପ୍ରସାଦ ଦାସ, ଘନଶ୍ୟାମ ବେହେରା, ଗଜେନ୍ଦ୍ର ବେହେରା, ନମିତା ମହାପାତ୍ର, ଦଶରଥ ବେହେରା, ବିଶ୍ୱଜିତ ପ୍ରଧାନ, ଉପେନ୍ଦ୍ର ତରାଇ, ଭବାନି ଶଙ୍କର ସାହୁ, ଉତ୍ତମ ମଲିକ, ଅଲେଖା ଡାଇନ, କମଳା ମଣ୍ଡଳଙ୍କ ସମେତ ବହୁ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।



## ମଣ୍ଡଳସ୍ତରୀୟ ଶାରଦୀୟ ଗେମ୍ ଏବଂ ସ୍ପୋର୍ଟସ୍ ପ୍ରତିଯୋଗିତା



ରାଜନଗର,୧୭।୯ (ସମିସ): ରାଜନଗର ବ୍ଲକ୍ ବାର୍ହାପୁରସ୍ଥିତ ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶାରଦୀୟ ଗେମ୍ ଏବଂ ସ୍ପୋର୍ଟସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ରାଜନଗର ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ ଏବଂ ମୁଖ୍ୟବକ୍ତା ଭାବେ ନୋଡାଲ୍ ପ୍ରଧାନଶିକ୍ଷକ ଶୁଭ୍ରଜ୍ କୁମାର ବରାଳ ଏବଂ ସମ୍ମାନିତ ଅତିଥି ଭାବେ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ରଞ୍ଜନ ମଣ୍ଡଳ, ବାର୍ହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମର କୁମାର ସ୍ୱାଇଁ, ମଣ୍ଡଳ କ୍ରୀଡ଼ା ସମ୍ପାଦକ ରଞ୍ଜନ କୁମାର ରାଉଳ, ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ଖନ୍ଦୁଆଳ, ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶୁଚେନ୍ଦ୍ର କୁମାର ପଢ଼ିଆରି ଏବଂ କ୍ରୀଡ଼ା ପର୍ଯ୍ୟବେକ୍ଷକ ପ୍ରମୁଖ ଯୋଗଦେଇଥିଲେ। ନୂତନ ଭାବେ ଚୟନ ହୋଇଥିବା ୪ଟି ଜୋନର ଜୋନାଲ ଲକ୍ଷ୍ମୀକାନ୍ତ ବେହେରା ଜୋନ-୧, ମନୋରଞ୍ଜନ ନାୟକ ଜୋନ-୨, ଜ୍ଞାନରଞ୍ଜନ ପ୍ରଧାନ ଜୋନ-୩, ବିକାଶ କୁମାର ମହନ୍ତ ଜୋନ-୪ଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବରଦା ପ୍ରସନ୍ନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ରାଜନଗର ମଣ୍ଡଳ ଅଧୀନରେ କାର୍ଯ୍ୟରତ ଥିବା ସମସ୍ତ କ୍ରୀଡ଼ା ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ସପନେଶ୍ୱର ଉଚ୍ଚ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପଞ୍ଚୁବରାହୀ ବିଦ୍ୟାନିକେତନର କ୍ରୀଡ଼ା ଶିକ୍ଷକ ଜ୍ଞାନରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନସେବା କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ମୁଖ୍ୟ ପରିଚାଳକ

ପଞ୍ଚୁପାଣ୍ଡବ,୧୭।୯ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅଧୀନ ବେଲାର ପୁର ଗ୍ରାମରେ ଥିବା ଜନସେବା କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ମୁଖ୍ୟ ପରିଚାଳକ ମଦନ ମୋହନ ରାଉତ। ବିଭିନ୍ନ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରରେ ବୁଲି ସରକାର ପକ୍ଷରୁ ଆସିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବୁଝିଥିଲେ। ମଙ୍ଗଳବାର ବେଲାରପୁରରେ ଥିବା ଆରତୀ ନାୟକଙ୍କ ଜନସେବା କେନ୍ଦ୍ର ବୁଲିବା ସହ ଗୁଆଳସିଂ, ନହଙ୍ଗ, କୁସିଆପାଳ ଏବଂ ବିଭିନ୍ନ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରକୁ ବୁଲି ସମସ୍ତ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହିତ ଜିଲ୍ଲା ମୁଖ୍ୟ ପରିଚାଳକ ଚିରଞ୍ଜୀବ ନାୟକ ଉପସ୍ଥିତ ଥିଲେ।

## କେନାଲରେ ଘଳିଆ; ଗୋବରୀ ନଦୀକୁ କରିଛି ସୁଡ଼ଙ୍ଗ

ପଞ୍ଚୁପାଣ୍ଡବ,୧୭।୯ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅଧୀନ ସଦାନନ୍ଦପୁର ଗ୍ରାମଦେଇ ଯାଇଥିବା କେନାଲରେ ସାଙ୍ଘାତିକ ଘାଇ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଏହି ଘଳିଆ ଗୋବରୀ ନଦୀକୁ ସୁଡ଼ଙ୍ଗ କରି ପାଣି ବାହାରିଯାଇଥିବା ଦେଖିବାକୁ ମିଳିଛି। ଗୋବରୀ ନଦୀରେ ଯାଇଥିବା ପଟ୍ଟାମୁଣ୍ଡାଇର ୮ ନମ୍ବର (କ) କେନାଲରେ ଦୀର୍ଘ ଦିନ ହେବ ଘାଇ ସୃଷ୍ଟି ହୋଇ ଉକ୍ତ ନଦୀକୁ ପାଣି ବାହାରି ଯାଉଥିବା ଖବର ସୋମବାର 'ସକାଳ'ରେ ପ୍ରକାଶ ପାଇଥିଲା। ଏହାକୁ କେନାଲର କର୍ମଚାରୀମାନେ ଘାଇ ସୃଷ୍ଟି ହୋଇଥିବା ଜାଗାରେ ବାଲି ବସ୍ତା ଏବଂ ମାଙ୍କଡ଼ା ପଥର ପକାଇ କାମକୁ ସାରି ଦେଇଥିଲେ। ଆଜି ସକାଳେ ସାଙ୍ଘାତିକ ଘାଇ ସୃଷ୍ଟି ହୋଇ



ଗୋବରୀ ନଦୀକୁ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା। ଏବିଷୟରେ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କୁ ଫୋନ ଯୋଗେ ଜଣାଇବାରୁ ତୁରନ୍ତ ଯନ୍ତ୍ରୀ କର୍ମଚାରୀଙ୍କୁ ପଠାଇ ପ୍ରଥମେ ପାଣିକୁ ବନ୍ଦ କରାଇଥିଲେ। ଗୋବରୀ ନଦୀକୁ ସଂଯୋଗ କରୁଥିବା ଏହି କେନାଲରେ ଘାଇ ସୃଷ୍ଟି ହୋଇଥିବାରୁ ପୋଲମୁଣ୍ଡ ଧସିଯାଇ ପୋଲର କିଛି ଅଂଶ ଭାଙ୍ଗି ମାଟି ସହ ପଥର ନଦୀକୁ ଖସିଥିବା ଦେଖିବାକୁ ମିଳୁଛି। ଏହି ଘାଇ ସୃଷ୍ଟି ହୋଇଥିବା ଜାଗାରେ କିଛି ଦିନ ତଳେ ମରାମତି ହୋଇଥିବା ବେଳେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏହି କେନାଲରେ ଘାଇ ହୋଇଥିବାରୁ ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ଶୁଖିଲା ପଡ଼ିଛି। ଏବିଷୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟଙ୍କୁ ପଚାରିବାରୁ ଘାଇଟିକୁ ଯୁଦ୍ଧକାଳୀନ ଭିତରେ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ପାଣି ଛଡ଼ାଯିବ ବୋଲି କହିଛନ୍ତି।

# ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଶାନ୍ତିକମିଟି ବୈଠକ

ପଟ୍ଟାମୁଣ୍ଡାଇ,୧୭।୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ପାରମ୍ପରିକ ରୀତିନୀତି ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଶାନ୍ତିକମିଟି ସହିତ ପୂଜାକମିଟିର ମିଳିତ ବୈଠକ ସ୍ଥାନୀୟ ତହସିଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଶହେ ବର୍ଷ ପୁରୁଣା ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି। ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗାପୂଜା ଉତ୍ସବରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଭାଗ ନେବାର ବିରଳ ପରମ୍ପରା ରହିଛି। ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଆନନ୍ଦଉଲ୍ଲାସର ସହିତ ପାଳନ ପାଇଁ ଶାନ୍ତିକମିଟି ବୈଠକ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ଅବକାରୀ ଅଧିକାରୀ ଛାୟାକାନ୍ତ ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ପିଏଚ ଓ ନୃସିଂହ ଦାଶ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇ ସରକାରୀ ନୀତିନିୟମ ଓ ପୂଜାତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ଦିଗରେ ସୂଚନା ଦେଇଥିଲେ। ଚଳିତ ଦୁର୍ଗାପୂଜା ଉତ୍ସବ ଓ ଭସାଣିରେ ଡିଜେ ଉପରେ ସରକାରୀ କଟକଣା ଜାରି କରାଯାଇଥିଲା। ଭସାଣିରେ ପାରମ୍ପରିକ ବାଦ୍ୟସହ କମ ସାଉଣ୍ଡ ଥିବା ଡାକବାଜି ଯନ୍ତ୍ର ବ୍ୟବହାର କରାଯିବାସହ ଭାଇବ୍ରେଟର ନଲଗାଇବା ନେଇ ସର୍ବସମ୍ମତିକ ଅନୁମତି ପ୍ରଦାନ କରାଯାଇଥିଲା।



- ଡିଜେକୁ ନେଇ କଟକଣା
- ରାସ୍ତା, ଆଲୋକ, ପରିମଳ ସୁଧାର ଉପରେ ଗୁରୁତ୍ୱ

ମେଡିକାଲ ଛକ, ବାଇପାସ ଛକ ଓ କେନାଲ ପୋଲ ଛକ ନିକଟରେ ପୁଲିସ ନିୟନ୍ତ୍ରଣ ବ୍ୟବସ୍ଥା, ନିଶାଦ୍ରବ୍ୟ କାରବାର ଓ ବୁଲା ଗାଇଗୋରୁ ପ୍ରବେଶକୁ କଡ଼ାକଡ଼ି ଭାବେ ନିଷେଧ, ପାନୀୟ ଜଳ, ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ବିସର୍ଜନ ଘାଟରେ ଦଳ ସଫେଇ, କୁମ୍ଭୀର ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଅପମିଶ୍ରିତ ଖାଦ୍ୟ ବିକ୍ରି ଉପରେ କଟକଣା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରିବା, ବ୍ୟବସ୍ଥିତ ବିଦ୍ୟୁତ ଓ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା, ଭସାଣି ସମୟରେ ମେଢ଼ ଯିବା ପାଇଁ ବାଧା ସୃଷ୍ଟି କରୁଥିବା ଗଛ ଡାଳ କାଟିବା, ଆମ୍ବୁଲାନ୍ସ ପାଇଁ ରୋଡ ସେପ୍ଟି ଏବଂ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ନୂତନ ବାଇପାସ ବିଜୁ ପଟ୍ଟନାୟକ ଛକରେ ଜନଗହଳି ଦୃଷ୍ଟିରୁ ସ୍ପିଡବ୍ରେକର ଲଗାଇବା ଓ ପୂଜା ଉତ୍ସବରେ ଜନଗହଳି ଓ ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ବଜାର ମଧ୍ୟକୁ ଚାରିଚକିଆ ଓ ଦୁଇଚକିଆ ଯାନବାହନ ଚଳାଚଳ ଉପରେ ପରିସ୍ଥିତି ଦେଖି କଟକଣା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଫେସର ଅନିରୁଦ୍ଧ ରାଉଳ, ସମାଜସେବୀ ନୃସିଂହ ପ୍ରସାଦ ଚୌଧୁରୀ, କସ୍ତୁରୀ ଚରଣ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସହସମ୍ପାଦକ ସରୋଜ ପାଢ଼ୀ, ପୂର୍ବତନ ସରପଞ୍ଚ ବୀର କିଶୋର ଦାସ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଶିକ୍ଷକନେତା ବିଜୟ ସାହୁ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଥାନପତି ରବୀନ୍ଦ୍ର ସାହୁ, ପୂର୍ବତନ କାଉନ୍ସିଲର ଏସ କେ ଅମରୁଲ, ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ଏସକେ ଅବଦୁଲ ବାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ରମେଶ ଦେ, ବିଜୟ ଦାସ, ଦୁଷ୍ମନ୍ତ ସାହୁ, ନୃସିଂହ ସେଠୀ ପ୍ରଫୁଲ୍ଲ ଦାଶ, ପ୍ରଦୀପ ତ୍ରିପାଠୀ, ମିଟୁ ପଣ୍ଡା, ବାଇଧର ବାରିକ, ପଦ୍ମନାଭ ପଣ୍ଡା, ପ୍ରକାଶ ପାତ୍ର, ବରିଷ୍ଠ ସାମ୍ବାଦିକ ପତିତ ପାବନ ଭଦ୍ରା, ଅନୀଲ ଚୌଧୁରୀ, ସୁବାଷ ଚନ୍ଦ୍ର ଜେନା, ଗଜେନ୍ଦ୍ର ବର୍ମା ପ୍ରମୁଖ ପୂଜାକମିଟିର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ବଙ୍ଗାଳୀ ଦୁର୍ଗା, ପୋଖରୀଆପଡା ଦୁର୍ଗା, କଚେରୀ ଦୁର୍ଗା, ମା' ଶାରଳା, ବନଦୁର୍ଗା, ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମାଭିଷେକ, ନିତାଇଗୌର, ହରଗୌରୀ, ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା'ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର, ନୀଳମାଧବ, ସୂର୍ଯ୍ୟଦେବତା, ନୀଳକଣ୍ଠେଶ୍ୱର, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ ଆଦି ୨୭ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିବାକୁ ଯାଉଛି। ଭସାଣି ଉତ୍ସବ ଦିନ ୧୦ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି।

**ରାଜ୍ୟରେ ମହିଳା ଅସୁରକ୍ଷିତ**

## ଜିଲ୍ଲା ମହିଳା ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କୁ ଦାବିପତ୍ର

କେନ୍ଦ୍ରାପଡା,୧୭।୯ (ସମିସ): ରାଜ୍ୟରେ ମହିଳାମାନଙ୍କ ବିରୋଧରେ ସମ୍ପ୍ରତି ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରୋସ୍ନା ସାହୁଙ୍କ ନେତୃତ୍ୱରେ ମହିଳାମାନେ ଶୋଭାଯାତ୍ରାରେ ଆରକ୍ଷୀ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଅଧୀନ ରାଜନଗର ବ୍ଲକର ରାଜପୁର ପଞ୍ଚାୟତର ମହିଳା ସରପଞ୍ଚ ରାଣୀ ମଞ୍ଜରୀ ସେଠୀଙ୍କ ଉପରେ ମରଣାତ୍ମକ ଆକ୍ରମଣ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଜିଲ୍ଲା ସରପଞ୍ଚ ସଂଘ ତରଫରୁ ଏସ୍‌ପି ଓ ଡିଜିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମଳିଲାନାହିଁ। ସେହିପରି ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ। ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ଗତ ୧୫ ମାସ ମଧ୍ୟରେ ସରକାରୀ ସ୍କୁଲ ଏବଂ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଉଲ୍ଲେଖନୀୟ ଘଟଣାଗୁଡିକ ମଧ୍ୟରେ ଝାରସୁଗୁଡ଼ାରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଏବଂ ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ଅନ୍ତର୍ଭୁକ୍ତ। ଗତ ଏକ ବର୍ଷ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ, ସମ୍ବଲପୁର ଇତ୍ୟାଦି ଜିଲ୍ଲା ଆଦିବାସୀ ଏବଂ ଦଳିତ ଝିଅମାନଙ୍କ ସହିତ ସମାନ ଘଟଣାମାନ ଲୋକଲୋଚନକୁ ଆସିଛି। ଚିନ୍ତାଜନକ ଭାବରେ, ଗତ ୯ ମାସରେ ରାଜ୍ୟରେ ୨୦,୦୦୦ରୁ ଅଧିକ ମହିଳା ନିଖୋଜ ହେବା ମାମଲା ପଞ୍ଜିକୃତ ହୋଇଛି, ଯାହା ମଧ୍ୟରୁ କେବଳ ୭,୦୪୮ ଜଣଙ୍କୁ ଠାବ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଉପରୋକ୍ତ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ମହିଳା ନିର୍ଯାତନା ଏବଂ ଅସୁରକ୍ଷିତ ପରିସ୍ଥିତିର ଭୟଙ୍କର ଚିତ୍ର ପ୍ରଦର୍ଶନ କରୁଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆବଶ୍ୟକୀୟ ଆଇନସମ୍ମତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ମହିଳାମାନେ ଦାବି କରିଛନ୍ତି। ଜିଲ୍ଲାପରିଷଦ ସଭାନେତ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପ୍ରିୟଦର୍ଶିନୀ ତରାଇ, ଲୋପାମୁଦ୍ରା ବାରିକ, ମହିଳା ନଗର/ବ୍ଲକ ସଭାପତି ସ୍ୱର୍ଣ୍ଣପ୍ରଭା କର, ସୁମିତ୍ରା ପାଢି, ଭକ୍ତିମୟୀ କର, କଳ୍ପନା ମହାନ୍ତି, ସସ୍ମିତା ପଲାଇ, ଲକ୍ଷ୍ମୀପ୍ରିୟା ଶତପଥୀ, ଅନୱାର ବିବି, ମିନତି



ପାତ୍ର, ବନ୍ଦନା ପାତ୍ର, ସାନିଆ ପରମିନ, ରିହାନା ବିବି, ଅକିଲାମ ବିବି, ମିନତୀ ପରିଡା, ଜିନତ୍ ପ୍ରିୟଦର୍ଶିନୀ ରାଉତ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟାଙ୍କ ସହିତ ବହୁ ସାଙ୍ଗଠନିକ ମହିଳାମାନେ ଆଜିର ଏହି ଦାବି ଦେବା ସମୟରେ ଉପସ୍ଥିତ ଥିଲେ। ଏଥିସହିତ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ପ୍ରଦିପ କୁମାର ସୁତାର, ପ୍ରଭାତ କୁମାର ଉଡାନସିଂ, ପ୍ରତାପ ନାରାୟଣ ମହାପାତ୍ର, ହିରଣ୍ୟ କୁମାର ପଣ୍ଡା, ମୁକ୍ତାର ଖା, ସେକ ଚନ୍ଦନ, ଲୋହିତ ମହାନ୍ତି, ଆଲୋକ ସାହୁ, ସମ୍ବିତ ଶ୍ରୀ ଚନ୍ଦନ, ବିଜୟ କୁମାର ମଣ୍ଡଳଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## କେରଳରେ ୧୯ ଜୀବନ ନେଲାଣି ମସ୍ତିଷ୍କ ଖିଆ ଆମିବା

ତିରୁଅନନ୍ତପୁରମ, ୧୭।୯ (ଏଜେନ୍ସି): କେରଳରେ ମସ୍ତିଷ୍କ ସଂକ୍ରମଣ ଜନିତ ରୋଗ ପ୍ରାଇମେରି ଆମିଓବିକ ମେନିଙ୍ଗୋଏନ୍‌ସେଫାଲାଇଟ୍ସ (ପିଏମଏ) ଆତଙ୍କ ସୃଷ୍ଟି କରିଛି। ଏହା ସାଧାରଣତଃ 'ନାଇଗ୍ଲେରିଆ ଫାଓଲେରି ତଥା ମସ୍ତିଷ୍କ ଖିଆ ଆମିବା' ଭାବେ ପରିଚିତ। ରାଜ୍ୟରେ ଏହି ବିପଜ୍ଜନକ ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହି ସଂକ୍ରମଣରେ ମୃତ୍ୟୁହାର ଅଧିକ । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଏଥିରେ ସଂକ୍ରମିତ ହୋଇଥିବା ୬୧ ରୋଗୀଙ୍କୁ ଚିହ୍ନଟ କରାଗଲାଣି। ଏମାନଙ୍କୁ ମଧ୍ୟରୁ ୧୯ ଜଣ ପ୍ରାଣ ହରାଇଲେଣି। ଗତ କିଛି ସପ୍ତାହ ମଧ୍ୟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ କୋଝିକୋଡ ଏବଂ ମାଲାପୁରମରୁ ଏହି ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା। ଏବେ ଏହା ସାରା ରାଜ୍ୟକୁ ବ୍ୟାପିଗଲାଣି। ଏହି ରୋଗରେ ତିନି ମାସର ଶିଶୁଠାରୁ ନେଇ ୯୧ ବର୍ଷୀୟ ବୃଦ୍ଧ ବି ସଂକ୍ରମିତ ହେଉଛନ୍ତି। ଚଳିତ ବର୍ଷ କୌଣସି ଜଳଉତ୍ସରୁ ଏହି ସଂକ୍ରମଣ ଆରମ୍ଭ ହୋଇଥିବା ଜଣାପଡ଼ି ନାହିଁ। ଏହା ଏକ ଅଲଗା ମାମଲା। ଏହା ମହାମାରୀ ବିଜ୍ଞାନ ସମ୍ବନ୍ଧିତ ଯାଞ୍ଚକୁ ଅଧିକ ଜଟିଳ କରିଦେଇଛି।

## ନାଗପୁରରେ ବାଲ୍‌କୋନୀ ଦେଇ ଯାଇଛି ଫ୍ଲାଏଓଭର

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ୯୯୮ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଫ୍ଲାଏଓଭର ଏବେ ବିବାଦରେ। ଗ୍ରେଟ୍ ନାଗ୍ ରୋଡ ସ୍ଥିତ ଆଶୋକ ସର୍କଲ ନିକଟରେ ନିର୍ମିତ ଏହି ଫ୍ଲାଏ ଓଭରର ବିମ୍ ଏକ ଘରର ବାଲ୍‌କୋନୀ ଉପର ଦେଇ ଯାଇଛି। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ନଗର ନିଗମର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଫ୍ଲାଏଓଭର ନାଗପୁରର ଇନ୍ଦୋରା ଓ ଦୋଧୋରୀ ଅଞ୍ଚଳକୁ ଯୋଡୁଛି। କିନ୍ତୁ ଫ୍ଲାଏ ଓଭର ଠିକ୍ ଭାବେ ନିର୍ମାଣ କରାଯାଇଛି ଓ ଏଥିରେ କୌଣସି ସମସ୍ୟା ନାହିଁ ବୋଲି ଏନ୍‌ଏଚ୍‌ଏଆଇ ତରଫରୁ କୁହାଯାଇଛି। ନିର୍ମାଣ ବେଳେ ଘର ଓ ଫ୍ଲାଏଓଭର ମଧ୍ୟରେ ଦେଢ଼ ମିଟରର ବ୍ୟବଧାନ ଥିଲା। କିନ୍ତୁ ଏହି ବାଲ୍‌କୋନୀକୁ ପରେ ତିଆରି କରାଯାଇଛି ବୋଲି ଏନ୍‌ଏଚ୍‌ଏଆଇ କହିଛି। ଅନ୍ୟପଟେ ପ୍ରୋଜେକ୍ଟ ରିପୋର୍ଟ ତିଆରି କଲା ବେଳେ ଆମଠାରୁ ପରାମର୍ଶ ନିଆଯାଇ ନଥିଲା ବୋଲି ନଗର ନିଗମ କହିଛି। ଏପର୍ଯ୍ୟନ୍ତ ଏହି ଘର ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା ଘୋଷଣା କରାଯାଇନାହିଁ। ତେଣୁ ଏହି ଘରକୁ ତୁରନ୍ତ ଭାଙ୍ଗିବା ମଧ୍ୟ ସମ୍ଭବ ନୁହେଁ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ଇଞ୍ଜେକସନ୍ ନେଇ ସୁନ୍ଦରୀ ହେଉଛନ୍ତି ଆଫଗାନ ମହିଳା

କାବୁଲ, ୧୭।୯ (ଏଜେନ୍ସି): ଆଫଗାନିସ୍ତାନରେ ତାଲିବାନ ମହିଳାଙ୍କୁ ଉପରେ କଠୋର କଟକଣା ଲଗାଇଛି। ଏହା ସତ୍ତ୍ୱେ ସୁନ୍ଦରୀ ହେବାର ନିଶାକୁ ମହିଳା ଛାଡି ପାରୁନାହାନ୍ତି। ମହିଳାମାନଙ୍କ ମଧ୍ୟରେ କସ୍‌ମେଟିକ ସର୍ଜରୀ ଲୋକପ୍ରିୟ ହେବାରେ ଲାଗିଛି। ଏଥିପାଇଁ ଏହି ଦେଶରେ ବିଭିନ୍ନ ପ୍ରକାରର ସୁବିଧା ଉପଲବ୍ଧ ହେଉଛି। ଏଗୁଡିକ ମଧ୍ୟରେ ବୋଟୋକ୍ସ (ଇଞ୍ଜେକ୍‌ସନ ମାଧ୍ୟମରେ ଚର୍ମର ଲୋଚାପଣ), ଫେସ୍‌ଲିଫ୍ଟ (ଢିଲା ଚର୍ମକୁ ଟାଇଟ୍ କରିବା) ଓ ହେଆର ଟ୍ରାନ୍ସପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ସାମିଲ ରହିଛି। ମହିଳାମାନେ ସାଧାରଣତଃ ବୁର୍ଖାରେ ରହୁଥିଲେ ମଧ୍ୟ ଫେସ୍‌ଲିଫ୍ଟ ଓ ଅନ୍ୟ ଅସ୍ତ୍ରୋପଚାର କରାଉଛନ୍ତି। ରାଜଧାନୀ କାବୁଲରେ ପ୍ରତିବନ୍ଧ ସତ୍ତ୍ୱେ ପାଖାପାଖି ୨୦ଟି କସ୍‌ମେଟିକ ସର୍ଜରୀ କ୍ଲିନିକ୍ ଚାଲୁ ରହିଛି। ଆଫଗାନିସ୍ତାନର ମହିଳାଙ୍କ ମଧ୍ୟରେ ବୋଟାକ୍ସର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ସାମାଜିକ ଗଣମାଧ୍ୟମରେ 'ବୋଟାକ୍ସ ଅଣ୍ଡର ବୁର୍ଖା' ଟ୍ରେଣ୍ଡ କରୁଛି। ୨୦୨୩ରେ ତାଲିବାନ ବିୟୁଟି ପାର୍ଲର ଉପରେ କଟକଣା ଲଗାଇ ଥିଲା। ଏବେ ମେଡିକାଲ ଚିକିତ୍ସା ଶୈଳୀରେ ଏହି ଅସ୍ତ୍ରୋପଚାର କରାଯାଉଛି। ଏଥିପାଇଁ ତୁର୍କୀରୁ ଡାକ୍ତର କାବୁଲକୁ ଆସି ଟ୍ରେନିଂ ଦେଉଛନ୍ତି।

## ଜର୍ଜିଆ ସୀମାରେ ୫୬ ଭାରତୀୟଙ୍କୁ ଅମାନବୀୟ ବ୍ୟବହାର

### ଖାଦ୍ୟ ନାହିଁ କି ଟଏଲେଟ୍ ବି ନାହିଁ



ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ୟୁରୋପୀୟ ଦେଶ ଜର୍ଜିଆରେ ୫୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଅମାନବୀୟ ବ୍ୟବହାର କରାଯାଉଛି। ଏ ନେଇ ଜଣେ ଭାରତୀୟ ମହିଳା ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହା ଭାଇରାଲ ହୋଇଛି। ପଡୋଶୀ ଆର୍ମେନିଆରୁ ଯିବା ବେଳେ ଜର୍ଜିଆ କର୍ତ୍ତୃପକ୍ଷ ଏହି ଭାରତୀୟ ନାଗରିକଙ୍କୁ ଅମାନବୀୟ ବ୍ୟବହାର କରୁଛନ୍ତି ବୋଲି ମହିଳା ପର୍ଯ୍ୟଟକ ଧ୍ରୁବି ପଟେଲ ତାଙ୍କ ପୋଷ୍ଟରେ କହିଛନ୍ତି। ଭାରତୀୟଙ୍କ ପାଖରେ ଉପଯୁକ୍ତ ଇ- ଭିସା, କାଗଜପତ୍ର ଥିବା ସତ୍ତ୍ୱେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ଆର୍ମେନିଆରୁ ସଦଖଲୋ ସୀମା ଦେଇ ଭାରତୀୟମାନେ ଜର୍ଜିଆ ଯିବା ବେଳେ ଏହି ଘଟଣା ଘଟିଛି। ବରଫ ଭଳି ଭୀଷଣ ଥଣ୍ଡାରେ ଖାଦ୍ୟ ଖାଇବା ଓ ଟଏଲେଟ ଯିବାର କୌଣସି ସୁଯୋଗ ଦିଆଯାଇନଥିଲା। ଏଭଳି ଅବସ୍ଥାରେ ୫ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପଶୁଙ୍କ ଭଳି ଫୁଟପାଥରେ ବସିବାକୁ ବାଧ କରାଯାଇଥିଲା। ଅପରାଧୀଙ୍କ ଭଳି ବ୍ୟବହାର କରାଯାଇଥିଲା। କାଗଜପତ୍ରକୁ ଯାଞ୍ଚ ନ କରି ଏହି ଭିସା ଭୁଲ୍ ବୋଲି ଜର୍ଜିଆ କର୍ତ୍ତୃପକ୍ଷ କହିଥିଲେ। ଏ ଭଳି ବ୍ୟବହାର ଗ୍ରହଣ ଯୋଗ୍ୟ ନୁହଁ। ଏହା ନିହାତି ଲଜ୍ଜାଜନକ ବୋଲି ଧ୍ରୁବି ପ୍ରଧାନମନ୍ତ୍ରୀ ମୋଦୀ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଟ୍ୟାଗ କରି କହିଛନ୍ତି। ଏହା ବିରୋଧରେ ଭାରତ କଡ଼ା ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

## ଦିଲ୍ଲୀ-ଏନ୍‌ସିଆର୍ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ପାଳ ପୋଡୁଥିବା ଚାଷୀଙ୍କୁ ଗିରଫ କରୁନ କାହିଁକି

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ଏବଂ ପାଳ ଜଳାଇବା ସମ୍ବନ୍ଧିତ ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ପାଳ ଜଳାଉ ଥିବା ଚାଷୀଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ପଞ୍ଜାବ, ହରିୟାଣା ଭଳି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଚାଷୀ ଆମର ଅନ୍ନଦାତା, କିନ୍ତୁ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। ପାଳ ଜଳାଉଥିବା ଲୋକଙ୍କ ବିରୋଧରେ ପଞ୍ଜାବ ସରକାର କାହିଁକି କଡ଼ା କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି? ପାଳ ଜଳାଇ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଥିବା ଚାଷୀଙ୍କୁ କାହିଁକି ଗିରଫ କରାଯାଉ ନାହିଁ? ଖାଲି ଜୋରିମାନା ଲଗାଇବା ଯଥେଷ୍ଟ ନୁହେଁ। ଏଥିପାଇଁ ଚାଷୀଙ୍କୁ ଦାୟୀ କରାଯିବା ମଧ୍ୟ ଆବଶ୍ୟକ। ଯଦି ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବେନି ତେବେ କୋର୍ଟ ନିର୍ଦ୍ଦେଶ ଦେବେ। ପାଳ ଜଳାଇବା ବନ୍ଦ କରିବା ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି। ଏହାକୁ ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୂର୍ବରୁ ମଧ୍ୟ ଚାଷୀଙ୍କୁ ଗିରଫ କରାଯାଇଥିଲା। ଅଧିକାଂଶ କ୍ଷୁଦ୍ର ଚାଷୀ ଥିବାରୁ ଜେଲ୍ ପଠାଇଲେ ତାଙ୍କ ପରିବାର ଉପରେ ଖରାପ ପ୍ରଭାବ ପଡୁଛି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ କିଛି ଲୋକଙ୍କୁ ଜେଲ୍ ପଠାଇଲେ ପାଳ ଜଳାଇବା ବନ୍ଦ ହୋଇପାରେ। ଏହି ବାର୍ତ୍ତା ଅନ୍ୟମାନଙ୍କୁ ଦେବାର ଆବଶ୍ୟକତା ରହିଛି।

### ଚାଷୀ ଅନ୍ନଦାତା; ପରିବେଶର ସୁରକ୍ଷା ବି ଜରୁରି

### ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା

ଏହା ସହିତ ପ୍ରଦୂଷଣର ମୁକାବିଲା ଶୀତ ଦିନ ଆରମ୍ଭ ହେବାର ତିନି ସପ୍ତାହ ମଧ୍ୟରେ ପୂର୍ବରୁ ବିଭିନ୍ନ ଉପାୟ ବିଷୟରେ ସୂଚନା ଦେବା ପାଇଁ ଦେଶର ପ୍ରଦୂଷଣ ନିୟନ୍ତ୍ରଣ ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ), ସେଣ୍ଟ୍ରାଲ



ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ଶୀତଦିନେ ପ୍ରଦୂଷଣ ବିପଜ୍ଜନକ ସ୍ତରରେ ପହଞ୍ଚି ଯାଉଛି। ତେଣୁ ସମୟ ପୂର୍ବରୁ ପଦକ୍ଷେପ ନେବା ଜରୁରି। ସିଜେଆଇ କହିଥିଲେ ଯେ ଚାଷୀ ଦେଶର ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିନା କଟକଣାରେ ପାଳ ଜଳାଇବାକୁ ଅନୁମତି ଦିଆଯାଇପାରିବ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜଳାଉଥିବା ଚାଷୀଙ୍କୁ ଏମଏସ୍‌ପିରୁ ବାଦ୍ ଦିଆଯିବା ଉଚିତ। କାରଣ ଚାଷୀ ନିୟମ ଭାଙ୍ଗି ପାଳ ଜଳାଉଛି। ତେଣୁ ଚାଷୀଙ୍କୁ ଆର୍ଥିକ ଦଣ୍ଡ ଦେବା ଉଚିତ। କେବଳ ଜୋରିମାନା କିମ୍ବା ଚେତାବନୀ ଯଥେଷ୍ଟ ନୁହେଁ। ପାଳ ପରିଚାଳନା ପାଇଁ ଚାଷୀଙ୍କୁ ଉପକରଣ ଦେବାକୁ ରାଜ୍ୟ ସରକାରମାନେ ସୁନିଶ୍ଚିତ କରାନ୍ତୁ। ସେହିପରି ଅନ୍ୟ ଉତ୍ତମ ବିକଳ୍ପ ଦେଲେ ଚାଷୀ ପାଳ ଜଳାଇବାରୁ ବିରତ ରହିବେ। ଏହା ସହିତ ଚାଷୀଙ୍କୁ କେବଳ ଖଳନାୟକ ଭଳି ଉପସ୍ଥାପନ କରିବା ଭୁଲ୍ ବୋଲି ଖଣ୍ଡପୀଠ କହିଛନ୍ତି। ତାଙ୍କ ପକ୍ଷ ମଧ୍ୟ ଶୁଣିବା ଉଚିତ। ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଭଳି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ରାଜ୍ୟଗୁଡିକର ପ୍ରଦୂଷଣ ବୋର୍ଡରେ ଖାଲି ପଡ଼ିଥିବା ପଦବୀକୁ ତିନି ମାସ ମଧ୍ୟରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଏକ୍ୟୁଏମ ଏବଂ ସିପିସିବିଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦେଇଛନ୍ତି।

● ଆମେରିକା ଜାରିକଲା ନିଶା ଚୋରା ଚାଲାଣକାରୀ ରାଷ୍ଟ୍ର

## ଭାରତ-ପାକିସ୍ତାନ ସମେତ ୨୩ ଦେଶ ସାମିଲ

### ବିପଜ୍ଜନକ ରାସାୟନିକ ପ୍ରସ୍ତୁତ କରୁଛନ୍ତି

### ଆମେରିକାରେ ଏମର୍ଜେନ୍ସି ଭଳି ସ୍ଥିତି

ୱାଶିଂଟନ, ୧୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ ବିରୋଧରେ ଅଭିଯୋଗ ଲଗାଇଛନ୍ତି। ୨୩ ଦେଶକୁ ସେ ନିଶା ଚୋରାଚାଲାଣ ଏବଂ ବେଆଇନ ଉତ୍ପାଦନ କରୁଥିବା ରାଷ୍ଟ୍ର ତାଲିକାରେ ସାମିଲ କରିଛନ୍ତି। ଏହି ଦେଶଗୁଡିକ ମଧ୍ୟରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଚୀନ୍, କଲମ୍ବିଆ, ବଲିଭିଆ ଏବଂ ଭେନଜୁଏଲା ଭଳି ଦେଶ ସାମିଲ ରହିଛି। ସୋମବାର ଆମରିକା ସଂସଦକୁ ହସ୍ତାନ୍ତର କରାଯାଇଥିବା 'ପ୍ରେସିଡେନସିଆଲ ଡିଟରମିନେସନ ରିପୋର୍ଟ'ରେ କୁହାଯାଇଛି ଯେ ଏହି ଦେଶଗୁଡ଼ିକରେ ବେଆଇନ ନିଶା ଉତ୍ପାଦନ ଏବଂ ଚାଲାଣ ପାଇଁ ଆମେରିକା ଏବଂ ଏହାର ନାଗରିକଙ୍କ ସୁରକ୍ଷା ବିପଦ ସୃଷ୍ଟି ହୋଇଛି।

ଟ୍ରମ୍ପ କହିଛନ୍ତି ଯେ ନିଶା ଚାଲାଣ, ବିଶେଷକରି ଫେଣ୍ଟାନିଲ୍ ଭଳି ଘାତକ ନିଶା ଦ୍ରବ୍ୟ ଆମେରିକାରେ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଛି। ଏହା ଏକ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ୧୮ ରୁ ୪୪ ବର୍ଷୀୟ ଆମେରିକୀୟଙ୍କ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି। ଚୀନ୍ ଫେଣ୍ଟାନିଲ୍ ଭଳି ବିପଜ୍ଜନକ ନିଶା ତିଆରିରେ ବ୍ୟବହୃତ ରାସାୟନିକ ପଦାର୍ଥର ସବୁଠାରୁ ବଡ଼ ଉତ୍ସ ପାଲଟିଛି। ଏହା ମେଥାମ୍ଫେଟାମାଇନ୍ ଭଳି ଅନ୍ୟାନ୍ୟ ନିଶାଦ୍ରବ୍ୟକୁ ମଧ୍ୟ ପ୍ରୋତ୍ସାହନ ଦେଉଛି। ଏହି ରାସାୟନିକ ପଦାର୍ଥଗୁଡ଼ିକୁ ବନ୍ଦ କରିବା ଏବଂ ନିଶା କାରବାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପ୍ ଚୀନ୍‌କୁ ଅନୁରୋଧ କରିଛନ୍ତି। ଆମେରିକାର ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଫଗାନିସ୍ତାନ, ବୋଲିଭିଆ, ମିଆଁମାର, କଲମ୍ବିଆ ଏବଂ ଭେନେଜୁଏଲା ଭଳି ଦେଶଗୁଡ଼ିକ ନିଶାଦ୍ରବ୍ୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ଦେଶଗୁଡ଼ିକୁ ଅଧିକ କଠୋର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

ଆଫଗାନିସ୍ତାନ ବିରୋଧରେ ଟ୍ରମ୍ପ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ବେଆଇନ ନିଶାଦ୍ରବ୍ୟ ଉପରେ କଟକଣା ଲଗାଇବାକୁ ତାଲିବାନ ଘୋଷଣା କରିଥିଲା। କିନ୍ତୁ ଏହି ଦେଶରେ ନିଶାଦ୍ରବ୍ୟର ବିପୁଳ ଭଣ୍ଡାର ଏବଂ ମେଥାମଫେଟାମାଇନ ଉତ୍ପାଦନ ଜାରି ରହିଛି। ଏହା ଅନ୍ତର୍ଜାତୀୟ ବଜାରରେ ପହଞ୍ଚୁଛି। ଏଥିରୁ ମିଳୁଥିବା ଅର୍ଥକୁ ଅନ୍ତର୍ଜାତୀୟ ଅପରାଧି ଗ୍ୟାଙ୍ଗଙ୍କୁ ଦିଆଯାଉଛି।

ସୂର୍ଯ୍ୟ କୁମାର ଯାଦବଙ୍କୁ ଆପ୍ ନେତାଙ୍କ ଚ୍ୟାଲେଞ୍ଜ

## ଟ୍ରଫି ନୁହେଁ; ପହଲ୍‌ଗାମ୍ ସହିଦଙ୍କ ପତ୍ନୀମାନଙ୍କୁ ମ୍ୟାଚ୍ ଟଙ୍କା ଦିଅ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଚଳିତ ଏସିଆକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲ୍ଟେଜ ମ୍ୟାଚ୍‌କୁ ନେଇ ଏବେ ବିବାଦ ବଢ଼ିବା ସହ ରାଜନୀତି ଆରମ୍ଭ ହୋଇଛି। ଏବେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏହି ବିବାଦରେ ମୁଣ୍ଡ ପୁରାଇବା ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ କଟାକ୍ଷ କରି ନୂଆ ଆହ୍ୱାନ ଦେଇଛନ୍ତି। ସେ ସୂର୍ଯ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ସମାଲୋଚନା କରିଛନ୍ତି।

ପାକିସ୍ତାନକୁ ପରାସ୍ତ କରିବା ପରେ ସୂର୍ଯ୍ୟ ଭାରତର ଏହି ବିଜୟକୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ମୃତକଙ୍କୁ ଉତ୍ସର୍ଗ କରିଥିଲେ। କିନ୍ତୁ ସୌରଭ ଏହାକୁ ନାଟକ ବୋଲି କହିଛନ୍ତି। 'ସୂର୍ଯ୍ୟ ଯଦି ତୁମର, ବିସିସିଆଇ ଓ ଆଇସିସିର ଔକାତ ଅଛି, ତେବେ ପ୍ରସାରଣ ଅଧିକାର ଓ ବିଜ୍ଞାପନରୁ ଉପାର୍ଜନ କରିଥିବା ଅର୍ଥକୁ ସହିଦଙ୍କ ୨୬ ଜଣ ବିଧବା ମହିଳାଙ୍କୁ ଦେଇଦିଅ। ଏପରି କଲେ ଯାଇ ପ୍ରକୃତରେ ଏହି ବିଜୟ କୁମୃତକଙ୍କୁ ଉତ୍ସର୍ଗ କରାଯାଇଥିବା ମାନିବୁ' ବୋଲି ସୌରଭ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯଦି ସତରେ ସହିଦଙ୍କ ପ୍ରତି ଖେଳାଳିମାନଙ୍କର ସମର୍ପଣ ଭାବ ରହିଛି, ତେବେ କେବଳ କଥା କହିଲେ ହେବ ନାହିଁ। ବରଂ ଏହି ମ୍ୟାଚ୍‌ରୁ ମିଳିଥିବା ଅର୍ଥକୁ ସହିଦଙ୍କ ପତ୍ନୀଙ୍କୁ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। କିନ୍ତୁ ଏଥିପାଇଁ ସୌରଭଙ୍କୁ ମଧ୍ୟ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି।

ସୌରଭ ଖେଳାଳିଙ୍କ ପ୍ରତି 'ଔକାତ' ଭଳି ଶବ୍ଦ ବ୍ୟବହାର କରିବା ଠିକ୍ ନୁହଁ ବୋଲି ସାମାଜିକ ଗଣମାଧ୍ୟମରେ ୟୁଜରମାନେ କହିଛନ୍ତି।



ଏହା ପରେ ସୌରଭ ଏକ୍ସରେ ପୋଷ୍ଟ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। 'ମୁଁ ଯାହା କହିଛି ତାହାକୁ ବଜାୟ ରଖୁଛି, ଖେଳାଳି ଭାବେ ଖେଳ ଓ ଅର୍ଥ ଉପାର୍ଜନ କର। କିନ୍ତୁ ଆତଙ୍କବାଦୀ ଦେଶ ସହିତ ଖେଳିବା ପରେ ସହିଦଙ୍କ ନାମରେ ରାଜନୀତ କରନାହିଁ। ବିଜେପି ସରକାରଙ୍କ ସ୍କ୍ରିପ୍ଟ ଶୁଣାଅନାହିଁ' ବୋଲି ସେ ଉଲ୍ଲେଖ କରି ସଫେଇ ଦେଇଛନ୍ତି। ଅବଶ୍ୟ ଏ ନେଇ ସୂର୍ଯ୍ୟ କୁମାର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

## କର୍ଣ୍ଣାଟକ ଏସ୍‌ବିଆଇରୁ ୨୧ କୋଟି ଟଙ୍କାର ଲୁଟ୍

### ୨୦ କେଜି ସୁନା ନେଇ ଲୁଟେରା ଫେରାର୍

### ସେନା ପୋଷାକ ପିନ୍ଧି ବ୍ୟାଙ୍କରେ ପଶିଥିଲେ

ବେଙ୍ଗାଲୁରୁ, ୧୭।୯ (ଏଜେନ୍ସି): କର୍ଣ୍ଣାଟକର ବିଜୟପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖାରୁ ପାଖାପାଖି ୨୧ କୋଟି ଟଙ୍କାର ଡକାୟତି ହୋଇଛି। ଏଥିରେ ଏକ କୋଟି ୪ ଲକ୍ଷ ନଗଦ ଟଙ୍କା ଓ ୨୦ କୋଟି ଟଙ୍କାର ସୁନା ରହିଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ କେତେ ଜଣ ଲୁଟେରା ଅସ୍ତ୍ରଶସ୍ତ୍ର ଧରି ବ୍ୟାଙ୍କ ଲୁଟ୍ କରି ଫେରାର ହୋଇଯାଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୁଟେରାମାନେ ମହାରାଷ୍ଟ୍ର ଆଡକୁ ଯାଇଥିବା ପୁଲିସ ଅନୁମାନ କରୁଛି। ଲୁଟେରାମାନେ ସେନା ପୋଷାକ ଓ ମାସ୍କ ପିନ୍ଧିଥିଲେ। ୩ ଜଣ ବ୍ୟାଙ୍କ ଭିତରେ ପଶିଥିବା ବେଳେ ଦୁଇ ଜଣ ବାହାରେ ଥିଲେ। ସେମାନେ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ଓ ଅନ୍ୟ କର୍ମଚାରୀଙ୍କୁ ଅଟକ ରଖିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଲୁଟେରାମାନେ ନଗଦ ଟଙ୍କା ଓ ସୁନା ନେଇ ପଳାଇଥିଲେ। ସେମାନେ ଗୁଳି ମଧ୍ୟ ଚଳାଇଥିଲେ। ମଙ୍ଗଳବାର ବ୍ୟାଙ୍କ ଗ୍ରାହକଙ୍କ ପାଇଁ ବନ୍ଦ ଥିଲା। ସୁରକ୍ଷାକର୍ମୀ ମଧ୍ୟ ଛୁଟିରେ ଥିଲେ ବୋଲି କୁହାଯାଇଛି। ଗତ ୪ ମାସ ମଧ୍ୟରେ ଏହି ଜିଲ୍ଲାରେ ଦ୍ୱିତୀୟଥର ପାଇଁ ଏଭଳି ବ୍ୟାଙ୍କ ଡକାୟତି ହୋଇଛି। ଏହାପୂର୍ବରୁ ମେ ୨୫ରେ ବିଜାପୁର ଜିଲ୍ଲାର ମାଣଗୁଳି ଗାଁର କାନାରା ବ୍ୟାଙ୍କ ଶାଖାରେ ୫୩ କୋଟି ଟଙ୍କାର ସୁନା ଓ ୫ କୋଟି ୨୦ ଲକ୍ଷ ନଗଦ ଟଙ୍କା ଡକାୟତି ହୋଇଥିଲା। ଏହି ଘଟଣାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ପୂର୍ବତନ ମ୍ୟାନେଜର ବିଜୟକୁମାର ମିରିୟାଲା। ପୁଲିସ ଏହି ମାମଲାରେ ୪୦ କୋଟି ଟଙ୍କାର ଜିନିଷ ଜବତ କରିଥିଲା। ଏଥିରେ ୩୯ କେଜି ତରଳ ସୁନା ଓ ୧.୧୬ କୋଟି ଟଙ୍କାର ନଗଦ ଟଙ୍କା ବି ଥିଲା।

## ଛୋଟା ରାଜନର ଜାମିନ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଛୋଟା ରାଜନର ଜାମିନକୁ ସୁପ୍ରିମକୋର୍ଟ ବୁଧବାର ରଦ୍ଦ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ୨୦୦୧ର ହୋଟେଲ ବ୍ୟବସାୟୀ ଜୟ ସେଟ୍ଟୀଙ୍କ ହତ୍ୟା ମାମଲାରେ ରାଜନର ଜାମିନକୁ ରଦ୍ଦ କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ତା'ର ଦଣ୍ଡ ଉପରେ ଲାଗିଥିବା ରୋକକୁ ହଟାଇ ଦେଇଛନ୍ତି। ଏହି ହତ୍ୟାକାଣ୍ଡ ମାମଲାରେ ଗତବର୍ଷ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାଜନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଜନ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲା। ୨୦୨୪ ଅକ୍ଟୋବର ୨୩ରେ ହାଇକୋର୍ଟ ତାର ଦଣ୍ଡାଦେଶକୁ ଖାରଜ କରି ଜାମିନ ଦେଇଥିଲେ। କିନ୍ତୁ ସିବିଆଇ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା।

## ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ପଦଯାତ୍ରା କଲେ ଛାତ୍ରୀ

ଇଟାନଗର, ୧୭।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ମାନ ଦିନକୁ ଦିନ ତଳସ୍ତରକୁ ଖସିବାରେ ଲାଗିଛି। କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ପିଲା ବସିବାକୁ ଗୃହ ନାହିଁ। ଆଉ କେଉଁଠି ଦୁର୍ନୀତିରେ ଗଢ଼ା ସ୍କୁଲ୍ କୋଠା ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ଅକାଳ ମୃତ୍ୟୁ ହେଉଛି। ଅରୁଣାଚଳ ପ୍ରଦେଶ ପାକେ କେସାଙ୍ଗ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଏଭଳି ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଏହା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଶିକ୍ଷକ ଅଭାବରୁ ପାଠପଢ଼ା ଠିକ୍‌ରେ ହୋଇ ପାରୁ ନ ଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଧିକାରୀ ଶୁଣୁ ନ ଥିଲେ। ଶେଷରେ ପ୍ରାୟ ୯୦ ଛାତ୍ରୀ ନିଜ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ଚାଲି ଚାଲି ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଏମାନେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। ସେମାନେ ନ୍ୟାନଗାଁଓ ଗ୍ରାମରୁ ରବିବାର ଯାତ୍ରା ଆରମ୍ଭ କରିଥିଲେ। ସାରା ରାତି ଚାଲି ସୋମବାର ସକାଳେ ଲେମିରେ ପହଞ୍ଚି ଥିଲେ। ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦାବି କରିଥିଲେ।




ଛାତ୍ରୀ କହିଥିଲେ ଯେ ସେମାନେ ଅନେକ ଥର ସ୍କୁଲ୍ ଏବଂ ଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ସେଥିପାଇଁ ସେମାନେ ବାଧ ହୋଇ ଏଭଳି ପଦକ୍ଷେପ ନେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ପଦଯାତ୍ରାରେ ଛାତ୍ରୀ ଅନେକ ପୋଷ୍ଟର ପ୍ରଦର୍ଶନ କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। 'ଶିକ୍ଷକଙ୍କ ବିନା ସ୍କୁଲ୍ କେବଳ ଏକ କୋଠା' ବୋଲି ଏଥିରେ ଲେଖା ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଛନ୍ତି ଯେ ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକ ନାହାନ୍ତି। ଅନ୍ୟ ବିଷୟରେ ଶିକ୍ଷକ ଅଛନ୍ତି। ୨୦୧୧-୧୨ରେ ଏହି ବିଦ୍ୟାଳୟର ନିର୍ମାଣ ହୋଇଥିଲା। ଗରିବ ବାଳିକାଙ୍କ ଶିକ୍ଷା ପାଇଁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୯୦ରୁ ଅଧିକ ଛାତ୍ରୀ ପଢୁଛନ୍ତି। ଛାତ୍ରୀଙ୍କ ଏହି ପଦଯାତ୍ରା ପରେ ଶିକ୍ଷା ବିଭାଗ ତୁରନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକ ନିଯୁକ୍ତିକୁ ମଞ୍ଜୁରି ଦେଇଥିଲା। ସ୍କୁଲ୍ ଶିକ୍ଷାର ଉପନିର୍ଦ୍ଦେଶକ ଦୀପକ ତୟାଙ୍ଗେ କହିଥିଲେ ଯେ ନ ଜଣାଇ ଛାତ୍ରୀ ପଦଯାତ୍ରା କରିଥିଲେ। ଏ ବିଷୟରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସୂଚନା ଦେଇ ନ ଥିଲେ। କିନ୍ତୁ ଏବେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ମାତ୍ର ଏହି ଘଟଣା ଅଧିକାରୀଙ୍କୁ ହରଡ଼ଘଣାରେ ପକାଇ ଥିଲା। ଶେଷରେ ଛାତ୍ରୀଙ୍କ ଏହି ପରିଶ୍ରମ ସଫଳ ହୋଇଥିଲା।

## ଦୀଶା ପଟାନୀଙ୍କ ଘରକୁ ଗୁଳିମାଡ଼: ଏନ୍‌କାଉଣ୍ଟରରେ ଅଭିଯୁକ୍ତ ମୃତ

ଗାଜିଆବାଦ୍, ୧୭।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଦୀଶା ପଟାନୀଙ୍କ ଘର ଉପରକୁ ଗୁଳି ମାଡ଼ କରିଥିବା ଦୁଇ ଅଭିଯୁକ୍ତ ଏନ୍‌କାଉଣ୍ଟରେ ପ୍ରାଣ ହରାଇଛନ୍ତି। ବରେଲିରେ ଦୀଶାଙ୍କ ପରିବାର ଲୋକେ ରହୁଥିବା ଘର ଉପରକୁ ହରିୟାଣାର ରୋହତକ ବାସୀନ୍ଦା ରବୀନ୍ଦ୍ର ଓ ସୋନିପତଙ୍କର ଅରୁଣ ସେପ୍ଟେମ୍ବର ୧୨ ସକାଳ ୩.୩୦ରେ ଦୁଇ ରାଉଣ୍ଡ ଗୁଳିମାଡ କରିଥିଲେ। ବୁଧବାର ଗାଜିଆବାଦ୍‌ରେ ନୋଏଡା ଏସ୍‌ଟିଏଫ୍, ସିଆଇ ୟୁନିଟ ଦିଲ୍ଲୀ, ହରିୟାଣା ପୁଲିସର ଟିମ୍ ମିଳିତ ଭାବେ ଏହି ଦୁଇଜଣଙ୍କର ଏନ୍‌କାଉଣ୍ଟର କରିଥିଲେ। ଏହି ଦୁଇଜଣ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ଼ ଗ୍ୟାଙ୍ଗର ସଦସ୍ୟ ଥିଲେ। ଦୁଇଜଣଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଏସ୍‌ଟିଏଫ୍ କହିବା ଅନୁସାରେ ବୁଧବାର ସନ୍ଧ୍ୟା ୭ଟା ୨୨ରେ ଗାଜିଆବାଦର ଟ୍ରନିକା ସିଟି ଅଞ୍ଚଳରେ ଚେକିଂ ଚାଲିଥିଲା। କିନ୍ତୁ ଦୁଇଜଣ ଯୁବକ ଚେକିଂ ଦେଖି ପଳେଇବାକୁ ପ୍ରୟାସ କରିଥିଲେ। ସେମାନଙ୍କ ପିଛା କରିବାରୁ ସେମାନେ ଗୁଳି ମାରିବା ଆରମ୍ଭ କରିଥିଲେ। ଗୁଳିମାଡ଼ରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସେହିପରି ପୁଲିସ ଜିପ୍ ଉପରେ ୪ଟି ଗନ୍ ସଟ୍ ଲାଗିଥିଲା। ଫଳରେ ପୁଲିସ ପାଲଟା ଗୁଳି ଚଳାଇଥିଲା। ଉଭୟ ପଟୁ ୧୫ ମିନିଟ୍ ପର୍ଯ୍ୟନ୍ତ ୨୫ରୁ ୩୦ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା।

# ସୁନ୍ଦରୀ ଆଇପିଏସ୍

ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଘର ଚଳାଇବାଠୁ ନେଇ ଭାରତୀୟ ପୁଲିସ ସେବାରେ ଯୋଗଦେଇ, ପୁରୁଷଙ୍କ ସହ କାନ୍ଧମିଳାଇ ଦେଶର ଦାୟିତ୍ୱ ନିର୍ବାହରେ ସକ୍ଷମ ହୋଇଛନ୍ତି । ବିୟୁଟି ୱିଥ୍ ବ୍ରେନ୍‌ର ସେମାନେ ସଫଳ ଉଦାହରଣ ସାଜିଛନ୍ତି । ଦୃଢ଼ମନୋବଳ, ନିଷ୍ଠା, ସମାଜ ପ୍ରତି ସମର୍ପଣ ଭାବ ଥିଲେ ଜଣେ ମହିଳା ସବୁ କିଛି କରିପାରିବ, ବୋଲି ସେମାନେ ପ୍ରମାଣ କରିଛନ୍ତି । ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେଜଣ ସୁନ୍ଦରୀ ଭାରତୀୟ ମହିଳା ଆଇପିଏସ୍ ଅଫିସରଙ୍କୁ ନେଇ ଏହି ଉପସ୍ଥାପନା ।



## ଅଂଶିକା ବର୍ମା

ବିୟୁଟି ୱିଥ୍ ବ୍ରେନ୍ ନାମରେ ଜଣାଶୁଣା ଅଂଶିକା ଉତ୍ତର ପ୍ରଦେଶ କ୍ୟାଡରର ଜଣେ ସୁନ୍ଦରୀ ଆଇପିଏସ୍ ଭାବେ ପରିଚିତ । ତାଙ୍କ ଆତ୍ମବିଶ୍ୱାସ ଓ ସୌନ୍ଦର୍ଯ୍ୟ ତାଙ୍କୁ ଅନ୍ୟ ଅଫିସରଙ୍କଠୁ ଭିନ୍ନ କରିଥାଏ । ଉତ୍ତର ପ୍ରଦେଶ ପ୍ରୟାଗରାଜରେ ରହୁଥିବା ଅଂଶିକା ସ୍କୁଲ ଶିକ୍ଷା ସମାପ୍ତ ପରେ ନୋଏଡ଼ାରେ ବିଟେକ୍ କରିଥିଲେ । ଏହାପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇଥିଲେ । ଏଥିପାଇଁ କୌଣସି କୋଚିଂ ନ ଯାଇ ସେ ସେଲ୍‌ଫ ଷ୍ଟଡିକୁ ବିକଳ୍ପ ରୂପେ ବାଛିଥିଲେ । ପ୍ରଥମ ପ୍ରୟାସରେ ବିଫଳ ହେବା ସତ୍ତ୍ୱେ, ସେ ହାର ମାନି ନ ଥିଲେ । କଠିନ ପରିଶ୍ରମ କରି ସେ ଦ୍ୱିତୀୟ ପ୍ରୟାସରେ ୨୦୨୦ ମସିହାରେ ୟୁପିଏସ୍‌ସି ପରୀକ୍ଷାରେ ୧୩୬ ର୍ୟାଙ୍କ୍ ରଖିଥିଲେ । ତାଙ୍କୁ ୟୁପି କ୍ୟାଡର୍ ମିଳିଥିଲା । ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।



## ସଂଯୁକ୍ତା ପରାଶର

ସଂଯୁକ୍ତା ପରାଶର ସୁନ୍ଦରୀ ସହ ଜଣେ ନିର୍ଭୀକ ଆଇପିଏସ୍ ଅଫିସର୍ ଭାବେ ଜଣାଶୁଣା । ସେ ଆସାମର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଆସାମରେ ସ୍କୁଲ୍ ଶିକ୍ଷା ସମାପ୍ତ ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସିଥିଲେ । ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ କଲେଜରେ ରାଜନୀତି ବିଜ୍ଞାନରେ ସ୍ନାତକ କରିଥଲେ । ପରବର୍ତ୍ତୀ ସମୟରେ ସେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରିଥଲେ । ପରେ ସେ ଆମେରିକୀୟ ବୈଦେଶିକ ନୀତିରେ ଏମ୍‌ଫିଲ୍ ଓ ପିଏଚ୍‌ଡି ହାସଲ କରିଥଲେ । ଏହାପରେ ସେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥଲେ । ୨୦୦୬ ମସିହାରେ ୟୁପିଏସ୍‌ସି ପରୀକ୍ଷା ଏଆଇଆରରେ ୮୫ ର୍ୟାଙ୍କ ରଖିଥିଲେ । ଏହାପରେ ତାଙ୍କୁ ଭାରତୀୟ ପୁଲିସ୍ ସେବା ପାଇଁ ଚୟନ କରାଯାଇଥିଲା । ତାଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଥିଲା । ୨୦୧୫ ରେ ସେ ଉଗ୍ରବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୧୫ ମାସରେ ସେ ୧୬ ଟି ଏନ୍‌କାଉଣ୍ଟର କରି ସେ ଚର୍ଚ୍ଚାରେ ଥିଲେ ।



## ଅଙ୍କିତା ଶର୍ମା

ଛତିଶଗଡ଼ର ପ୍ରଥମ ମହିଳା ଆଇପିଏସ୍ ଅଫିସର୍ ଭାବେ ପରିଚିତ ଅଙ୍କିତା ଶର୍ମା । ସାହସ, ନିଆରା ଅନ୍ଦାଜ୍ ପାଇଁ ଚର୍ଚ୍ଚାରେ ଥିବା ଅଙ୍କିତା ସୋସିଆଲ ମିଡ଼ିଆରେ ଖୁବ୍ ସକ୍ରିୟ । ଛତିଶଗଡର ଲେଡିସିଂଘମ୍ ଭାବେ ପରିଚିତ ଅଂଶିକାଙ୍କ ନାଁ ଶୁଣିଲେ ବସ୍ତରର ନକ୍ସଲବାଦୀମାନେ ଥରି ଉଠନ୍ତି । ସେ ଦେଖିବାକୁ ଯେତିକି ସୁନ୍ଦର, କାର୍ଯ୍ୟକୁ ନେଇ ସେତିକି କଠୋର । ୨୦୨୨ ମସିହାରେ ଖୈରଗଡ଼ର ଏସ୍‌ପି ଥିବାବେଳେ ନକ୍ସଲ ପ୍ରଭାବିତ ଅଞ୍ଚଳ ବସ୍ତରରେ ନକ୍ସଲ ବିରୋଧ ଅପରେସନରେ ଦାୟିତ୍ୱ ନେଇଥିଲେ । ଲାଲ ଆତଙ୍କ ଖେଳାଉଥିବା ନକ୍ସଲଙ୍କୁ ଏପରି ଭାବେ ନିପାତ କରିଥିଲେ, ଯାହା ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଆଇପିଏସ୍ ପୂର୍ବରୁ ସେ ଜଣେ ଏମ୍‌ବିଏ ଗୋଲଡ୍‌ମେଡାଲିଷ୍ଟ ଥିଲେ । ଭାରତୀୟ ପ୍ରଶାସନିକ ସେବାରେ ରୁଚି ଥିବାରୁ ସେ ତିନିଥର ୟୁପିଏସ୍‌ସି ପ୍ରସ୍ତୁତ କରିଥିଲେ । ୨୦୧୮ ମସିହାରେ ୨୦୫ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ । ଆଇପିଏସ୍ କିରଣ ବେଦୀଙ୍କୁ ଦେଖି ସେ ଏ ଦିଗରେ ପ୍ରେରଣା ପାଇଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ ।



## ମେରିନ୍ ଯୋସେଫ୍

ସୁନ୍ଦରୀ ଓ ସାହସୀ ମହିଳା ଆଇପିଏସ୍ ଅଫିସର ଭାବେ ମେରିନ୍ ଜୋସେଫ୍ ପରିଚିତ । ସେ ନିଜର ସାହସ, ସଫଳତା ଓ ନିର୍ଭୀକତା ପାଇଁ ସର୍ବଦା ଚର୍ଚ୍ଚାରେ ଥାଆନ୍ତି । ସେ ଥରକରେ ୟୁପିଏସ୍‌ସି ପରୀକ୍ଷା ପାସ କରିଥଲେ । ମାତ୍ର ୨୨ ବର୍ଷ ବୟସରେ ଆଇପିଏସ୍ ଅଫିସର ହେବାର ସେ ଗୌରବ ଅର୍ଜନ କରିଥିଲେ । ୨୦ ଅପ୍ରେଲ ୧୯୯୦ ମସିହାରେ କେରଳର ଥିରୁବନ୍ତପୁରମରେ ସେ ଜନ୍ମ ହୋଇଥିଲେ । ଏହାପରେ ତାଙ୍କ ପରିବାର ଦିଲ୍ଲୀ ସ୍ଥାନାନ୍ତର ହୋଇଥିଲେ । ସେ ଦିଲ୍ଲୀରେ ପାଠ ପଢ଼ିଥିଲେ । କଲେଜରେ ପଢ଼ିବା ସମୟରେ ତାଙ୍କ ମନରେ ସମାଜ ଓ ପ୍ରଶାସନିକ ସେବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଏଥିପାଇଁ ସେ ଗ୍ରାଜୁଏସନ୍ ସହିତ ୟୁପିଏସ୍‌ସି ପ୍ରସ୍ତୁତି ଆରମ୍ଭ କରିଥିଲେ । ୨୦୧୨ ମସିହାରେ ସେ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷା ପାସ କରିଥିଲେ । ସମ୍ପୂର୍ଣ୍ଣ ଭାରତରେ ୧୮୮ ର୍ୟାଙ୍କ ରଖି ଆଇପିଏସ୍ ପାଇଁ ଚୟନ ହୋଇଥିଲେ । ଦେଶରେ କନିଷ୍ଠ ଆଇପିଏସ୍‌ଙ୍କ ମଧ୍ୟରେ ତାଙ୍କ ନାଁ ରହିଛି ।

# ଏମିତି ସଫା ରଖନ୍ତୁ ପ୍ଲାଷ୍ଟିକ ବାସନ

**ଅଧିକାଂଶ ଘରେ ପ୍ଲାଷ୍ଟିକ୍ ବାସନକୁସନ ବ୍ୟବହାର କରାଯାଉଛି । ପ୍ଲାଷ୍ଟିକ୍ ପ୍ଲେଟ୍‌ଠୁ ଆରମ୍ଭ କରି ଗିନା ଆଦିକୁ ଠିକ୍‌ଭାବେ ସଫା କରା ନ ଗଲେ ଅପରିଷ୍କାର ହୋଇଥାଏ । କେମିତି ପ୍ଲାଷ୍ଟିକ୍ ବାସନକୁ ସଫା ରଖିବେ, ଜାଣିବା ସେ ସମ୍ପର୍କରେ... ।**

- ପ୍ଲାଷ୍ଟିକ୍ ବାସନରୁ ତେଲ ଚିକିଟା ଦୂର କରିବା ପାଇଁ ଉଷୁମ ପାଣିରେ ୨-୩ ଚାମଚ ବେକିଂ ସୋଡ଼ା ମିଶାନ୍ତୁ । ଏଥିରେ ପ୍ଲାଷ୍ଟିକ୍ ବାସନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏଭଳି କରିବା ଦ୍ୱାରା ବାସନ ପୂରା ସଫା ହୋଇଯିବ ଏବଂ ଚିକିଟାପଣ ବି ଦୂର ହେବ ।
- ଭିନେଗାର ବ୍ୟବହାର ରୋଷେଇ ସହ ସଫାସଫି ପାଇଁ ମଧ୍ୟ ବ୍ୟବହାର କରାଯାଏ । ଗୋଟିଏ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ୩-୪ ବୁନ୍ଦା ଭିନେଗାର ମିଶାନ୍ତୁ । କିଛି ସମୟ ପରେ ଏହି ପାଣିରେ ପ୍ଲାଷ୍ଟିକ୍ ବାସନ ସଫା କରନ୍ତୁ ।
- କଫି ମଧ୍ୟ ବାସନରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ବାସନରୁ ଦୁର୍ଗନ୍ଧ ଦୂର କରିବା ପାଇଁ କଫି ପାଉଡର ଛିଞ୍ଚି ତାହାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହାକୁ ବାସନ ମଜା ଲିକ୍ୟୁଡ୍ ସହ ସଫା କରନ୍ତୁ ।
- ଦୁଇ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ । ତାହାକୁ ଗରମ କରନ୍ତୁ । ଏହି ପାଣିକୁ ବାସନରେ ଢ଼ାଳି କିଛି ସମୟ ଛାଡ଼ି ଦିଅନ୍ତୁ । ପରେ ବାସନ ମାଜନ୍ତୁ । ବାସନରୁ ଦାଗ ଦୂର ହୋଇଯିବ ।





# ବିନା ତେଲରେ ଧନିଆ ଚିକେନ୍



**ଆବଶ୍ୟକ ସାମଗ୍ରୀ**

ଚିକେନ୍ – ୫୦୦ ଗ୍ରାମ୍, ଆଳୁ- ଦୁଇଟି, ଧନିଆପତ୍ର - ଅଳ୍ପ, ରସୁଣ – ଏକ ବୁଦା, ଅଦା – ଏକ ଇଞ୍ଚ, କଟା ପିଆଜ – ଏକ କପ୍, ଦହି – ଏକ କପ୍ , ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ପାଣି ନେଇ ଚିକେନ୍‌କୁ ଭଲଭାବେ ଧୋଇ ଦିଅନ୍ତୁ । ଏହାପରେ ଚୁଲାରେ କଡ଼େଇ ବସାଇ ଚିକେନ୍ ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ କଟା ପିଆଜ ଓ ଆଳୁ ଦେଇ ଗୋଳାନ୍ତୁ । ଏହାପରେ ଗୋଲମରିଚଗୁଣ୍ଡ, ହଳଦୀ, ଲୁଣ ଦେଇ ଚିକେନକୁ ଏପାଖସେପାଖ କରନ୍ତୁ । ଏକ ଗ୍ରାଇଣ୍ଡିଂ ଜାର୍ ନେଇ ଧନିଆପତ୍ର, ରସୁଣ, ଅଦା, କଞ୍ଚାଲଙ୍କା, ଦହି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଚିକେନ୍‌ରେ ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଚିକେନ୍ ଫୁଟି ଆସିଲେ, ସେଥିରେ ଧନିଆପତ୍ର ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବିନା ତେଲରେ ଧନିଆ ଚିକେନ୍' ।

# ଡେନିମ୍ ଜୁଏଲାରୀ






**ସମୟାନୁସାରେ ବିଭିନ୍ନ ଜୁଏଲାରୀ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଡେନିମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଏହା କପଡ଼ାରେ ତିଆରି ହୋଇଥିବାରୁ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏହା ବିଭିନ୍ନ ଡେନିମ୍ କପଡ଼ାରୁ ତିଆରି କରାଯାଉଛି । ଏଥିରୁ ଭଳିକି ଭଳି ନେକ୍‌ଲେସ୍, ବ୍ରେସ୍‌ଲେଟ୍, ହେୟାର୍ କ୍ଲିପ୍ ଆଦି ପ୍ରସ୍ତୁତ କରାଯାଉଛି ।**

- ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆଧୁନିକ ଲୁକ୍ ଦେବାକୁ ଚାହୁଁଥିଲେ ଡେନିମ୍ ନେକ୍‌ଲେସ୍ ପିନ୍ଧିପାରିବେ । ଏହା ଖୁବ୍ ସୁନ୍ଦର ଦେଖାଯାଏ । ବିଶେଷ କରି ଫ୍ଲାୱାର୍, ଫିଦର୍ ଜୁଏଲାରୀ ବେଶୀ ସୁନ୍ଦର ଲାଗିଥାଏ ।
- ସେହିପରି ଅଫିସ୍ ଆଉଟ୍‌ଫିଟ୍‌ରେ ନିଆରା ତଥା ସିମ୍ପଲ ଲୁକ୍ ଚାହୁଁଥିଲେ ଡେନିମ୍ ବେଲ୍‌ଟ, ତଥା ହେୟାର୍ କ୍ଲିପ୍ ପିନ୍ଧିପାରିବେ । ଏହା ସୁନ୍ଦର ସହ ଷ୍ଟାଇଲିଶ୍ ଦେଖାଯାଏ ।
- ବଜାର ଅପେକ୍ଷା ଅନ୍‌ଲାଇନ୍‌ରେ ଏହି ଜୁଏଲାରୀ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାଏ । ବିଶେଷ କରି ମାଳି, ଷ୍ଟୋନ୍ ଲଗା ଡେନିମ୍ ଜୁଏଲାରୀର ଚାହିଦା ବଢ଼ୁଛି ।

# ପାଗ ଅନୁଯାୟୀ ଫେସିଆଲ୍

**ସୁସ୍ଥ, ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ସ୍କିନ୍ କେୟାର ସହ ସମୟେ ସମୟେ ଫେସିଆଲ୍ କରିବାକୁ ପଡ଼ିଥାଏ । ଫେସିଆଲ୍ ତ୍ୱଚାରେ ଚମକ ଆଣିବା ସହ ତ୍ୱଚାକୁ ଗଭୀରରୁ ସଫା କରିଥାଏ । ମୃତକୋଷ କାଢ଼ି ବ୍ଲାକ୍‌ହେଡ୍‌ସ, ହ୍ୱାଇଟହେଡ୍ସ ସମସ୍ୟା ଦୂର କରିଥାଏ । ତେଣୁ ଋତୁ ଅନୁସାରେ ଫେସିଆଲ୍ କଲେ ସୁଫଳ ମିଳିଥାଏ ।**



**ଖରା**

ଖରାଦିନେ ତ୍ୱଚାରେ ତେଲ ଓ ଧୂଳି ଶୀଘ୍ର ଜମିଯାଏ । ଫଳରେ ବ୍ରଣ ଓ ଦାଗ ସମସ୍ୟା ଦେଖାଯାଏ । ଏପରି ସ୍ଥଳେ ଡିପ୍ କ୍ଲିନିଂ ଓ ହାଇଡ୍ରେଟିଂ ଫେସିଆଲ୍ ତ୍ୱଚା ପାଇଁ ଭଲ ହୋଇଥାଏ । ଏହା ମୁହଁର ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିଥାଏ । ତ୍ୱଚାରୁ ମୃତକୋଷ କାଢ଼ି ଏକ ପ୍ରାକୃତିକ ଚମକ ଦେଇଥାଏ ।

**ବର୍ଷା**

ବର୍ଷା ଋତୁରେ ତ୍ୱଚାରେ ଏକ୍ସଟ୍ରା ଅଏଲ ଓ ଝାଳ ଜମିଯାଏ । ଏହାଦ୍ୱାରା ବ୍ରେକ୍‌ଆଉଟ୍ ସମସ୍ୟା ହୋଇଥାଏ । ଏଥିପାଇଁ ଚାର୍‌କୋଲ୍ ଓ ନିମ୍ବ ମିଶା ଫେସିଆଲ୍ କରିପାରିବେ । ଏହା ତ୍ୱଚାକୁ ଗଭୀରରୁ ସଫା କରି ଉଜ୍ଜ୍ୱଳ କରିଥାଏ । ଏଥିସହ ଦାଗ, ବ୍ରଣ ସମସ୍ୟାରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।

**ଶୀତ**

ଶୀତଦିନେ ଶୁଷ୍କ ତ୍ୱଚା ପାଇଁ ହାଇଡ୍ରେଟିଂ ଫେସିଆଲ୍ ଖୁବ୍ ଭଲ ହୋଇଥାଏ । ଏଥିରେ ହ୍ୟାଲୁରୋନିକ୍ ଏସିଡ୍ , ପ୍ରାକୃତିକ ତେଲ ଓ ମଏଶ୍ଚରାଇଜର୍ ମାସ୍କର ଉପଯୋଗ କରାଯାଇଥାଏ । ଏହା ତ୍ୱଚାର ଶୁଷ୍କତା କମ୍ କରିଥାଏ ।

# ପରିବେଶ ଅନୁକୂଳ ନବରାତ୍ରୀ ପରିଧାନ



**ନବରାତ୍ରୀରେ ମା'ଙ୍କ ପୂଜାର୍ଚ୍ଚନା ସହ ଗର୍ବା ନୃତ୍ୟ ପରିବେଷଣ କରାଯାଏ । ତେଣୁ ନବରାତ୍ରୀକୁ ନେଇ ଯୁବତୀମାନେ ବେଶ୍ ଉତ୍ସାହିତ ଥାନ୍ତି । ଏଥିପାଇଁ ବିଭିନ୍ନ ପୋଷାକ ଚୟନ କରିଥାନ୍ତି । ଅନେକ ପୋଷାକ କିଣିବାବେଳେ କେବଳ ଷ୍ଟାଇଲ ପ୍ରତି ଧ୍ୟାନ ଦେଇଥାନ୍ତି, କିନ୍ତୁ ଏହା ପରିବେଶ ଅନୁକୂଳ କି ନାହିଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରି ।**

**ହ୍ୟାଣ୍ଡଲୁମ୍ କଟନ୍ ଚୋଲି**

ନବରାତ୍ରୀରେ ଚୋଲି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ଖଦୀ ଓ ହାତବୁଣା ସୂତା ଘାଗରା ।ଏଥିରେ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଖୁବ୍ ସୁନ୍ଦର ମାନିଥାଏ । ସେହିପରି ହଳଦିଆ କିମ୍ବା ସବୁଜ ରଙ୍ଗର ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ, ଏଥିରେ ନାଲି ବ୍ଲାଉଜ୍ ପିନ୍ଧିପାରିବେ ।ଏଥିସହ ମ୍ୟାଚିଙ୍ଗ୍ କରି ଅକ୍ସିଡାଇଜ୍ ଅଳଙ୍କାର ପିନ୍ଧିପାରିବେ ।

**ପୁରୁଣା ଶାଢ଼ିରୁ ଲେହେଙ୍ଗା**

ନବରାତ୍ରୀ ପାଇଁ ନୂଆ କପଡ଼ା କିଣିବାର କୌଣସି ଆବଶ୍ୟକତା ନାହିଁ । ଏଥିପାଇଁ ପୁରୁଣା ଶାଢ଼ିକୁ ବ୍ୟବହାର କରି ପିନ୍ଧିବାଯୋଗ୍ୟ ପରିବେଶ ଅନୁକୂଳ ପୋଷାକ ତିଆରି କରିପାରିବେ । ଏହାକୁ ସିଲ୍‌କ ଓଢ଼ଣୀ ଭଲ ମାନିଥାଏ ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com



# ଫାଇନାଲରେ ନୀରଜ-ନଦୀମ

### ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍

ଟୋକିଓ, ୧୭।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଜାପାନର ରାଜଧାନୀ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଶ୍ରେଷ୍ଠ ପ୍ରଦର୍ଶନ ୮୪.୮୫ ମିଟର ସହ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲକୁ ପ୍ରବେଶ ଲାଗି ଯୋଗ୍ୟତା ମାନଦଣ୍ଡ ୮୪.୫୦ ମିଟର ଥିଲା। ନୀରଜଙ୍କ ସହ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ୧୨ ଜଣିଆ ପୁରୁଷ ଜାଭେଲିନ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅର୍ଶଦ ୮୫.୨୮ ମିଟର ଜାଭେଲିନ ଫିଙ୍ଗିଥିଲେ। ଫଳରେ ଗୁରୁବାର ଅପରାହ୍ଣ ୩ଟା ୫୩ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ନୀରଜ ଓ ନଦୀମଙ୍କ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଅନୁମାନ କରାଯାଉଛି। ନୀରଜ ଏହି ମେଗା ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି। ନୀରଜଙ୍କ ସହ ଦ୍ୱିତୀୟ ଭାରତୀୟ ଜାଭେଲିନ ଫିଙ୍ଗାଳି ଭାବେ ସଚିନ ଯାଦବ ମଧ୍ୟ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଚିନ ୮୩.୬୭ ମିଟର ଫିଙ୍ଗି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହିଥିଲେ। ସଚିନ ସିଧାସଳଖ ଯୋଗ୍ୟତା ଅର୍ଜନ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ-୧୨ ଜଣଙ୍କ ମଧ୍ୟରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୯.୫୩ ମିଟର), ଜର୍ମାନୀର ଜୁଲିଏନ ୱେବର (୮୭.୨୧), କେନିଆର ଜୁଲିଅନ ୱେଗୋ (୮୫.୯୬) ଓ ପୋଲାଣ୍ଡର ଡାୱିଡ ୱେଗନର (୮୫.୬୭) ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି।

## ନିରାଶ କଲେ ଅନିମେଶ



ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍ଲେଟିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶ କୁଜୁର ଏଠାରେ ପୁରୁଷ ୨୦୦ ମିଟରରେ ନିରାଶ କରିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ହିଟ-୩ରେ ଦୌଡ଼ିଥିଲେ। ଏଥିରେ ୯ଜଣ ଧାବକଙ୍କ ମଧ୍ୟରେ ଅନିମେଶ ସର୍ବନିମ୍ନ ସ୍ଥାନରେ ରହି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ। ସେ ୨୦୦ ମିଟରକୁ ୨୦.୭୭ ସେକେଣ୍ଡରେ ଫିନିଶ କରିଥିଲେ। ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ (୨୦.୩୨) ପ୍ରଦର୍ଶନଠାରୁ ମଧ୍ୟ ସେ ବହୁ ପଛରେ ରହିଥିଲେ। ଏହି ହିଟ୍ରେ ଦୌଡ଼ିଥିବା ଦୁଇଥରର ଅଲିମ୍ପିକ ରୌପ୍ୟ ପଦକ ବିଜେତା ଆମେରିକାର କେନି ବେଡନାରେକ ୧୯.୯୮ ସେକେଣ୍ଡ ସମୟ ସହ ଶୀର୍ଷରେ ରହି ସେମିକୁ ପ୍ରବେଶ କରିଛନ୍ତି।

**ଦ୍ୱିତୀୟ ମହିଳା ଦିନିକିଆ**

# ୭୭ ବଲ୍ରେ ମନ୍ଧାନାଙ୍କ ଶତକ

## ଭାରତର ରେକର୍ଡ ସ୍କୋରରେ ଅଷ୍ଟ୍ରେଲିଆର ବଡ଼ ପରାଜୟ



ଚଣ୍ଡିଗଡ଼, ୧୭।୯ (ଏଜେନ୍ସି):

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ୧୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଓପନର ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୯୨ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ୪୦.୫ ଓଭରରେ ୧୯୦ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଏଲିସେ ପେରୀ (୪୪ ରନ) ଓ ଆନାବେଲ୍ ସଦରଲାଣ୍ଡ (୪୫) କିଛିଟା ଭାରତୀୟ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇଥିଲେ। ଘରୋଇ ଭାରତୀୟ ଦଳ ପାଇଁ କ୍ରାନ୍ତି ଗୌଡ଼ ୩, ଦୀପ୍ତି ଶର୍ମା ୨ ଏବଂ ରେଣୁକା ସିଂ ଠାକୁର, ସ୍ନେହ ରାଣା. ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ୧୦୨ ରନରେ ବିଜୟୀ ହୋଇ ଭାରତ ତିନି ମ୍ୟାଚବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ବରାବର୍ସ୍ଥିତିକୁ ଆଣିଛି। ପୂର୍ବରୁ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ୮ ୱିକେଟ୍ରେ ଜିତିଥିଲା। ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ। ଅପରପକ୍ଷରେ ଦିନିକିଆ କ୍ରିକେଟ୍ରେ ରନ ବ୍ୟବଧାନରେ ଅଷ୍ଟ୍ରେଲିଆ ମହିଳା ଦଳର ଏହା ସର୍ବବୃହତ୍ ପରାଜୟ ଥିଲା। ଏଥିପୂର୍ବରୁ ୧୯୭୩ରେ ଇଂଲଣ୍ଡ ମହିଳା ଦଳଠାରୁ ଅଷ୍ଟ୍ରେଲିଆ ୯୨ ରନରେ ହାରିଥିଲା। ସେହିଭଳି ୨୯୨ ରନ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆରେ ଭାରତର ସର୍ବବୃହତ୍ ଦଳଗତ ସ୍କୋର। ଏଥିପୂର୍ବରୁ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୨୮୨ ରନ କରିଥିଲା। ପୂର୍ବରୁ ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଉପଅଧିନାୟିକା ମନ୍ଧାନାଙ୍କ ୧୧୭ ରନ ବଳରେ ୪୯.୫ ଓଭରରେ ୨୯୨ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ମନ୍ଧାନାଙ୍କ ଦିନିକିଆ ଫର୍ମାଟ୍ରେ ଏହା ୧୨ତମ ଶତକ ଥିଲା। ୯୧ ବଲର ଏହି ପାଳିରେ ସେ ୧୪ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୪୦, ରିଚା ଘୋଷ ୨୯ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ ୩ ଓ ଆସଲେ ଗାର୍ଡନର ୨ଟି ୱିକେଟ ନେଇଥିଲେ।

### ମ୍ୟାଚ୍ର କୀର୍ତ୍ତିମାନ

**୭୭ ବଲ୍:** ମନ୍ଧାନା ଏହି ମ୍ୟାଚରେ ୭୭ ବଲରେ ଶତକ ପୂରଣ କରିଥିଲେ। ଦିନିକିଆରେ ଭାରତୀୟ ମହିଳା କ୍ରିକେଟର୍ ଭାବେ ଏହା ଦ୍ୱିତୀୟ ଦ୍ରୁତତମ ଶତକ। ଚଳିତ ବର୍ଷ ପ୍ରାରମ୍ଭରେ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୦ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଛନ୍ତି।

**୧୨ତମ ଶତକ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୨ତମ ଶତକ ଥିଲା। ଏଥିସହ ଓପନର୍ ଭାବେ ମହିଳା ଦିନିକିଆ କ୍ରିକେଟ୍ରେ ସର୍ବାଧିକ ଶତକ ମାରିବାରେ ଇଂଲଣ୍ଡର ଟାମି ବିଉମଣ୍ଟଙ୍କ ସମକକ୍ଷ ହୋଇଛନ୍ତି।

**୧୦୦୦+ ରନ:** ମନ୍ଧାନା ଓ ପ୍ରତୀକା ରାୱଲ ଓପନିଂ ଯୋଡ଼ିରେ ଚଳିତ ବର୍ଷ ହଜାରେରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଗୋଟିଏ କ୍ୟାଲେଣ୍ଡରେ ୧୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ବିଶ୍ୱର ପ୍ରଥମ ମହିଳା ଯୋଡ଼ି ହୋଇଛନ୍ତି।

# ଏସିଆ କପ୍ରେ ପାକିସ୍ତାନର ହାଇଡ୍ରାମା

## ପ୍ରଥମେ ବଏକଟ୍ ଧମକ; ପରେ ୧ ଘଣ୍ଟା ବିଳମ୍ବରେ ଷ୍ଟାଡିୟମରେ ପହଞ୍ଚିଲା

ଦୁବାଇ, ୧୭।୯ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ୍ରେ ବୁଧବାର ରାତିରେ ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ ମ୍ୟାଚ୍ ଖେଳାଯିବା ପୂର୍ବରୁ ବେଶ୍ ଘଟଣାବହୁଳ ରହିଥିଲା। ଏହି ମ୍ୟାଚର କିଛି ଘଣ୍ଟା ପୂର୍ବରୁ ପାକିସ୍ତାନ ଦଳର ହାଇଡ୍ରାମା ଦେଖିବାକୁ ମିଳିଥିଲା। ୟୁଏଇ ବିପକ୍ଷ ମ୍ୟାଚ୍ ରାତି ୮ଟାରେ ଖେଳାଯିବାକୁ ଥିବାବେଳେ ପାକିସ୍ତାନ ଖେଳାଳିମାନେ ୭ଟା ସୁଦ୍ଧା ଷ୍ଟାଡିୟମରେ ପହଞ୍ଚି ନ ଥିଲେ। ଭାରତ ବିପକ୍ଷ ମ୍ୟାଚରେ 'ହାତ ନ ମିଳାଇବା' ପ୍ରସଙ୍ଗକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ଜିଦିରେ ଅଡ଼ି ବସିଥିଲା। ଏପରିକି ଅଧିନାୟକ ସଲମାନ ଅଲି ଆଘାଙ୍କ ସମେତ ସମସ୍ତ ପାକିସ୍ତାନ ଖେଳାଳି, ପ୍ରଶିକ୍ଷକ, ସହପ୍ରଶିକ୍ଷକ ଟିମ୍ ହୋଟେଲରୁ ବାହାରି ନ ଥିଲେ। ପାକିସ୍ତାନ ବୋର୍ଡ ଏସିଆ କପ୍ର ବଳକା ମ୍ୟାଚ୍ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ପରେ ପିସିବି ଅଧ୍ୟକ୍ଷ ମୋହସିନ ନକଭି ଓ ଖେଳାଳିଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ଶେଷରେ ପାକିସ୍ତାନ ଦଳ ଟିମ୍ ହୋଟେଲରୁ ଷ୍ଟାଡିୟମ ଅଭିମୁଖେ ବାହାରିଥିଲା। ଫଳରେ ମ୍ୟାଚ୍ ଆରମ୍ଭ ହେବାରେ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ଏନେଇ ବ୍ରଡକାଷ୍ଟ ସଂସ୍ଥା ପକ୍ଷରୁ ଅଫିସିଆଲ୍ ଭାବେ ମଧ୍ୟ ମ୍ୟାଚ୍ ଏକ ଘଣ୍ଟା ବିଳମ୍ବ ଅର୍ଥାତ ରାତି ୯ଟାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଏହାପରେ ପାକିସ୍ତାନ ଖେଳାଳିମାନେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚି ୱାର୍ମଅପ୍ ଆରମ୍ଭ କରିଥିଲେ। ଉଭୟ ପାକିସ୍ତାନ ଓ ୟୁଏଇ ପାଇଁ ଏହି ଗ୍ରୁପ୍-ବି' ମ୍ୟାଚ୍ ବେଶ୍ ଗୁରୁତ୍ୱ ରଖୁଛି। ଉଭୟ ଦଳ ୨ଟି ଲେଖାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ଲେଖାଏ ପାଇଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ସୁପର-୪ରେ ପ୍ରବେଶ କରିବ।

**DP WORLD ASIA CUP — ଆଜିର ମ୍ୟାଚ୍**
**ଶ୍ରୀଲଙ୍କା-ଆଫଗାନିସ୍ତାନ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ଫଖରଙ୍କ ଅର୍ଦ୍ଧଶତକ; ସିମରନଜିତ୍ଙ୍କୁ ୩ ୱିକେଟ୍

ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ୟୁଏଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩ ଓଭରରେ ୯ ରନ ମଧ୍ୟରେ ଦୁଇ ଓପନର୍ଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶାହିବଜାଦ ଫରହାନ (୫ ରନ) ଓ ସଇମ ଆୟୁବ (୦)ଙ୍କୁ ଆଉଟ୍ କରି ଜୁନୈଦ ସିଦ୍ଦିକ ୟୁଏଇକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଖେଳାଳି ଫଖର ଜମାନ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ପାକିସ୍ତାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଜମାନ ୩୬ ବଲରେ ୨ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମନ ଆଘା ୨୦, ମହମ୍ମଦ ହାରିସ ୧୮ ଓ ଶାହୀନ ଆଫ୍ରିଦୀ ୧୪ ବଲରେ ଅପରାଜିତ ୨୯ ରନର ପାଳି ଖେଳିଥିଲେ। ବୋଲିଂରେ ୟୁଏଇ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ବାମହାତୀ ସ୍ପିନର ସିମରନଜିତ୍ ସିଂହ ଓ ସିଦ୍ଦିକ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

**ଚାଇନା ମାଷ୍ଟର୍ସ ବ୍ୟାଡ୍ମିଣ୍ଟନ**

## ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ, ସିନ୍ଧୁ

ସେନ୍ଝେନ,୧୭।୯ (ଏଜେନ୍ସି): ଚୀନ୍ର ସେନ୍ଝେନ୍ ଏରିନାରେ ଆରମ୍ଭ ହୋଇଥିବା ୧୨ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକସାଇରଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ପୁରୁଷ ଏକକ ପ୍ରତିଯୋଗିତାରୁ ଯୁବ ତାରକା ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ତେବେ ମହିଳା ଏକକ ଅଭିଜ୍ଞ ଭାରତୀୟ ଖେଳାଳି ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ର-କ୍ୱାର୍ଟରକୁ ଉଠିଛନ୍ତି।

ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ୨୪-୨୨, ୨୧-୧୩ ସିଧାସଳଖ ଗେମ୍ରେ ମାତ୍ର ୪୨ ମିନିଟ୍ରେ ମାଲେସିଆର ଜୁନେଦ ଆରିଫ୍ ଓ ୟାପ୍ ରଏ କିଙ୍ଗ୍ଙ୍କୁ ପରାସ୍ତ କରିଥିଲେ। ସେହିପରି ଲକ୍ଷ୍ୟ ସେନ୍ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ୧୧-୨୧, ୧୦-୨୧ରେ ଫ୍ରାନ୍ସର ଟୋମା ଜୁନିଅର ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ବିଭାଗରେ ସିନ୍ଧୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଡେନମାର୍କର ଜୁଲି ଡାବାଲ ଜାକବସେନଙ୍କୁ ୨୧-୫, ୨୧-୧୦ ସିଧାସଳଖ ଗେମ୍ରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟ କୌଣସ ବିଭାଗରେ ଭାରତୀୟ ଖେଳାଳିମାନେ ଅଗ୍ରଗତି କରିପାରି ନାହାନ୍ତି।

**ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍**

## ପ୍ରଥମଥର ବୋଲିଂ ମାନ୍ୟତା ଶୀର୍ଷରେ ବରୁଣ ଚକ୍ରବର୍ତ୍ତୀ



ଦୁବାଇ,୧୭।୯(ଏଜେନ୍ସି): ଭାରତୀୟ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ ଆଇସିସି ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୩ଟି ପାହାଚ ଉପରକୁ ଉଠି ୭୩୩ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜ୍ୟାକବ ଡଫି ୨ୟ ସ୍ଥାନକୁ ଖସିଯାଇଛନ୍ତି। ଫଳରେ ଯଶପ୍ରୀତ ବୁମ୍ରା ଓ ରବି ବିଷ୍ଣୋଇଙ୍କ ପରେ ତୃତୀୟ ଭାରତୀୟ ବୋଲର ଭାବେ ବରୁଣ ବୋଲିଂ ର୍ୟାଙ୍କିଙ୍ଗର ନଂ୧ ସ୍ଥାନ ଅଧିକାର କରିଛନ୍ତି। ବରୁଣଙ୍କ ସହ ରବି ବିଷ୍ଣୋଇ (୮ମ) ମଧ୍ୟ ଟପ୍-୧୦ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ବରୁଣ ୟୁଏଇରେ ଚାଲିଥିବା ଏସିଆ କପ୍ରେ ଦମ୍ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ସେ ୟୁଏଇ ବିପକ୍ଷ ପ୍ରଥମ ମୁକାବିଲାରେ ଦୁଇ ଓଭର ବୋଲିଂ କରି ମାତ୍ର ୪ ରନରେ ଦେଇ ଗୋଟିଏ ୱିକେଟ ଓ ପାକିସ୍ତାନ ବିପକ୍ଷରେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ତାଲିକାରେ ୱେଷ୍ଟଇଣ୍ଡିଜର ଅକିଲା ହୁସେନ ତୃତୀୟ, ଅଷ୍ଟ୍ରେଲିଆ ଆଦାମ ଜାମ୍ପା ଚତୁର୍ଥ, ଇଂଲଣ୍ଡର ଆଦିଲ ରସିଦ ୫ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟତମ ଭାରତୀୟ ରବି ବିଷ୍ଣୋଇ ୬୬୧ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛନ୍ତି।

ବ୍ୟାଟିଂ ତାଲିକାରେ ହାର୍ଡ ହିଟିଂ ବ୍ୟାଟର ତଥା ଭାରତୀୟ ଓପନର ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଭିଷେକ ୮୮୪ ପଏଣ୍ଟ ସହ କ୍ୟାରିଅରର ସର୍ବାଧିକ ପଏଣ୍ଟ ପାଇଛନ୍ତି। ଇଂଲଣ୍ଡ ଫିଲ ସଲ୍ଟ ଦ୍ୱିତୀୟ, ଜୋଶ ବଟଲର ତୃତୀୟ, ଭାରତର ତିଳକ ବର୍ମା ୭୨୯ ପଏଣ୍ଟ ସହ ଚତୁର୍ଥ ଓ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ ୫ମ ସ୍ଥାନରେ ରହିଛନ୍ତି। ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭୪୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଭାରତର ଅଭିଷେକ ଶର୍ମା ୪ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି। ପାକିସ୍ତାନର ସଇମ ଆୟୁବ ୪ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି।

**ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ**

## ଦଳରୁ ବାଦ୍ ପଡ଼ିଲେ ଜେମିମା ରୋଡ୍ରିଗ୍ସେଜ

ନୂଆ ଚଣ୍ଡିଗଡ଼, ୧୭।୯ (ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷ ଦିନିକିଆ ସିରିଜର ଶେଷ ଦୁଇଟି ମୁକାବିଲାରୁ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ ବାଦ୍ ପଡିଛନ୍ତି। ଫଳରେ ଘରୋଇ ଭାରତୀୟ ମହିଳା ଦଳକୁ ଜବରଦସ୍ତ ଝଟ୍କା ଲାଗିଛି। ଭୂତାଣୁ ଜନିତ ସଂକ୍ରମଣ ଓ ଦୁର୍ବଳତା କାରଣରୁ ସେ ବୁଧବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଖେଳିପାରି ନାହାନ୍ତି। ସେହିପରି ସେ ୨୦ ତାରିଖ ଶନିବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିପାରିବେ ନାହିଁ। ମଧ୍ୟକ୍ରମ ବ୍ୟାଟର ଜେମିମାଙ୍କ ବଦଳ ଖେଳାଳି ଭାବେ ଷ୍ଟାଣ୍ଡବାଇ ଖେଳାଳି ତେଜାଲ ହାସବନିସ୍ଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ତାଙ୍କୁ ଦ୍ୱିତୀୟ ଦିନିକିଆରେ ଖେଳାଯାଇ ନାହିଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ଜେମିମାଙ୍କ ଚିକିତ୍ସା ତଥା ଦେଖାଶୁଣା କରୁଛି। ସେ ବିଶ୍ୱକପ୍ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ପୂର୍ବରୁ ୧୪ ତାରିଖରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ରେ ଭାରତ ୮ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ମହିଳା ଦିନିକିଆ ବିଶ୍ୱକପ୍ର ୧୩ତମ ସଂସ୍କରଣକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ।

## ସିବିଏସ୍ଇ ଜାତୀୟ ବାଳିକା ହକି ଉଦ୍ଯାପିତ



ଭୁବନେଶ୍ୱର, ୧୪।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସିବିଏସଇ ଜାତୀୟ ବାଳିକା ହକି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ୩ଟି ବୟସ ବର୍ଗ ୧୪ ବର୍ଷରୁ କମ, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ୧୪ ବର୍ଷରୁ କମ୍ ବର୍ଗରେ ପାନିପତ୍ର ଆର୍ଯ୍ୟା ବାଳିକା ପବ୍ଲିକ ସ୍କୁଲ ୭-୦ ଗୋଲରେ ନ୍ୟୁ ବମ୍ବେ ସିଟି ସ୍କୁଲକୁ ହରାଇ ଚାମ୍ପିଅନ ହୋଇଥିଲା। ସେହିଭଳି ୧୭ ବର୍ଷରୁ କମ୍ରେ ସୋନିପତ୍ର ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ୮-୦ ଗୋଲ୍ରେ ତାମିଲନାଡୁର ସଚିଦାନନ୍ଦ ବିଦ୍ୟା ନିକେତନକୁ ହରାଇ ଟାଇଟଲ୍ ହାସଲ କରିଥିଲା। ୧୯ ବର୍ଷରୁ କମ୍ ବର୍ଗର ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ରହିଥିଲା। ଏଥିରେ ଲିଟିଲ ଆଞ୍ଜେଲ ସ୍କୁଲ ୧-୦ ଗୋଲରେ ହରିଦ୍ୱାରର ଶ୍ରୀରାମ ବିଦ୍ୟା ମନ୍ଦିରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ ଅତିଥିଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଲଳିତ କୁମାର କପିଳ, ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି କିଟ୍ ଓ କିସ୍ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉଦ୍ଘାଟିତ



କଟକ,୧୭।୯ (ସମିସ):

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ବୁଧବାର ସନ୍ଧ୍ୟାରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଉଦ୍ଘାଟିତ ହୋଇଯାଇଛି। ଲିଗ୍ର ବ୍ରାଣ୍ଡଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ରଫି ଅନାବରଣ କରିବା ସହ ଲିଗ୍ ଉଦ୍ଘାଟନ କରିଥିଲେ। ଲିଗ୍ର ସଫଳ ଆୟୋଜନ ଏବଂ ଖେଳାଳିଙ୍କୁ ପ୍ରୋତ୍ସାହନ ନିମନ୍ତେ ଜଣେ ବ୍ରାଣ୍ଡଆମ୍ବାସଡର ଭାବେ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଇର୍ଫାନ ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଏଭଳି ବଡ଼ ମଞ୍ଚରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଇର୍ଫାନ ଓଡ଼ିଆ ଖେଳାଳିଙ୍କୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓପିଟିଏଲର ସଫଳତା କାମନା କରିଥିଲେ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ଟାଇଗର୍ସ ଏବଂ କଟକ ପାନ୍ଥର୍ସ ମଧ୍ୟରେ ଉଦ୍ଘାଟନୀ ମୁକାବିଲା ହୋଇଥିଲା। ଲିଗ୍ ଉଦ୍ଘାଟନ ପୂର୍ବରୁ ବାରବାଟୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ସେହିଭଳି ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୨ଟାରେ କେନ୍ଦୁଝରର ମାଇନର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଲଢ଼େଇ ହେବ। ସେହିଭଳି ରାତି ୭ଟାରେ ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନକୋଡ (ଓଟିଟି)ରେ ସିଧାପ୍ରସାରଣ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୬ରେ ଉଦ୍ଯାପିତ ହେବ। ମୋଟ୍ ୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଗତକାଲି ସମସ୍ତ ଦଳରଯ ଜର୍ସି ଉନ୍ମୋଚିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS